# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୩୧/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, May 31/2021 | ★★★★

୪୭ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**କନ୍ଷ୍ଟ୍ରକଶନ୍ କାମ କରୁଛନ୍ତି ଶିଳ୍ପା**

କରୋନା କଟକଣା ଯୋଗୁ ଟେଲିଭିଜନ ଶୋ' ଶୁଟିଂ ବନ୍ଦ ଥିବାରୁ କନଷ୍ଟ୍ରକ୍ଶନ୍ ସାଇଟ୍‌ରେ କାମ କରୁଛନ୍ତି ଅଭିନେତ୍ରୀ ଶିଳ୍ପା ଶିନ୍ଦେ।

୧୦

୧୨

**ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କୁ ହରାଇଲେ ଆନେଲିନା**

ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ନାମେଣ୍ଟ ପ୍ରଥମ ରାଉଣ୍ଡରେ ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଞ୍ଜେଲିକ୍ କର୍ବରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି ଆନେଲିନା କାଲିନିନା।



# ୩ରେ କେରଳ ଛୁଇଁବ ମୌସୁମୀ



**ନୂଆଦିଲ୍ଲୀ,୩୦।୫**

ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। ଦେଶରେ ଏଇଠୁ ଆରମ୍ଭ ହୋଇଥାଏ ୪ ମାସିଆ ବର୍ଷାଋତୁ। କିନ୍ତୁ ଏଥର ପୂର୍ବାନୁମାନଠାରୁ ଆଉ ୨ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୩ରେ କେରଳକୁ ଆସିପାରେ। ଏନେଇ ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, କର୍ନାଟକ ଉପକୂଳରେ ସାଇକ୍ଲୋନିକ୍ ସର୍କ୍ୟୁଲେଶନ୍ ଯୋଗୁ ଦକ୍ଷିଣପଶ୍ଚିମ ମୌସୁମୀ ଆଗକୁ ବଢ଼ିବାରେ ବାଧା ସୃଷ୍ଟି ହୋଇଛି। ଜୁନ୍ ୧ରୁ ଧୀରେ ଧୀରେ ଦକ୍ଷିଣ ପଶ୍ଚିମା ପବନର ଶକ୍ତି ବୃଦ୍ଧି ଘଟିପାରେ। ଏହା କେରଳରେ ବୃଷ୍ଟିପାତ ଗତିବିଧିକୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ଏପରି ହେବା ଦ୍ୱାରା କେରଳକୁ ମୌସୁମୀ ଆସିବା ୩ ତାରିଖ ପର୍ଯ୍ୟନ୍ତ ବିଳମ୍ବିତ ହୋଇପାରେ। ଦକ୍ଷିଣପଶ୍ଚିମା ପବନର ନିମ୍ନସ୍ତର ବଳଶାଳୀ ହେଲେ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର ବିଭିନ୍ନ ସ୍ଥାନରେ ଆସନ୍ତା ୫ ଦିନ ମଧ୍ୟରେ ବର୍ଷା ହେବ। ପ୍ରକାଶ ଯେ, ଚଳିତ ବର୍ଷ ମେ' ୩୧ରେ (ପ୍ରାୟ ୫ ଦିନ ଆଗୁଆ କିମ୍ବା ପଛୁଆ) କେରଳକୁ ମୌସୁମୀ ଛୁଇଁବ। ଏଥର ମୌସୁମୀଜନିତ ସ୍ୱାଭାବିକ ବର୍ଷା ହେବ ବୋଲି ପୂର୍ବରୁ ଆଇଏମ୍‌ଡି ଆକଳନ କରିଥିଲା।

# ଚାଇନାରେ କରୋନା ଉତ୍ପତ୍ତି

## ବିସ୍ଫୋରକ ତଥ୍ୟ ପ୍ରଘଟ କଲେ ବ୍ରିଟିଶ ଗବେଷକ

**ଲଣ୍ଡନ,୩୦।୫**

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀ ପାଇଁ ସବୁଠୁ ଘାତକ ସାବ୍ୟସ୍ତ ହୋଇଥିବା କୋଭିଡ୍-୧୯ ଭୂତାଣୁର ଉତ୍ପତ୍ତିକୁ ନେଇ ଖୋଳତାଡ଼ ଜାରି ରହିଥିବାବେଳେ ବ୍ରିଟେନର ଗବେଷକମାନେ ଏହା ଉପରୁ ପରଦା ହଟାଇଛନ୍ତି। ନୋଭେଲ କରୋନା ଭାଇରସ୍‌ର କୌଣସି ପୂର୍ବଜ ନାହିଁ। ଚାଇନା ବୈଜ୍ଞାନିକମାନେ ଉହାନ୍ ଲାବ୍‌ରେ କୋଭିଡ୍ ଭୂତାଣୁ ତିଆରି କରିଥିଲେ। ଏହା ପରେ ସେମାନେ ରିଭର୍ସ ଇଞ୍ଜିନିୟରିଂ ଭର୍ସନରେ ଏହି ଘାତକ ଭାଇରସ୍‌କୁ ଲୁଚାଇବା ପାଇଁ ଉଦ୍ୟମ କରିଥିଲେ, ଯେମିତି ଲାଗିବ ଏହା ବାଦୁଡ଼ିଠାରୁ ପ୍ରାକୃତିକ ରୂପେ କ୍ରମବିକଶିତ ହୋଇଛି। ଏହି ନୂଆ ପ୍ରଘଟ ପରେ ଏହାକୁ ଅସ୍ୱୀକାର କରିଆସୁଥିବା ବେଜିଂ ପାଇଁ ଅଡୁଆ ସ୍ଥିତି ଉପୁଜିଛି।

- **କୋଭିଡ୍‌ର କୌଣସି ବିଶ୍ୱସନୀୟ ପୂର୍ବଜ ନାହିଁ**
- **ଉହାନ୍ ଲାବ୍‌ରୁ ହିଁ ଘାତକ ଭୂତାଣୁର ସୃଷ୍ଟି**



କୋଭିଡ୍-୧୯ ଅଦ୍ୟାବଧି ବିଶ୍ୱର ୧୭୦,୬୯୬,୧୫୦ ଜଣଙ୍କୁ ସଂକ୍ରମିତ କରିଛି। ରବିବାର ରାତି ସୁଦ୍ଧା ଏହି ଭାଇରସ୍‌ରେ ଆକ୍ରାନ୍ତ ହୋଇ ୩,୫୫୦,୨୩୪ ଜଣଙ୍କ ମୃତ୍ୟୁ ଘଟିଥିବା ୱାର୍ଲ୍ଡୋମିଟର ପକ୍ଷରୁ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯାଇଛି। ଏହି ଭୂତାଣୁ ଯୋଗୁ ସାରା ବିଶ୍ୱର ଅର୍ଥନୀତି ଉଜୁଡ଼ିଯାଇଛି। ଭାରତ ସମେତ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସଂକ୍ରମିତଙ୍କ ବୋଝ ସମ୍ଭାଳି ନ ପାରି ଭୁଶୁଡ଼ିପଡ଼ିଛି। ତେଣୁ କରୋନାର ମୂଳ କେଉଁଠି ତାହା ଜାଣିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସମେତ ଶକ୍ତିଶାଳୀ ଆମେରିକା ଏବଂ ଅନ୍ୟ ବହୁଳ ପ୍ରଭାବିତ ଦେଶଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି। ଏହିକ୍ରମରେ ନିକଟରେ ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇଥିଲା। ୨୦୧୯ ନଭେମ୍ବରରେ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଅନେକ ଗବେଷକ ଅସୁସ୍ଥ ହୋଇପଡ଼ିଥିବା ନେଇ ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୋଇନ୍ଦା ଅଧିକାରୀମାନଙ୍କୁ କରୋନାର ଜନ୍ମ ବୃତ୍ତାନ୍ତ ଖୋଜିବା ପାଇଁ ନିର୍ଦ୍ଦେଶ ଦେବା ପରେ ଚାଇନା ହଡ଼ବଡ଼େଇ ଯାଇଥିଲା। ଆମେରିକା କୌଣସି ଗମ୍ଭୀର ବୈଜ୍ଞାନିକ ଅଧ୍ୟୟନ ଉପରେ ବିଶ୍ୱାସ କରେନାହିଁ। ମହାମାରୀକୁ ନେଇ କେବଳ ଦୋଷାରୋପ ଓ ରାଜନୀତି କରିବା ଆମେରିକାର ଏକମାତ୍ର ଲକ୍ଷ୍ୟ ବୋଲି କହି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଶୁକ୍ରବାର ତମାମ ଅଭିଯୋଗକୁ ଖଣ୍ଡନ କରିଥିଲେ।


☞ପୃଷ୍ଠା-୪

## ଭିଏତ୍‌ନାମରେ ଭାରତ-ବ୍ରିଟେନ୍‌ର ହାଇବ୍ରିଡ୍ ଭୂତାଣୁ

**ହାନୋଇ,୩୦।୫**

ଭିଏତ୍‌ନାମରେ କରୋନା ଭାଇରସ୍‌ର ଏକ ନୂଆ ଭାରିଆଣ୍ଟ ଠାବ ହୋଇଛି। ଭାରତ ଓ ବ୍ରିଟେନରେ ଦେଖାଯାଉଥିବା ଷ୍ଟ୍ରେନ୍‌ର ମିଶ୍ରଣରେ ଏହି ହାଇବ୍ରିଡ୍ ଭୂତାଣୁର ସୃଷ୍ଟି ବୋଲି ଭିଏତ୍‌ନାମ ସ୍ୱାସ୍ଥ୍ୟମନ୍ତ୍ରୀ ଏନ୍‌ଗୁୟେନ୍ ଥାନ୍‌ହ ଲଙ୍ଗ୍ ରବିବାର ଦାବି କରିଛନ୍ତି। ଲଙ୍ଗ୍ କହିଛନ୍ତି, ନିକଟରେ କେତେଜଣ ସଂକ୍ରମିତଙ୍କଠାରେ ଦେଖାଯାଇଥିବା ଉକ୍ତ ଭାଇରସ୍‌ର ଆନୁବଂଶିକ ଡାଞ୍ଚାକୁ ନେଇ ବୈଜ୍ଞାନିକମାନେ ପରୀକ୍ଷା କରିଥିଲେ। ସେମାନେ ଜାଣିବାକୁ ପାଇଥିଲେ ଯେ, ଭାଇରସ୍‌ର ଏହି ନୂତନ ସଂସ୍କରଣ ଅନ୍ୟ ଭାଇରସ୍‌ଠାରୁ ଅଧିକ ଦ୍ରୁତଗତିରେ ସଂକ୍ରମିତ କରିପାରୁଛି। ଭିଏତ୍‌ନାମରେ ପ୍ରଥମରୁ ସଂକ୍ରମଣ ସେତେଟା ବଢ଼ି ନ ଥିଲା। ମେ' ପହିଲା ଆଡ଼କୁ ସେଠାରେ ୩,୧୦୦ ଜଣ ସଂକ୍ରମିତ ହୋଇଥିବାବେଳେ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ନୂଆ ଭାରଆଣ୍ଟ ଚିହ୍ନଟ ହେବା ପରେ ସଂକ୍ରମିତଙ୍କ ସଂଖ୍ୟା ୩,୫୦୦ ଉପରେ ରହିଛି। ସେହିପରି ଆଉ ୧୨ ଜଣଙ୍କ ମୃତ୍ୟୁ ସହ ମୋଟ ମୃତକଙ୍କ ସଂଖ୍ୟା ୪୭ ଛୁଇଁଛି। ପ୍ରକାଶ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅଦ୍ୟାବଧି ୪ ପ୍ରକାର ଷ୍ଟ୍ରେନ୍‌କୁ ତାଲିକାଭୁକ୍ତ କରିଛି। ସେଗୁଡ଼ିକ ହେଲା ବ୍ରିଟେନ, ଭାରତ, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲରେ ଦେଖାଯାଉଥିବା ଭାଇରସ୍।

## ରାଜ୍ୟରେ ୨୫ ବ୍ଲାକ୍ ଫଙ୍ଗସ୍ ରୋଗୀ, ୩ ମୃତ



**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

କରୋନା ପରେ ବ୍ଲାକ୍ ଫଙ୍ଗସ୍ ଏବେ ସମସ୍ତଙ୍କର ଚିନ୍ତା ବଢ଼ାଇଦେଇଛି। ଓଡ଼ିଶାରେ ଏପର୍ଯ୍ୟନ୍ତ ୨୫ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଥିବାବେଳେ ୩ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅନ୍ୟ ରାଜ୍ୟରେ ହଜାର ହଜାର ବ୍ଲାକ୍ ଫଙ୍ଗସ ରୋଗୀ ଅଛନ୍ତି। କିନ୍ତୁ ଆମ ରାଜ୍ୟରେ ଏହାର ସଂଖ୍ୟା କମ୍ ରହିଛି। ବ୍ଲାକ୍ ଫଙ୍ଗସ୍‌କୁ ନେଇ ସେପରି ସ୍ଥିତି ନାହିଁ। ଭିନ୍ନ ରୋଗର କାରଣ ଯୋଗୁ ୩ଜଣ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଏହି ରୋଗର ଚିକିତ୍ସା ପାଇଁ ଯେଉଁ ଇଞ୍ଜେକ୍ସନ ଦରକାର ତାହା ଯୋଗାଇ ଦେବାକୁ କେନ୍ଦ୍ରକୁ ମାଗିଛୁ। ଯାହା ଆସୁଛି ବଣ୍ଟା ଯାଉଛି। ଆସନ୍ତା ସପ୍ତାହକୁ ସ୍ଥିତି ସୁଧୁରିଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ପାଇଁ ଗାଇଡ୍‌ଲାଇନ କରିବାକୁ ରାଜ୍ୟ ସରକାର ୭ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ କମିଟି ଗଠନ କରିସାରିଛନ୍ତି। ଏହି କମିଟି ପୂରା ଘଟଣା ଉପରେ ନଜର ଓ ତଦାରଖ କରିବ ବୋଲି ସୂଚନା ମିଳିଛି।

# ୧୭ ପର୍ଯ୍ୟନ୍ତ ଲକ୍‌ଡାଉନ୍ ବୃଦ୍ଧି

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଜୁନ୍ ୧ରେ ସରୁଥିବା ଲକ୍‌ଡାଉନ୍‌କୁ ରାଜ୍ୟ ସରକାର ଆଉ ୧୬ ଦିନ ବଢ଼ାଇ ଦେଇଛନ୍ତି। ଜୁନ୍ ୧୭ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧିକୁ ବୃଦ୍ଧି କରାଯାଇଛି। ଲକ୍‌ଡାଉନ୍‌ବେଳେ ପୂର୍ବରୁ ଜାରି ସମସ୍ତ କଟକଣା ବଳବତ୍ତର ରହିବ। ଏଥିସହ ସପ୍ତାହାନ୍ତ ଶଟ୍‌ଡାଉନ୍ କଟକଣା ମଧ୍ୟ ଆଗଭଳି ଜାରି ରହିବ। ଏ ନେଇ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ସଂକ୍ରମଣ କମୁଥିବା ୩ଟି ଜିଲାରେ ଲକ୍‌ଡାଉନ୍ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼। ଏସବୁ ଜିଲାରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସବୁ ଦୋକାନ ଖୋଲା ରହିବ। କେବଳ ସେଲୁନ୍, ପାର୍ଲର ଓ ମଲ୍ ଆଦି ବନ୍ଦ ରହିବ। ଆଗାମୀ ଦିନରେ ସଂକ୍ରମଣ ବୃଦ୍ଧି ପାଇବା ଲକ୍ଷ୍ୟ କରାଗଲେ, ଏହି ୩ ଜିଲା ପାଇଁ କରାଯାଇଥିବା କୋହଳ କଟକଣାକୁ ପ୍ରତ୍ୟାହାର କରାଯିବ। ବାକି ୨୭ ଜିଲାରେ ଅତ୍ୟାବଶ୍ୟକ ଦୋକାନ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ସଂକ୍ରମଣ କମିଲେ ପର୍ଯ୍ୟାୟକ୍ରମେ ଅନ୍ୟ ସବୁ ଜିଲାରେ ବି କଟକଣା କୋହଳ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।




- **ପୂର୍ବ କଟକଣା ବଳବତ୍ତର ରହିବ**
- **ସପ୍ତାହାନ୍ତ ଶଟ୍‌ଡାଉନ୍ ମଧ୍ୟ ଜାରି ରହିବ**
- **୩ ଜିଲା ପାଇଁ କଟକଣା କୋହଳ**

ଲକ୍‌ଡାଉନ୍ ସମୟରେ ସ୍ୱାସ୍ଥ୍ୟସେବା, ଟେଷ୍ଟିଂ, ଟିକାକରଣ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ କୌଣସି କଟକଣା ନାହିଁ। ବାହାଘର, ବ୍ରତଘର, ଭୋଜି, ସାମାଜିକ ଓ ଧାର୍ମିକ ସମାବେଶ ଆଦି ଉପରେ ପୂର୍ଣ୍ଣ କଟକଣା ରହିବ। ତେବେ ମୁଖ୍ୟ ଶାସନ ସଚିବଙ୍କ କହିବାନୁସାରେ, ଲକ୍‌ଡାଉନ୍ ଫଳରେ ରାଜ୍ୟରେ ସଂକ୍ରମଣ

☞ପୃଷ୍ଠା-୪

## ଶୀର୍ଷରେ ପହଞ୍ଚି ସାରିଛି ସଂକ୍ରମଣ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ହାର କମିଛି। ଗତ ୨୨ ତାରିଖରେ ସର୍ବାଧିକ ୧୨,୮୫୨ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ବାତ୍ୟା ପାଇଁ ଟେଷ୍ଟ କମିବାରୁ ପଜିଟିଭ ସଂଖ୍ୟା କମିଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଟେଷ୍ଟ ବଢ଼ିଥିଲେ ବି ସଂକ୍ରମଣ କମ୍ ରହିଛି। ତେଣୁ ମେ ୨୨କୁ ଆମ ରାଜ୍ୟ ପାଇଁ ସଂକ୍ରମଣର ପିକ୍ ବା ଶୀର୍ଷ ଭାବେ ଧରିବାକୁ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି। ରବିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କୋଭିଡ୍ ସଚେତନତା ପରାମର୍ଶ କାର୍ଯ୍ୟକ୍ରମରେ ସେ କହିଲେ, ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ସଂକ୍ରମଣ କମିବା ଆମ ରାଜ୍ୟ ପାଇଁ ଆଶ୍ୱସ୍ତିକର ଖବର। ଏଥିପାଇଁ ଏସବୁ ରାଜ୍ୟର ସୀମାବର୍ତ୍ତୀ ଜିଲାର ସଂକ୍ରମଣ କମୁଛି। ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ସଂକ୍ରମଣ କମୁଥିଲେ ବି ବିପଦ ରହିଛି। ସେଥିପାଇଁ ଏବେ ବି

☞ପୃଷ୍ଠା-୪

**ମେ' ୨୨ରେ ସର୍ବାଧିକ ୧୨,୮୫୨ ଚିହ୍ନଟ ହୋଇଥିଲେ**

- **୯ ଜିଲାରେ ରାଜ୍ୟର ୬୦% ସଂକ୍ରମଣ**
- **୧୯ ଜିଲାରେ କମୁଛି, ୫ ଜିଲାରେ ୫% ତଳେ**
- **ରଜ, ସାବିତ୍ରୀରେ ସତର୍କ ରହିବାକୁ ରାଜ୍ୟବାସୀଙ୍କୁ ପରାମର୍ଶ**

## ଦସ୍ତାବିଜ ନେଇ ଡୋମିନିକା ଗଲା ବିମାନ

**ଚୋକ୍‌ସୀଙ୍କ ପ୍ରତ୍ୟର୍ପଣ**

**ନୂଆଦିଲ୍ଲୀ,୩୦।୫**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ୧୩,୫୦୦ କୋଟି ଟଙ୍କା ଋଣ ଦୁର୍ନୀତି ପଦାକୁ ଆସିବା ପରେ ଫେରାର ହୋଇଯାଇଥିବା ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କୁ ସ୍ୱଦେଶକୁ ଆଣିବା ପାଇଁ ଭାରତ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି। ତାଙ୍କୁ ପ୍ରତ୍ୟର୍ପଣ କରି ଆଣିବା ଲାଗି ଭାରତ ପକ୍ଷରୁ ଆବଶ୍ୟକ ଦସ୍ତାବିଜ ନେଇ ଏକ ଘରୋଇ ବିମାନ ଡୋମିନିକା ଯାଇଛି। କାତାର ଏୟାରୱେଜ୍‌ର ଘରୋଇ ଜେଟ୍ ରବିବାର ଡୋମିନିକାର ଡୁଗ୍‌ଲାସ୍-ଚାର୍ଲସ ବିମାନବନ୍ଦରରେ ଅବତରଣ କରିଛି। ଏନେଇ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଗାଷ୍ଟୋନ୍ ବ୍ରାଉନେ ଏକ ରେଡିଓ ଶୋ'ରେ ସୂଚନା ଦେଇଛନ୍ତି। ତେବେ ଭାରତ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପକ୍ଷେ ଚୋକ୍‌ସୀଙ୍କ ଏକ ଫଟୋ

☞ପୃଷ୍ଠା-୪



ଡୋମିନିକା ପୋଲିସ ହେପାଜତରେ ମେହୁଲ୍ ଚୋକ୍‌ସୀ

**ଆଜିର ସମ୍ପାଦକୀୟ**

**ଚାଇନା ତିଆରି**

**ଆଜିର ମନ୍ତବ୍ୟ**

"ଭାରତ ଏବେ ପୂର୍ବ ତୁଳନାରେ ୧୦ ଗୁଣ ଅଧିକ ଅକ୍ସିଜେନ ଉତ୍ପାଦନ କରୁଛି। ସମସ୍ତେ ଗୋଟିଏ ଟିମ୍ ଭାବେ ଦାୟିତ୍ୱ ତୁଲାଉଥିବାରୁ ଏହା ସମ୍ଭବ ହୋଇଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ତୃତୀୟ ବିବାହ କଲେ ବୋରିସ୍

**ଲଣ୍ଡନ, ୩୦।୫**

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ (୫୬) ଗୋପନ ଭାବେ ପ୍ରେମିକା କେରୀ ସାଇମଣ୍ଡ୍‌ସଙ୍କୁ ଶନିବାର ବିବାହ କରିଛନ୍ତି। ଏହା ବୋରିସ୍‌ଙ୍କ ତୃତୀୟ ବିବାହ। ସାଇମଣ୍ଡ୍‌ସ ବୋରିସ୍‌ଙ୍କଠାରୁ ବୟସରେ ୨୩ ବର୍ଷ ସାନ। ୱେଷ୍ଟମିନ୍‌ଷ୍ଟର କାଥେଡ୍ରାଲଠାରେ ପରିବାର ଲୋକଙ୍କ ଉପସ୍ଥିତିରେ ଉଭୟଙ୍କ ବିବାହ ହୋଇଛି। ୨୦୧୯ରେ ବୋରିସ୍ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସାଇମଣ୍ଡ୍‌ସଙ୍କ ସହ ଏକାଠି ରହିଆସୁଛନ୍ତି। ଗତବର୍ଷ ଉଭୟଙ୍କର ନିର୍ବନ୍ଧ ହୋଇଥିଲା। ୨୦୨୦ ଏପ୍ରିଲରେ ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ବୋରିସ୍ ଓ ସାଇମଣ୍ଡସ୍‌ଙ୍କ ବିବାହ ସମ୍ପର୍କରେ 'ଦି ସନ୍'ରେ ରବିବାର ଏକ ରିପୋର୍ଟ ପ୍ରକାଶ କରିଛି। ସେଣ୍ଟ୍ରାଲ ଲଣ୍ଡନରେ ବିବାହ କାର୍ଯ୍ୟକ୍ରମ ଚାଲିଥିବାବେଳେ ଶେଷ ମୁହୂର୍ତ୍ତରେ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏପରି କି ବୋରିସ୍‌ଙ୍କ ଅଫିସ୍‌ର ଅଧିକାରୀମାନେ ମଧ୍ୟ ତାଙ୍କ ବିବାହ ବିଷୟରେ କୌଣସି ସୂଚନା ପାଇ ନ ଥିଲେ। ସ୍ଥାନୀୟ ସମୟ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ କାଥୋଲିକ୍ କାଥେଡ୍ରାଲ ହଠାତ୍ ବନ୍ଦ ହୋଇଯାଇଥିଲା। ଏହାର ଅଧଘଣ୍ଟା ପରେ ସାଇମଣ୍ଡ୍‌ସ ଏକ ଲମ୍ବା ଧଳା ଗାଉନ୍ ପିନ୍ଧି ସେଠାରେ ପହଞ୍ଚିଥିଲେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ହୋଇଛି। ବୋରିସ୍ ତାଙ୍କ ଦ୍ୱିତୀୟ ସ୍ତ୍ରୀ ମାରିନା ହ୍ୱିଲରଙ୍କଠାରୁ ୨୦୧୮ ସେପ୍ଟେମ୍ବରରେ ଅଲଗା ହୋଇଯାଇଥିଲେ। ମାରିନା ଜଣେ ଓକିଲ ଥିଲେ। ଉଭୟଙ୍କ ୪ ସନ୍ତାନ ରହିଛନ୍ତି। ଆଲେଗ୍ରା ମୋଷ୍ଟିନ-ଓଭେନ ହେଉଛନ୍ତି ବୋରିସ୍‌ଙ୍କ ପ୍ରଥମ ସ୍ତ୍ରୀ। ଆଲେଗ୍ରାଙ୍କ ସହ ୬ ବର୍ଷ ରହିବା ପରେ ବୋରିସ୍ ୧୯୯୩ରେ ତାଙ୍କଠାରୁ ଅଲଗା ହୋଇଯାଇଥିଲେ।



କେରୀ ସାଇମଣ୍ଡସଙ୍କ ସହ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍।

# ଖବରଦାତାଙ୍କୁ ପୋଲିସ ଆକ୍ରମଣ

# ବିଭିନ୍ନ ମହଲରୁ ପ୍ରତିବାଦ ୭

> ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି।

## ଆଦୌ ଗ୍ରହଣୀୟ ନୁହେଁ



ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭଭାବେ ସାମ୍ବାଦିକଙ୍କୁ ସମ୍ମାନ ଦେବା ଉଚିତ। ଏହି ଘଟଣାର ତଦନ୍ତ ପାଇଁ ପୋଲିସ ମହାନିର୍ଦ୍ଦେଶକ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ତଦନ୍ତକରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ଏମ୍‌ପି ତଥା ଜିଲା ବିଜେଡି ସଭାପତି**

## ନିନ୍ଦନୀୟ



ଜଣେ ଗଣମାଧ୍ୟମ ପ୍ରତିନିଧି ଅଞ୍ଚଳର ସବୁପ୍ରକାର ଖବର ସଂଗ୍ରହକରି ସମସ୍ତଙ୍କୁ ଜଣାଉଛି। ଫଳରେ ତଳସ୍ତରର ଲୋକେ ସହଜରେ ଖବର ପାଇପାରୁଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ କ'ଣ ସବୁ କାର୍ଯ୍ୟ କରୁଛନ୍ତି ଏସବୁ ସୂଚନା ଆମେ ଗଣମାଧ୍ୟମରୁ ପାଇପାରୁଛୁ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଯଦି ଆକ୍ରୋଶମୂଳକ ଭାବେ ଆକ୍ରମଣ କରାଯାଏ ତାହା ଗ୍ରହଣୀୟ ନୁହେଁ। ଧରିତ୍ରୀ ଖବରଦାତାଙ୍କୁ ପୁରୀ ପୋଲିସ ଯେଉଁଭଳି ଆକ୍ରମଣ କରିଛି ତାହା ନିନ୍ଦନୀୟ।

**– କିଶୋର କୁମାର ମହାନ୍ତି, ବ୍ରଜରାଜନଗର ବିଧାୟକ**

## ଖବରଦାତାଙ୍କ ସୁରକ୍ଷା ଆବଶ୍ୟକ



ପୁରୀ ଜିଲା 'ଧରିତ୍ରୀ' ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣାରେ ଦୁଃଖ ପ୍ରକାଶ କରୁଛି। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧି ନିଜର ମତବ୍ୟକ୍ତ କରିବାରେ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ଖବର ପ୍ରସାରଣରେ ଗଣମାଧ୍ୟମର ସ୍ୱାଧୀନତା ରହିଛି। ଏଣୁ ଜଣେ ଖବର ସଂଗ୍ରହ କରୁଥିବା ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଖବରଦାତାଙ୍କୁ ସୁରକ୍ଷା ଦିଆଯିବା ଆବଶ୍ୟକ।

**– ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗଞ୍ଜାମ ଜିଲା ବିଜେଡି ସଭାପତି**

## କ୍ଷମତାର ଅପବ୍ୟବହାର ଠିକ୍ ନୁହେଁ



ପୁରୀରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ପ୍ରତି ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରି ମାଡ଼ ମାରିବା ଲାଗି ଅଧିକାର ପାଇଲା କୋଉଠୁ। ଏପରି କ୍ଷମତାର ଅପବ୍ୟବହାର କରିବା ଠିକ୍ ନୁହେଁ। ଏହି ଘଟଣାକୁ ଓଡ଼ିଶା ସାରା ବିରୋଧ କରାଯାଉଛି। ସବୁଠି ଘଟଣାକୁ ନିନ୍ଦା କରାଯାଉଛି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– ମୀନାକ୍ଷୀ ବାହିନୀପତି, କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ**

## ଗଣତନ୍ତ୍ରକୁ ହତ୍ୟା କରାଯାଇଛି



ରାଜ୍ୟ ସରକାର ଖବରଦାତାଙ୍କୁ ଆଗଧାଡ଼ିର କୋଭିଡ୍ ଯୋଦ୍ଧା ମାନ୍ୟତା ଦେଇଛନ୍ତି। କିନ୍ତୁ ସେମାନଙ୍କୁ ପୋଲିସ ଆକ୍ରମଣ କଲେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସରକାର ସମ୍ପୂର୍ଣ୍ଣ ଚୁପ୍ ରହୁଛନ୍ତି। ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ଖବରଦାତାଙ୍କୁ ଆକ୍ରମଣ କଲା। ଏ ନେଇ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ତେଜି ଉଠୁଥିବାବେଳେ ଅଭିଯୁକ୍ତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ମଧ୍ୟ ଜୋର୍ ଧରିଛି। ହେଲେ ରାଜ୍ୟ ସରକାର ହାତ ବାନ୍ଧି ବସିଛନ୍ତି। ଏଥିରୁ ଗଣତନ୍ତ୍ରକୁ ଏଠାରେ ହତ୍ୟା କରାଯାଇଛି ବୋଲି କହିଲେ କିଛି ଭୁଲ୍ ହେବ ନାହିଁ।

**– ନୀହାର ରଞ୍ଜନ ମହାନନ୍ଦ, ବରଗଡ଼ ଜିଲା କଂଗ୍ରେସ ସଭାପତି**

## ଖବରଦାତାଙ୍କ ନିଷ୍ଠା ପ୍ରତି କୁଠାରାଘାତ



ଖବରଦାତାମାନେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ପୋଲିସ ସେମାନଙ୍କୁ ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ସେମାନେ ମଧ୍ୟ କରୋନା ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଏହି ଘଟଣା ସେମାନଙ୍କ ନିଷ୍ଠା ପ୍ରତି କୁଠାରଘାତ।

**– ବିପ୍ଳବ ମିଶ୍ର, କେନ୍ଦୁଝର ଜିଲା କଂଗ୍ରେସ ସଭାପତି**

## ପୋଲିସର ଅମାନବୀୟ କାମ



ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସ ମାଡ଼ ମାରିବା ନିନ୍ଦନୀୟ। ଖବର ସଂଗ୍ରହ କରିବା ଓ ସତ୍ୟ ଖବର ଲୋକଙ୍କ ସମ୍ମୁଖକୁ ଆଣିବା ଖବରଦାତାଙ୍କ କର୍ତ୍ତବ୍ୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅସୁରକ୍ଷିତ ହେଲେ ଗଣତନ୍ତ୍ର ବଞ୍ଚିବ କେମିତି। ଏହି ଘଟଣାରେ ପୋଲିସର କାର୍ଯ୍ୟ ସମ୍ପୂର୍ଣ୍ଣ ଅମାନବୀୟ। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଜରୁରୀ।

**– ଗୌରୀଶ୍ୟାମ ପଣ୍ଡା, ସୁବର୍ଣ୍ଣପୁର ଜିଲା କଂଗ୍ରେସ ସଭାପତି**

## କଠୋର କାର୍ଯ୍ୟାନୁଷ୍ଠାନ ହେଉ



'ଧରିତ୍ରୀ' ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କ ଉପରେ ପୋଲିସର ଆକ୍ରମଣ ଶୋଭନୀୟ ନୁହେଁ। କରୋନା ସମୟରେ ଖବରଦାତାମାନେ ସମସ୍ତ ତଥ୍ୟ ଯୋଗାଡ଼ କରି ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇ ଦିଅନ୍ତୁ।

**– ସଞ୍ଜୀବ ଗିରି, ବାଲେଶ୍ୱର ଜିଲା କଂଗ୍ରେସ ସଭାପତି**

## କଣ୍ଠରୋଧ ପାଇଁ ପ୍ରୟାସ



ପୁରୀରେ କର୍ତ୍ତବ୍ୟରତ ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ବଡ଼ଶଙ୍ଖଠାରେ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଏହା ପୋଲିସର ସ୍ୱେଚ୍ଛାଚାରିତା ପ୍ରଦର୍ଶନ କରୁଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୋଧ ପାଇଁ ପ୍ରୟାସ ହୋଇଛି। ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛି।

**– କିଶୋର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି**

## ପୋଲିସ ଅମାନୁଷିକ ହୋଇଯାଇଛି



ଏଇ କିଛିବର୍ଷ ହେଲା ଓଡ଼ିଶା ପୋଲିସର ଖବରଦାତାଙ୍କ ପ୍ରତି ବ୍ୟବହାର ବଦଳି ଯାଇଛି। ପୋଲିସ ଅତିମାତ୍ରାରେ ଅମାନୁଷିକ ହୋଇଯାଇଛି। ତା'ର ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀ ଘଟଣା। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ମାଡ଼ ମାରିବା କୌଣସି ପରିସ୍ଥିତିରେ ବି ଗ୍ରହଣୀୟ ନୁହେଁ। ମାଡ଼ ମାରିଥିବା ପୋଲିସ ଅଧିକାରୀ ତୁରନ୍ତ ଗିରଫ ହେବା ଦରକାର।

**– ଶିବାଜୀ ମହାନ୍ତି, ବଲାଙ୍ଗୀର ଜିଲା ଭାଜପା ସଭାପତି**

## ଘଟଣାର ପୁନରାବୃତ୍ତି ନ ହେଉ



ପୁରୀରେ ପୋଲିସ ଧରିତ୍ରୀ ସାମ୍ବାଦିକଙ୍କ ଉପରେ ଆକ୍ରମଣ କରିବା ନିନ୍ଦନୀୟ। ଦୋଷୀ ପୋଲିସ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଯେପରି ଅନ୍ୟ ଜିଲାରେ ଏହି ଘଟଣାର ପୁନରାବୃତ୍ତି ନ ହେବ।

**– ଦେବେନ୍ଦ୍ର ମହାନ୍ତି, କଳାହାଣ୍ଡି ଜିଲା ଭାଜପା ସଭାପତି**

## ଚୁପ କରିବା ପ୍ରୟାସ ବନ୍ଦ ହେଉ



ପୁରୀରେ ଧରିତ୍ରୀର ସାମ୍ବାଦିକଙ୍କ ଉପରେ ପୋଲିସ କର୍ମଚାରୀଙ୍କ ଆକ୍ରମଣ ଘଟଣା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ପୋଲିସର ଜୁଲୁମଗିରି, ଦାଦାଗିରିକୁ ଦୃଢ ନିନ୍ଦା କରୁଛି। ଭବିଷ୍ୟତରେ ଶାନ୍ତିପ୍ରିୟ ସରଳ, ନିରୀହ ଲୋକଙ୍କୁ ଏଭଳି ବ୍ୟବହାର କରା ନ ଯାଉ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକଙ୍କୁ ମାଡ଼ମାରି ଚୁପ କରିବା ପ୍ରୟାସ ବନ୍ଦ ହେଉ।

**– ମୀନକେତନ ପ୍ରଧାନ, ଦେବଗଡ଼ ଜିଲା ଭାଜପା ସଭାପତି**

## ଏହା ଗଣତନ୍ତ୍ର ଉପରେ ଆକ୍ରମଣ



ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ। ସରକାର କରୋନା ମହାମାରୀ ସମୟରେ ଖବରଦାତାଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ସେମାନଙ୍କ ଉପରେ ଆକ୍ରମଣ ଅର୍ଥ ଗଣତନ୍ତ୍ର ଉପରେ ଆକ୍ରମଣ। ଏଣୁ ଏଭଳି ହେବା ଆଦୌ ଠିକ୍ ନୁହେଁ।

**– ସବୁଜ ଅଂଶୁମାନ ମହାନ୍ତ ବର୍ମା, କେନ୍ଦୁଝର ଜିଲା ଭାଜପା ସଭାପତି**

## କ୍ଷମତାର ଅପବ୍ୟବହାର



ଧରିତ୍ରୀ ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସ ମାଡ଼ ମାରିବା ଶତ ପ୍ରତିଶତ ଭୁଲ୍। ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ। କୋଭିଡ୍ ସମୟରେ ଖବରଦାତାମାନେ ନିରବଚ୍ଛିନ୍ନ ଖବର ପରିବେଷଣ କରୁଥିବାରୁ ରାଜ୍ୟ ସରକାର ସେମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଧରିତ୍ରୀ ପୁରୀ ଜିଲା ପ୍ରତିନିଧି ଖବର ସଂଗ୍ରହ କରୁଥିବା ବେଳେ ପୋଲିସ ବଳ ପ୍ରୟୋଗ କରିବା, ମାଡ଼ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ପୋଲିସ ଆଇନକୁ ସମ୍ମାନ ଦେବା ପରିବର୍ତ୍ତେ କ୍ଷମତାର ଅପବ୍ୟବହାର କରିଛି। ତେଣୁ ଅଭିଯୁକ୍ତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ସତ୍ୟବ୍ରତ ମହାପାତ୍ର, ଜଗତ୍‌ସିଂହପୁର ଜିଲା ଭାଜପା ସଭାପତି**

## ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ



ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଆକ୍ରମଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଉପରେ ସରକାର ପଦକ୍ଷେପ ନେବା ସହ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଆବଶ୍ୟକ। ଆଗକୁ ଯେଭଳି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ପଦକ୍ଷେପ ନେବା ଜରୁରୀ। ସଂଘ ତରଫରୁ ଏହି ଘଟଣାର କଡ଼ା ନିନ୍ଦା କରୁଛୁ।

**– ସମରେନ୍ଦ୍ର ବେହେରା, ସଭାପତି, ବ୍ୟବସାୟୀ ସଂଘ, ପୁରୁଣାକଟକ ହରଭଙ୍ଗା ବ୍ଲକ, ବୌଦ୍ଧ**

## ପୋଲିସ ମାର୍ଜିତ, ଶୃଙ୍ଖଳିତ ହେଉ



ପୁରୀରେ କାର୍ଯ୍ୟରତ ଖବରଦାତାଙ୍କୁ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ପୁରୀରେ ସାଧାରଣ ଜନତାଙ୍କ ପ୍ରତି ପୋଲିସର ବ୍ୟବହାର ଦିନକୁ ଦିନ ରୁକ୍ଷ ହେବାରେ ଲାଗିଛି। ଅନ୍ତର୍ଜାତୀୟ ପର୍ଯ୍ୟଟନ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଖବରଦାତାଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ପୋଲିସ ନିଜ ଆଚରଣରେ ପରିବର୍ତ୍ତନ ଆଣୁ। ପୋଲିସ କର୍ମଚାରୀ ଏବଂ ଅଧିକାରୀଙ୍କୁ ମାନବିକତାର ଏବଂ ଶୃଙ୍ଖଳା ଜ୍ଞାନ ଦରକାର।

**– ପ୍ରଭାତ ମିଶ୍ର, ଜିଲା ସଭାପତି ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା**

## ପୋଲିସର ଦାୟିତ୍ୱ ମାଡ଼ ମାରିବା ନୁହେଁ



କରୋନା ସମୟରେ ସରକାର ଏବଂ ଜନତାଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧିମାନେ ସମନ୍ୱୟ ରକ୍ଷା କରୁଛନ୍ତି। ଜଣେ ଉଠାଦୋକାନୀଙ୍କୁ ପୋଲିସର ମାଡ଼କୁ ନେଇ ପ୍ରଶ୍ନ ପଚାରିବାରୁ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଗ୍ରହଣୀୟ ନୁହଁ। ପୋଲିସର ଦାୟିତ୍ୱ ଆଇନଶୃଙ୍ଖଳା ରକ୍ଷା କରିବା। ମାଡ଼ ମାରିବା ନୁହେଁ। ଖବରଦାତାଙ୍କୁ ବର୍ବରତା ପୂର୍ବକ ଆକ୍ରମଣ ଘଟଣାକୁ ଦୃଢ଼ ଭାବେ ନିନ୍ଦା କରୁଛି।

**– ଅଜିତ୍ ପଟ୍ଟନାୟକ, ସଭାପତି, ଖୋର୍ଦ୍ଧା ଓକିଲ ସଂଘ**

## ପୋଲିସ ବର୍ବରତା ପୂର୍ବକ ଆଚରଣ କରୁଛି



ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣକୁ ମୁଁ ଦୃଢ଼ ନିନ୍ଦା କରୁଛି। ଗଣତନ୍ତ୍ର ରାଷ୍ଟ୍ରରେ ଏହା ଗ୍ରହଣୀୟ ନୁହଁ। କୋଭିଡ୍‌ରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ସମୟରେ ଲୋକଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ପୋଲିସ ବର୍ବରତା ପୂର୍ବକ ଆଚରଣ କରୁଛି। ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ରଞ୍ଜିତ୍ ମହାପାତ୍ର, ସଭାପତି ନଗର କଂଗ୍ରେସ କମିଟି, ଖୋର୍ଦ୍ଧା**

## ଅତ୍ୟନ୍ତ ଦୁଃଖଦାୟକ



ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିଛନ୍ତି। ତେଣୁ ସେମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରୁଛନ୍ତି। ମାତ୍ର ଖବରଦାତାଙ୍କ ପ୍ରତି ପୋଲିସର କଦର୍ଯ୍ୟ ମନୋଭାବ ଅତ୍ୟନ୍ତ ଦୁଃଖଦାୟକ। ପୋଲିସର ଏଭଳି ବ୍ୟବହାରକୁ ମୁଁ ନିନ୍ଦା କରୁଛି।

**– ଦେବରାଜ ବେହେରା, ସଭାପତି ଚଣ୍ଡିଖୋଲ ବାର୍ ଆସୋସିଏଶନ**

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



ଉଠାଦୋକାନୀମାନେ ପରିବାର ଚଳାଇବା ପାଇଁ ସଂଘର୍ଷ କରୁଛନ୍ତି। ତେଣୁ ପୋଲିସ ସେମାନଙ୍କୁ ଆକ୍ରମଣ କରିବା ଠିକ୍ ନୁହେଁ। ଅନ୍ୟପକ୍ଷରେ ସାମ୍ବାଦିକଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିଛନ୍ତି। କିନ୍ତୁ ପୋଲିସ ସେମାନଙ୍କୁ ଆକ୍ରମଣ କରିବା ନିନ୍ଦନୀୟ ଘଟଣା। ତେଣୁ ଉଠାଦୋକାନୀ ଓ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

**– ମହେଶ୍ୱର ବଳ, ସର୍ବଭାରତୀୟ ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜ୍ୟ ସଭାପତି**

## ପୋଲିସ କର୍ତ୍ତବ୍ୟ ଭୁଲିଯାଇଛି



ପୁରୀରେ କାର୍ଯ୍ୟରତ 'ଧରିତ୍ରୀ'ର ଖବରଦାତାଙ୍କୁ ପୋଲିସ ମାଡ଼ ମାରିବା ଲଜ୍ୟାଜନକ ଘଟଣା। ନିଜ କର୍ତ୍ତବ୍ୟ ଭୁଲିଯାଇଥିବା ଏପରି ପୋଲିସ କର୍ମଚାରୀଙ୍କୁ ବହିଷ୍କାର କରାଯିବା ଉଚିତ। ଏହି ଅମାନବୀୟ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛି।

**– ତ୍ରିପୁରାରୀ ପ୍ରଧାନ, ଆଇନଜୀବୀ ତଥା ପଞ୍ଚାୟତ ସମିତି ଉପାଧ୍ୟକ୍ଷ, କଣିହାଁ**

## ପୋଲିସର କାର୍ଯ୍ୟ ନିନ୍ଦନୀୟ



ମୁହଁ ବନ୍ଦ କରିବା ପାଇଁ ଜଣେ ଖବରଦାତାଙ୍କୁ ପୁରୀ ପୋଲିସ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ଜନସାଧାରଣଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଭଳି ମହତ୍ କାର୍ଯ୍ୟ କରୁଥିବା ଖବରଦାତାଙ୍କୁ ସମ୍ମାନ ପରିବର୍ତ୍ତେ ମାଡ଼ ମରାଯିବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର।

**– ଦେବଦତ୍ତ ପ୍ରସାଦ ପ୍ରଧାନ, ଶ୍ରମିକ ନେତା, କଣିହାଁ**

## କାର୍ଯ୍ୟାନୁଷ୍ଠାନ ହେଉ



ପୁରୀ ବଡ଼ଶଙ୍ଖଠାରେ ଧରିତ୍ରୀର ଜିଲା ପ୍ରତିନିଧିଙ୍କ ଉପରେ ପୋଲିସର ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଭବିଷ୍ୟତରେ ଯେପରି ଏଭଳି ଅଭାବନୀୟ ଘଟଣା ପୁନର୍ବାର ନ ଘଟିବ ସେଥିପାଇଁ ପ୍ରଶାସନର ମଧ୍ୟସ୍ଥତାରେ ପୋଲିସ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ହେବା ଉଚିତ।

**– ପ୍ରମୋଦ କୁମାର ଜେନା, ସମ୍ପାଦକ, ମା' ଶଙ୍ଖେଶ୍ୱରୀ ବ୍ୟବସାୟୀ ମହାସଂଘ, ପୁରୀ**

## ପୋଲିସର ଅମାନୁଷିକ ଆଚରଣକୁ ବରଦାସ୍ତ କରାଯିବନି



ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ମାଡ଼ ମାରିବା ନିନ୍ଦନୀୟ ଘଟଣା। ରାଜ୍ୟ ସରକାର ସାମ୍ବାଦିକଙ୍କୁ କରୋନା ସମ୍ମୁଖ ଯୋଦ୍ଧା ଘୋଷଣା କରିଥିବାବେଳେ ପୋଲିସର ଏଭଳି ଅମାନୁଷିକ ଆଚରଣକୁ କଦାପି ବରଦାସ୍ତ କରାଯିବ ନାହିଁ। ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍।

**– କ୍ଷେତ୍ରବାସୀ ମହାକୁଡ, ସଭାପତି, କେନ୍ଦୁଝର ୟୁନିୟନ ଅଫ୍ ଜର୍ନାଲିଷ୍ଟ**

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ



ଧରିତ୍ରୀ ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସ ଯେଉଁ ଆକ୍ରମଣ କରିଛି ତାହା ନିନ୍ଦନୀୟ। ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏହାର କିଛିଦିନ ମଧ୍ୟରେ ପୁରୀ ପୋଲିସର ଆକ୍ରମଣ ବହୁତ ଦୁଃଖଦ ଘଟଣା। କରୋନା କାଳରେ ଖବରଦାତା ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ପୋଲିସ କାହିଁକି ଆକ୍ରମଣ କରିଛି ଏହାର ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ନଳିନୀ ରଞ୍ଜନ ମିଶ୍ର, ଖବରଦାତା, କନକ ଟିଭି, ନବରଙ୍ଗପୁର**

## ଆଇନ ବିରୋଧୀ, ଦଣ୍ଡନୀୟ



ଧରିତ୍ରୀ ଖବରଦାତାଙ୍କୁ ପୁରୀରେ ପୋଲିସର ମାରପିଟକୁ ମୁଁ ନିନ୍ଦା କରୁଛି। ରାଜ୍ୟ ସରକାର ଖବରଦାତାଙ୍କୁ ସମ୍ମୁଖ ଯୋଦ୍ଧା ଘୋଷଣା କରିଛନ୍ତି। ତାଙ୍କ ଉପରେ ପୁରୀ ପୋଲିସ ଅକ୍ରମଣ କରିବା ସମସ୍ତ ଜନସାଧାରଣଙ୍କ କଣ୍ଠରୋଧ ସହ ସମାନ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭକୁ ଆକ୍ରମଣ ଖୁବ୍ ନିନ୍ଦନୀୟ ଓ ଦଣ୍ଡନୀୟ। ତେଣୁ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡଦେବା ଜରୁରୀ।

**– ତପନ ଦେବନାଥ, ଉମରକୋଟ ଓକିଲ ସଂଘ ସଭାପତି**

## ପୋଲିସ ବ୍ରିଟିଶ ଶାସନ ଭଳି କାର୍ଯ୍ୟ କରୁଛି



ପ୍ରେସ୍ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ପୁରୀ ଜିଲା ଧରିତ୍ରୀର ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ମାଡ଼ମାରିବା ଘଟଣା ଗଣତନ୍ତ୍ର ପ୍ରତି ଅସମ୍ମାନ। ଏହାକୁ ଘୋର ନିନ୍ଦା କରୁଛି। ପୋଲିସ ବ୍ରିଟିଶ ଶାସନ ଭଳି କାର୍ଯ୍ୟ କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ମନୋଜ କୁମାର ପାଢ଼ୀ, ବରିଷ୍ଠ ଆଇନଜୀବୀ ଦେବଗଡ଼**

## ପୋଲିସର ଗୁଣ୍ଡାଗିରି ଗଣତନ୍ତ୍ର ପ୍ରତି ବିପଦ



କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ମାଡ ମାରିବା ଘଟଣାକୁ ମୁଁ ଦୃଢ ଭାବେ ନିନ୍ଦା କରୁଛି। ଦିନକୁ ଦିନକୁ ଖବରଦାତାଙ୍କ ଉପରେ ପୋଲିସର ଅମାନବୀୟ ଅତ୍ୟାଚାର ଓ ବର୍ବରତା ବଢିବାରେ ଲାଗିଛି। ଜଣେ ଖବରଦାତାଙ୍କ ପ୍ରତି ପୋଲିସର ଗୁଣ୍ଡାଗିରି ଗଣତନ୍ତ୍ର ପ୍ରତି ବିପଦ। ଏଥିରେ ଯେଉଁମାନେ ବି ସମ୍ପୃକ୍ତ, ସେମାନଙ୍କ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– କୁମର ମଣି ଦୁର୍ଗା, ସମ୍ପାଦକ କୁନାଗଡ ସାମ୍ବାଦିକ ସଂଘ**

## ପୋଲିସ ବର୍ବରତା ସୀମା ଟପିଯାଇଛି



ପୁରୀ ପୋଲିସର ବର୍ବରତା ସୀମା ଟପିଯାଇଥିବା ମନେ ହେଉଛି। ଖବର ସଂଗ୍ରହ ସାମ୍ବାଦିକଙ୍କ ପ୍ରମୁଖ କାମ ହୋଇଥିବା ବେଳେ ତାଙ୍କୁ କୌଣସି ପ୍ରକାରେ ଏଥିରୁ ରୋକାଯିବା ଉଚିତ ନୁହେଁ। ଧରିତ୍ରୀର ପୁରୀ ପ୍ରତିନିଧିଙ୍କ ଉପରେ ପୋଲିସ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଘଟଣା। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ସମ୍ପଦ କୁମାର ଅଗ୍ରୱାଲ, ଦୂରଦର୍ଶନ ସାମ୍ବାଦିକ, ବୌଦ୍ଧ**

## ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ



ରାଜ୍ୟରେ ସବୁ ସମୟରେ ଗଣମାଧ୍ୟମ କର୍ମଚାରୀଙ୍କ ପ୍ରତି ଆକ୍ରମଣ ହେଉଛି। ପୁରୀରେ ଖବରଦାତାଙ୍କ ପ୍ରତି ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ। ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ନିମନ୍ତେ ଗଣମାଧ୍ୟମ ସୁରକ୍ଷା ଆଇନ୍ ପ୍ରଣୟନର ଆବଶ୍ୟକତା ରହିଛି।

**– ସମୀର କୁମାର ଆଚାର୍ଯ୍ୟ, ଖବରଦାତା, ବ୍ରହ୍ମପୁର**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୦୮,୭୪,୨୨୫ | ୩୫,୫୩,୬୮୧ | ୧୫,୨୯,୨୫,୪୬୦ |
| ଭାରତ | ୨,୮୦,୪୧,୩୧୪ | ୩,୨୯,୦୧୪ | ୨,୫୬,୫୯,୬୩୪ |
| ଓଡ଼ିଶା | ୭,୫୬,୬୮୪ | ୨୭୧୯(+୫୩) | ୬,୭୦,୫୨୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ନେଇ ଗୋଷ୍ଠୀ ସଂଘର୍ଷ

### ଉଭୟ ପକ୍ଷରୁ ୧୦ ଆହତ

**ବାହାନଗା,୨୯।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣି ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ନେଇ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷର ୧୦ଜଣ ଆହତ ହୋଇଛନ୍ତି। ସମସ୍ତ ଆହତ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏନେଇ ଉଭୟ ପକ୍ଷରୁ ଗୋପାଳପୁର ଫାଣ୍ଡିରେ ପୃଥକ ଭାବେ ଅଭିଯୋଗ କରାଯାଇଛି। ବାତ୍ୟା ୟାସ୍ ପ୍ରଭାବରେ ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ବ୍ୟାପକ କ୍ଷତି ଘଟିଛି। ବିଶେଷ କରି ସମସ୍ତ ଗ୍ରାମକୁ ବିଦ୍ୟୁତ କିପରି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦିଆଯିବ ସେନେଇ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜେ ରହି କାର୍ଯ୍ୟ ତଦାରଖ କରୁଛନ୍ତି। କଲ୍ୟାଣି ପଞ୍ଚାୟତ ସରପଞ୍ଚ କିଛି ବିଦ୍ୟୁତ ଖୁଣ୍ଟ ଆଣି ଗ୍ରାମରେ ରଖିଥିବା ତାଙ୍କ ସମର୍ଥକମାନେ କହୁଥିବା ବେଳେ ସେହି ଖୁଣ୍ଟକୁ ଅନ୍ୟ ଏକ ଗୋଷ୍ଠୀ ଅନ୍ୟତ୍ର ପୋତି ଦେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ପରେ ହାତାହାତି ଆରମ୍ଭ ହୋଇଯାଇଥିଲା। ଆକ୍ରମଣରେ ଉଭୟପକ୍ଷ ଆହତ ହୋଇଥିଲେ।


# ୨୭ଶହ ଟପିଲା କରୋନା ମୃତ୍ୟୁ

## ୩୩ ମୃତ, ୯,୫୪୧ ଆକ୍ରାନ୍ତ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା କମୁନି। ଗତ କିଛିଦିନ ହେବ ଲଗାତର ଭାବେ ଦୈନିକ କରୋନା ମୃତ୍ୟୁ ୩୦ ଉପରେ ରହୁଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜିଲାରୁ ଆଉ ୩୩ଜଣଙ୍କ ଜୀବନ ନେଇଛି ମହାମାରୀ। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୭୧୯କୁ ବୃଦ୍ଧି ପାଇଛି। ଅନୁଗୋଳ ଜିଲାରୁ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲାରୁ ୩ଜଣ ଲେଖାଏ, କଟକ, ଦେବଗଡ଼, ଗଜପତି, କନ୍ଧମାଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରୁ ୨ ଜଣ ଲେଖାଏ ଏବଂ କୋରାପୁଟ, ଗଞ୍ଜାମ, ମାଲକାନଗିରି ଓ ରାୟଗଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୬,୦୫୭ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୯,୫୪୧ ରିପୋର୍ଟ ପଜିଟିଭ ଆସିଛି। ଏମାନଙ୍କ ମଧ୍ୟରୁ ୫,୩୪୩ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୪,୧୯୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୩୪୨ଜଣ ନୂଆ ଆକ୍ରାନ୍ତ ରହିଛନ୍ତି। ସେହିଭଳି କଟକରୁ ୭୧୬, ମୟୂରଭଞ୍ଜ ୬୯୫, ସୁନ୍ଦରଗଡ଼ ୫୯୫, ଅନୁଗୋଳ ୫୬୨, ପୁରୀ ୫୨୮, ଯାଜପୁର ୪୮୯, ଭଦ୍ରକ ୪୬୪, କଳାହାଣ୍ଡି ୩୧୫, ବାଲେଶ୍ୱର ୩୦୨, ଜଗତ୍‌ସିଂହପୁର



୨୯୯, ବରଗଡ଼ ୨୮୪, ନବରଙ୍ଗପୁର ୨୫୪, ସୁବର୍ଣ୍ଣପୁର ୨୪୫, ନୟାଗଡ଼ ୨୩୦ ଓ ସମ୍ବଲପୁରରୁ ୨୨୯ଜଣ ରହିଥିବାବେଳେ ବାକିସବୁ ଜିଲାରୁ ଏହାଠାରୁ କମ୍ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୭,୫୬,୬୮୪ରେ ପହଞ୍ଚିଛି।

## ପର୍ଯ୍ୟାପ୍ତ ଟିକା ମିଳିଲେ ୩ ମାସରେ ସରିବ ଟିକାକରଣ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

କରୋନା ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ବ୍ୟବସ୍ଥା ହୋଇଛି। ଏହା ମାଧ୍ୟମରେ ୩ କୋଟି ୮୨ ଲକ୍ଷ ଡୋଜ୍ ଟିକା ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପର୍ଯ୍ୟାପ୍ତ ଟିକା ମିଳିଗଲେ ୩ ମାସରେ ସମସ୍ତଙ୍କୁ ଟିକାକରଣ ସରିଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ରାଜ୍ୟରେ ଚାଲିଥିବା ଟିକାକରଣ ସଂକ୍ରାନ୍ତରେ ସୂଚନା ଦେଇ ସେ କହିଛନ୍ତି, ପାଖାପାଖି ୯୮% ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣ ସରିଛି। ୧୦୦% କରୋନା ଯୋଦ୍ଧାଙ୍କୁ ଟିକା ଦିଆଯାଇଛି। ୪୫ ବର୍ଷରୁ ଅଧିକ ବୟସ ବର୍ଗଙ୍କୁ ୪୧% ଟିକାକରଣ ସରିଛି। ଦ୍ୱିତୀୟ ଡୋଜ୍ ଟିକାର ଅବଧି ବଢ଼ିଥିବାରୁ ଏବେ ସମସ୍ୟା ନାହିଁ। ସମସ୍ତଙ୍କୁ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୫ଟି ମହାନଗର ନିଗମରେ ୧୮ରୁ ୪୪ ବର୍ଷ ବୟସ ବର୍ଗଙ୍କୁ ଟିକା ଦିଆଯାଉଛି। ୬ଟି ଜିଲା ସଦର ମହକୁମାରେ ମଧ୍ୟ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକାଦାନ ହେଉଛି। ସେଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, ବରଗଡ଼, ଭବାନୀପାଟଣା, ନବରଙ୍ଗପୁର ଓ କୋରାପୁଟ। ତେବେ ଟିକା ଯୋଗାଣ ବଢ଼ିଲେ ରାଜ୍ୟର ଅନ୍ୟ ଅଞ୍ଚଳରେ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ରାଜ୍ୟରେ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ଓ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଶକ୍ତି ବଢ଼ାଯାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। କୋଭିଡ୍‌ର ଜରୁରିକାଳୀନ ମୁକାବିଲା ପାଇଁ ସବୁବେଳେ ବ୍ୟାକ୍‌ଅପ୍ ପ୍ଲାନ ପ୍ରସ୍ତୁତ କରାଯାଉଛି। ଜରୁରିକାଳୀନ ପରିସ୍ଥିତି ପାଇଁ ୩,୮୦୦ ମ୍ୟାନ୍ ପାୱାର ରିଜର୍ଭ ରଖାଯାଇଛି। ମେଡିକାଲ କଲେଜର ଇଣ୍ଟର୍ନ, ପିଜି ଛାତ୍ର, ଟିଚିଂ ଓ ନର୍ସିଂ କର୍ମଚାରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ସେହିଭଳି ୭୦୦ ଡାକ୍ତରଙ୍କୁ କୋଭିଡ୍ ପାଇଁ ଫିଲ୍ଡରେ ନିୟୋଜିତ କରାଯାଇଥିବାବେଳେ ୭୮୬ଜଣ ନୂଆ ଡାକ୍ତର ଓ ୫,୬୯୫ ଜଣ ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।

## ଅଟୋ ଡିଲରଶିପ୍ ଖୋଲିବାକୁ ଅନୁମତି ମିଳୁ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଏଫ୍‌ଏଡିଏ

**ଭୁବନେଶ୍ୱର,୩୦।୫**

କରୋନା କଟକଣା ଯୋଗୁ ବର୍ତ୍ତମାନ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଅଟୋମୋବାଇଲ ଡିଲରଶିପ୍‌ଗୁଡ଼ିକ ମଧ୍ୟ ବନ୍ଦ ରହିଛି। ଏହି ଡିଲରଶିପ୍‌ଗୁଡ଼ିକୁ ଖୋଲିବାକୁ ଅନୁମତି ଦେବା ଲାଗି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଶନ (ଏଫ୍‌ଏଡିଏ) ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ନିବେଦନ କରାଯାଇଛି।

ଏଥିରେ କୁହାଯାଇଛି ଯେ ସାମାଜିକ ଦୂରତ୍ୱ ପାଇଁ ବର୍ତ୍ତମାନ ସାଧାରଣ ପରିବହନ ଉପରେ କଟକଣା ଲାଗିଥିବାରୁ ଲୋକମାନେ ବ୍ୟକ୍ତିଗତ ଯାନରେ ଯିବାକୁ ପସନ୍ଦ କରୁଛନ୍ତି। ଫଳରେ ଯାନବାହନ ଚାହିଦା ବଢ଼ିଛି। କୋଭିଡ୍ ଯୋଦ୍ଧା, ସମ୍ମୁଖ ଯୋଦ୍ଧା ଏବଂ ଗ୍ରାହକମାନେ ବ୍ୟକ୍ତିଗତ ବ୍ୟବହାର ଲାଗି ପାସେଞ୍ଜର କାର୍ ଏବଂ ୨ ଚକିଆ ଯାନ ଡେଲିଭରି ଦେବାକୁ କହୁଛନ୍ତି। ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ପହଞ୍ଚାଇବା ଲାଗି ବାଣିଜ୍ୟିକ ଯାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଲକ୍‌ଡାଉନ କଟକଣା ଯୋଗୁ ଗ୍ରାହକଙ୍କୁ ସେବା ଯୋଗାଇବା କଷ୍ଟକର ହେଉଛି। ସାଧାରଣତଃ ଅଟୋମୋବାଇଲ ଶୋ'ରୁମ୍‌ଗୁଡ଼ିକ ବଡ଼ ହୋଇଥିବାରୁ ଏଥିରେ ସାମାଜିକ ଦୂରତ୍ୱ ରଖିବା ସହଜ ହେବ। ୫୦% କର୍ମଚାରୀଙ୍କ ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଇ ଦେବା ଲାଗି ଅନୁମତି ଦିଆଯାଉ। ଶୋ'ରୁମ୍ ପରିଚାଳନା ସମୟରେ କୋଭିଡ୍-୧୯ ନିୟମ କଡ଼ାକଡ଼ି ଭାବେ ପାଳନ, ଡିଲର ଶିପ୍ ଖୋଲି ଯାନ ବିକ୍ରି ଏବଂ ଡେଲିଭରି ସୁବିଧା ଦିଆଯିବାକୁ ନିବେଦନ କରାଯାଇଛି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କଠାରୁ ସହଯୋଗ ଆଶା କରୁଛୁ ବୋଲି ଏଫ୍‌ଏଡିଏ ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ପ୍ରଦୀପ ଅଗ୍ରୱାଲ କହିଛନ୍ତି। ସେହିଭଳି ରାଜ୍ୟ ମଧ୍ୟରେ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସକୁ ଉତ୍ସାହିତ କରିବା ଲାଗି ସରକାର ଗ୍ରହଣ କରୁଥିବା ପଦକ୍ଷେପକୁ ସଂଘ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଦ୍ୱିତୀୟ ଲହରକୁ ରୋକିବା ଦିଗରେ ସରକାରଙ୍କ ପଦକ୍ଷେପକୁ ଚିଠିରେ ପ୍ରଶଂସା କରାଯାଇଛି।

## ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ପଠାଉଛି ଏମ୍ସ

### ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

କୋଭିଡ୍ ମହାମାରୀ ସମୟରେ ମେଡିକାଲରେ ବେଡ୍ ପାଇବାକୁ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି। ଏପରିସ୍ଥିତିରେ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ଗୁରୁତର ଅଣକୋଭିଡ୍ ରୋଗୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ଅନୁମତି ଦିଆ ନ ଯାଇ ଅନ୍ୟତ୍ର ନେବାକୁ କୁହାଯାଉଥିବା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏମ୍ସ ଭଳି ଜାତୀୟସ୍ତରୀୟ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଓ ମାନବାଧିକାର କ୍ଷୁଣ୍ଣ ହେଉଛି। କୋଭିଡ-୧୯ ମହାମାରୀ ସମୟରେ ଏମ୍ସର ଆଉଟ୍‌ଡୋର ବନ୍ଦ କରାଯାଇଛି। ଏଥିସହିତ ଏଠାକୁ ଆସୁଥିବା ଗୁରୁତର ଅଣ-କୋଭିଡ୍ ରୋଗୀଙ୍କୁ ଭେଣ୍ଟିଲେଟର ସହିତ ଆଇସିୟୁ ବେଡ୍ ପ୍ରଦାନ କରିବାକୁ ମନା କରାଯାଇ ଅନ୍ୟତ୍ର ପଠାଯାଉଛି। ରୋଗୀଙ୍କୁ ଭର୍ତ୍ତି କରାଗଲେ ମଧ୍ୟ ୱାର୍ଡ ମିଳିବାକୁ ୨ରୁ ୩ଦିନ ଲାଗିଯାଉଛି। ଫଳରେ କେତେଜଣ ରୋଗୀ ଘରୋଇ ମେଡିକାଲକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହାର ସମାଧାନ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଦୀପ୍ତ କମିଶନଙ୍କୁ ନିବେଦନ କରିଛନ୍ତି।

## ଚାଇନାରୁ ଆସିଲା ଖାଲି ଅକ୍ସିଜେନ ସିଲିଣ୍ଡର





**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ଚାଇନାରୁ ଓଡ଼ିଶା ଆସିଛି ଖାଲି ଅକ୍ସିଜେନ ସିଲିଣ୍ଡର। ସିଲିଣ୍ଡର ଧରି ଆସିଥିବା କାର୍ଗୋ ବିମାନଟି ରବିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହି ଅକ୍ସିଜେନ ସିଲିଣ୍ଡରଗୁଡ଼ିକୁ ରାଜ୍ୟର ବିଭିନ୍ନ ମେଡିକାଲକୁ ପଠାଯିବ। ସେହିପରି ଆବଶ୍ୟକସ୍ଥଳେ ଅକ୍ସିଜେନ ସିଲିଣ୍ଡରକୁ ମହଜୁଦ ରଖାଯିବ। ଏ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚାଇନାରୁ ଆସିଥିବା ଏହି ସିଲିଣ୍ଡର ଏବଂ ଆଗକୁ ଆସିବାକୁ ଥିବା ସିଲିଣ୍ଡର କରୋନା ମୁକାବିଲା କ୍ଷେତ୍ରରେ ବେଶ୍ ସହାୟକ ହେବ। ଅକ୍ସିଜେନ ଅଭାବରୁ କୌଣସି ରୋଗୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଚାଇନାରୁ ଅକ୍ସିଜେନ୍ ସିଲିଣ୍ଡର ଆସିବା ଦେଶରେ ପ୍ରଥମ ବୋଲି ତ୍ରିପାଠୀ କହିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତ କୋଭିଡ୍ ସଂକ୍ରମିତଙ୍କ ପାଇଁ ଅମ୍ଳଜାନର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ବିଦେଶରୁ ମେଡିକାଲ ଅକ୍ସିଜେନ୍ ସିଲିଣ୍ଡର ଆଣୁଛି। ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ଅକ୍ସିଜେନ ସିଲିଣ୍ଡରର ଏହି ପ୍ରଥମ ଲଟ୍ ପହଞ୍ଚିଛି।

## ୪୦ ଡିଗ୍ରୀ ଉପରେ ୬ ସହର

**ଭୁବନେଶ୍ୱର, ୩୦।୫(ବ୍ୟୁରୋ):** ରାଜ୍ୟରେ ପାରଦ ଏବେ ପୁଣି ଉପରମୁହାଁ ହେଲାଣି। ରବିବାର ୬ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଟିଟିଲାଗଡ଼ରେ ସର୍ବାଧିକ ୪୨ଡିଗ୍ରୀ ଥିବାବେଳେ ସୋନପୁରରେ ୪୦.୬, ଭବାନିପାଟଣାରେ ୪୧.୫, ବଲାଙ୍ଗୀରରେ ୪୧.୨, ମାଲକାନଗିରିରେ ୪୧, ବୌଦ୍ଧରେ ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେପଟେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଏକାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ସତର୍କ ସୂଚନା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଲିଟିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶିଷ୍ଟ ପାଲା ଗାୟକ ପ୍ରହଲ୍ଲାଦ ସାହୁଙ୍କ ପରଲୋକ



ଖୋର୍ଦ୍ଧା ଅଫିସ/ବେଗୁନିଆ,୩୦।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ବିଶିଷ୍ଟ ପାଲା ଗାୟକ ପ୍ରହଲ୍ଲାଦ ସାହୁଙ୍କ ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଶାର ପୁରପଲ୍ଲୀରେ ପରିଚିତ ପ୍ରହଲ୍ଲାଦ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କର କଳା ପ୍ରତି ଆଗ୍ରହ ରହିଥିଲା। ବୟସ ବଢ଼ିବା ସହିତ ଏହା ତାଙ୍କ ନିଶାରେ ପରିଣତ ହୋଇଥିଲା। ଯୁବାବସ୍ଥାରେ ଜଣେ ଗାୟକ ଭାବେ ବିଭିନ୍ନ ମଞ୍ଚରେ କଳା ପରିବେଷଣ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ଗାୟକ ଭାବେ ଆକାଶବାଣୀ, କଟକ, ଦୂରଦର୍ଶନ ଏବଂ ଘରୋଇ ଟିଭି ଚ୍ୟାନେଲରେ ପାଲା ପରିବେଷଣ କରି ବହୁ ସୁନାମ ଅର୍ଜନ କରିଛନ୍ତି। ଦୀର୍ଘ ୭୦ବର୍ଷ ଧରି ସେ ଏହି କଳା ସହିତ ଜଡ଼ିତ ଥିଲେ। ଗତ ମହାଶିବରାତ୍ରିରେ ରଣପୁରରେ ସେ ଶେଷଥର ପାଇଁ ପାଲା ପରିବେଷଣ କରିଥିଲେ। ପ୍ରହଲ୍ଲାଦଙ୍କ ୪ପୁଅ ଓ ୩ଝିଅ ଅଛନ୍ତି। ଜ୍ୟେଷ୍ଠପୁତ୍ର ଲକ୍ଷ୍ମୀଧର ତାଙ୍କଠାରୁ ଶିକ୍ଷା ଲାଭ ପରେ ପାଲା ପରିବେଷଣ କରୁଛନ୍ତି। ଗ୍ରାମ ଶ୍ମଶାନରେ ପ୍ରହଲ୍ଲାଦଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ପ୍ରହଲ୍ଲାଦଙ୍କ ବିୟୋଗ ପାଲା ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା। ଲୋକକଳା ଜଗତର ଜଣେ ଅମ୍ଳାନ ପ୍ରତିଭା ଚାଲିଗଲେ ବୋଲି ସେ କହିଛନ୍ତି। ସେହିପରି ରାଜନେତା ବିଭୁପ୍ରସାଦ ସାହୁ, କଂଗ୍ରେସ ନେତା ପ୍ରଦୀପ ସାହୁଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲୁଅ ତିଆରେ ବଣ ସାରୁକୁ
ତୋର ମୋର ଯିବା ବିଭାଘରକୁ।**

ଓଲୁଅ ଓ ସାରୁ ଏକା ଗୁଣର ଅଧିକାରୀ। ଏ ଦୁଇ ପରିବାକୁ ଖାଇଲେ ପାଟି ସାଧାରଣତଃ କୁଣ୍ଡାଇ ହେଉଥିବାର ଜଣାଯାଇଥାଏ। ପରୋକ୍ଷରେ ଏକା ଗୁଣ ସମ୍ପନ୍ନ ବ୍ୟକ୍ତି କେହି କାହାକୁ ପାଖରୁ ଅନ୍ତର କରିବାକୁ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଧ ଖାଇଲା ପାଚିଲା କଦଳୀ
ଘୁଷୁରି ଖାଇଲା ପାନ
ଭୁଆଁ ବିରାଡ଼ି ବଇଷମ ହୋଇ
ସଭାରେ କହୁଛି ଜ୍ଞାନ।**

ଅବିଶ୍ୱସନୀୟ ଘଟଣା ବେଳେ ବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ନିହାତି ଅବାନ୍ତର କଥା ଶୁଣିଲେ ତାକୁ ସତ ବୋଲି ବିଶ୍ୱାସ କରିବା କଷ୍ଟକର ହୋଇଯାଇଥାଏ। ଆଜିର ଯୁଗରେ ଅନେକ ଠକ ଧାର୍ମିକ ଦେଖିବାକୁ ମିଳିଥାନ୍ତି। ବାହାରକୁ ବୈଷ୍ଣବ ବୋଲି ଦେଖେଇ ହୋଇ ଭିତରେ ଭିତରେ ଅନେକ କୁକାର୍ଯ୍ୟ କରିଥାନ୍ତି। ଏମାନଙ୍କ ମୁହଁରୁ ନୀତିବାଣୀ ଶୁଣି ମନରେ ଭ୍ରୂକୁଞ୍ଚନ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday 0674-2580101, 2549302




**SALE**

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813. D-70848

**LOST**

ମୁଁ ଶ୍ରୀ ସୁବାସ ଚନ୍ଦ୍ର ଦାସ, ପିତା: ଭାଗୀରଥି ଦାସ, ଗ୍ରାମ: ଖଟୁଆ ସାହି, ପୋ: ହେଙ୍ଗୁପତି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ ବାସିନ୍ଦା ଅଟୁ। ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଗତ ୨୪।୦୮।୨୦୧୭ ଚରମ୍ପା ବଜାରଠାରେ ମୋର କ୍ରୟ ସମ୍ପତ୍ତି ଚାନ୍ଦବାଲି ସବ୍‌ରେଜିଷ୍ଟ୍ରରଙ୍କ ଇଜିଲାସରେ ସମ୍ପାଦିତ ଦଲିଲ ନମ୍ବର ୮୩୬ ତା ୦୩।୦୫।୧୯୯୪ ହଜିଯାଇଅଛି। ଏହା ସୂର୍ଯ୍ୟ ରଞ୍ଜନ ମିଶ୍ରଙ୍କ ନୋଟାରୀ ପବ୍ଲିକ୍ ଇଜିଲାସ ସମ୍ପାଦିତ ସତ୍ୟପାଠ ନଂ. ୭୧୧୪ ତା୨୪।୦୮।୨୦୧୭ ଓ ଭଦ୍ରକ ଟାଉନ୍ ଥାନା ସିଡ଼ି ନଂ. ୧୭/୧୭ରେ ଏହା ପଞ୍ଜୀକୃତ ହୋଇଅଛି। ଧ- ୨୦୮୦୬




Monalisa massage club : All types body massage with hiprofile smart lady rooms service available 9708545108. D-20791

**Happy Birthday**



On your special day, I want you to know that we love you and you are the sweetest daughter of the house. Happy Birthday beautiful sister! Happy Birthday Little.
*Best Wishes:* Bapuni Family & Relatives. D-20809

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କାଳିମେଳାରେ ପେଟ୍ରୋଲ ୧୦୦ ଟପିଲା

**କାଳିମେଳା,୩୦।୫(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା କାଳିମେଳା ସଦରରେ ଥିବା ଏକମାତ୍ର ପେଟ୍ରୋଲ ପମ୍ପରେ ରବିବାର ସର୍ବାଧିକ ପେଟ୍ରୋଲ ଦର ଦେଖିବାକୁ ମିଳିଛି। ଏଠାରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଟପିଛି। ଏହା ରାଜ୍ୟର ସର୍ବାଧିକ ପେଟ୍ରୋଲ ଦର ବୋଲି କୁହାଯାଉଛି। ଖବରରୁ ଜଣାପଡିଛି, ରବିବାର ସାଧାରଣ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ୭୨ ପଇସା ଥିବାବେଳେ ସିପ୍ଡ ପେଟ୍ରୋଲ ଦର ଲିଟର ପିଛା ୧୦୩ ଟଙ୍କା ୮୭ ପଇସା ହୋଇଛି। ସେହିପରି ଡିଜେଲ ଲିଟର ପିଛା ୯୮ଟଙ୍କା ୨୯ ପଇସା ରହିଛି, ଯାହାକି ରାଜ୍ୟରେ ଅନ୍ୟ କୌଣସି ପେଟ୍ରୋଲ ପମ୍ପରେ ଏତେ ଦର ଦେଖିବାକୁ ମିଳିନାହିଁ। ଏହି ଦର ବୃଦ୍ଧି ଡିଜେଲ, ପେଟ୍ରୋଲର ପରିବହନ ବ୍ୟବସ୍ଥା ଯୋଗୁ ହେଉଛି। ଏହା ସିଧାସଳଖ ବିଶାଖାପାଟଣା ଡିପୋରୁ ପରିବହନ ହୋଇ କାଳିମେଳା ଆସୁଥିବାରୁ ଅଧିକ ଦୂରତା ହେତୁ ଏହାର ଦାମ୍ ଅଧିକ ରହୁଥିବା ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ଏହି ଦରବୃଦ୍ଧିର ପ୍ରଭାବ ସିଧାସଳଖ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ସବୁ ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଉଛି। ଏହାଦ୍ୱାରା ମଧ୍ୟବିତ୍ତ ଓ ଛୋଟ ପରିବାରର ଲୋକେ ବେଶି ପ୍ରଭାବିତ ହେଉଛନ୍ତି। କରୋନା ଯୋଗୁ ଲୋକଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡିଥିବା ବେଳେ ଦରଦାମ ବୃଦ୍ଧି ବୋଝ ଉପରେ ନଳିତା ବିଡା ବୋଲି କେତେକେ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କଲେ ଏହାର ଦର କମିବ। ଏଥିପ୍ରତି ଉଭୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କରୋନାରେ ପ୍ରଣୟ ମହାରଥୀଙ୍କ ବିୟୋଗ

**ପିପିଲି,୩୦।୫(ସ୍ୱ.ପ୍ର.)**



ପିପିଲି-ଡେଲାଙ୍ଗର ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପରିବାରରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ସ୍ୱର୍ଗତ ମହାରଥୀଙ୍କ ସାନଭାଇ ପ୍ରଣୟ କୁମାର ମହାରଥୀଙ୍କ ରବିବାର ସକାଳୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୪ବର୍ଷ ହୋଇଥିଲା। କିଛିଦିନ ତଳେ ସେ କରୋନା ପଜିଟିଭ ଚିହ୍ନଟ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳୁ ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପୁଅ ସାକ୍ଷ୍ୟ ପ୍ରତାପ ମହାରଥୀ ସୂଚନା ଦେଇଛନ୍ତି। ପ୍ରଣୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପିପିଲି-ଡେଲାଙ୍ଗରେ ଶୋକରଛାୟା ଖେଳିଯାଇଛି। ଗତ ୭ମାସ ତଳେ ବିଧାୟକ ସ୍ୱର୍ଗତ ମହାରଥୀଙ୍କ ଦେହାନ୍ତ ଘଟିଥିଲା। ଏହି ଦୁଃଖରେ ପୂରା ପରିବାର ସହ ପିପିଲି-ଡେଲାଙ୍ଗବାସୀ ମର୍ମାହତ ଥିବା ବେଳେ ପୁଣି ଏବେ ତାଙ୍କ ସାନଭାଇଙ୍କ ଅକାଳ ବିୟୋଗ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

# ୧୫ ରାଜ୍ୟକୁ ୪ ଜିଲା ଯୋଗାଉଛି ଅକ୍ସିଜେନ

କଟକ ଅଫିସ, ୩୦।୫: କରୋନା-୧୯ ଦ୍ୱିତୀୟ ଲହର ଯୋଗୁ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ବିଭିନ୍ନ ରାଜ୍ୟର କୋଭିଡ ହସ୍ପିଟାଲଗୁଡ଼ିକରେ ମେଡିକାଲ ଅକ୍ସିଜେନର ଘୋର ଅଭାବ ଦେଖାଦେଇଛି। ଉକ୍ତ ଅଭାବକୁ ପୂରଣ କରିବା ପାଇଁ ଓଡ଼ିଶା ପକ୍ଷରୁ ମେଡିକାଲ ଅକ୍ସିଜେନ ଯୋଗାଣ ଜାରି ରହିଛି। ରାଉରକେଲା, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାରୁ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ପଠାଯାଉଛି। ଦେଶର ୧୬ଟି ଅଭାବୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ (ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ପଞ୍ଜାବ, ଛତିଶଗଡ଼, ଦିଲ୍ଲୀ, ବିହାର, ରାଜସ୍ଥାନ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, କେରଳ ଏବଂ ଚଣ୍ଡିଗଡ଼)କୁ ଅକ୍ସିଜେନ ଯୋଗାଇ ଦିଆଯାଇଛି। ଗତ ୩୮ ଦିନରେ ରାଜ୍ୟ ପୋଲିସର ସୁରକ୍ଷା ବଳୟ ମଧ୍ୟରେ ୧୩୩୮ ଟ୍ୟାଙ୍କର ଓ କଣ୍ଟେନରରେ ୨୪୬୦୪.୫୪୩ ମେଟ୍ରିକ ଟନ ମେଡିକାଲ ଅକ୍ସିଜେନ ପଠାଯାଇଛି।

# ଝାରପଡ଼ା ଜେଲ ମୁଖ୍ୟ ୱାର୍ଡର ନିଲମ୍ବିତ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

**ଗଞ୍ଜେଇ ଜବତ ଘଟଣାରେ କାର୍ଯ୍ୟାନୁଷ୍ଠାନ**

ଗଞ୍ଜେଇ ଜବତ ଘଟଣାରେ ଝାରପଡ଼ା ଜେଲ୍‌ର ମୁଖ୍ୟ ୱାର୍ଡର ସୁଦର୍ଶନ ବାରିକଙ୍କୁ ରବିବାର ନିଲମ୍ବିତ କରାଯାଇଛି। 'ଅପରେଶନ କ୍ଲିନ୍ ଅପ୍'ରେ ଏହା ପ୍ରଥମ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ରାଜ୍ୟରେ ଥିବା ଜେଲ୍‌ଗୁଡ଼ିକୁ ମୋବାଇଲ ଓ ନିଶାଦ୍ରବ୍ୟ ମୁକ୍ତ କରିବା ପାଇଁ ଏହି ଅଭିଯାନରେ ଚଢ଼ାଉ ଚାଲିଛି। ଗତ ଶନିବାର ଝାରପଡା ଜେଲରେ ଚଢାଉ କରାଯାଇ ଏକାଧିକ ମୋବାଇଲ୍ ଫୋନ ଓ ସରଞ୍ଜାମ ସହ ଗଞ୍ଜେଇ ଜବତ କରାଯାଇଥିଲା। ଏହାପୂର୍ବରୁ ମଧ୍ୟ ବିପୁଳ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଛି। ପ୍ରାଥମିକ ତଦନ୍ତ ଆଧାରରେ ଜେଲ୍ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ୱାର୍ଡର ବାରିକଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଅଧିକ ତଦନ୍ତ ଜାରି ରହିଥିବା ଜେଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଝାରପଡା ଜେଲ୍ ସମେତ ରାଜ୍ୟର ବିଭିନ୍ନ ଜେଲ୍ ଭିତରକୁ ମୋବାଇଲ ଫୋନ୍ ଓ ନିଷିଦ୍ଧ ସାମଗ୍ରୀ ଯାଉଥିବା ଏବଂ ଉକ୍ତ ଫୋନ୍‌ରୁ ଅପରାଧ ନିୟନ୍ତ୍ରଣ ହେଉଥିବା ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଝାରପଡ଼ା ଜେଲ କର୍ମଚାରୀ ଟଙ୍କା ନେବା ଓ କଏଦୀମାନେ ଗଞ୍ଜେଇ ଟାଣି ମଉଜ କରିବାର ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ଜେଲ୍ ବିଭାଗ ପକ୍ଷରୁ 'ଅପରେଶନ କ୍ଲିନ୍ ଅପ୍' ଅଭିଯାନରେ ଚଢ଼ାଉ ଆରମ୍ଭ ହୋଇଥିଲା। ଇତିମଧ୍ୟରେ କେବଳ ମେ' ମାସରେ ୨୧ ମୋବାଇଲ୍ ଫୋନ୍, ଚାର୍ଜର, ବ୍ୟାଟେରି, ଗଞ୍ଜେଇ ଆଦି ସାମଗ୍ରୀ ଜବତ ହୋଇଥିବାବେଳେ ଅଧିକାଂଶ ଦୁର୍ଦ୍ଦାନ୍ତ ଅପରାଧୀ ଓ ହାଇପ୍ରୋଫାଇଲ୍ କଏଦୀ ରହୁଥିବା ସେଲ୍ ନିକଟ ମାଟିତଳୁ ଏବଂ କାନ୍ଥ ଭିତରୁ ମିଳିଛି। ରାଜଧାନୀ ଛାତି ଉପରେ ଥିବା ଝାରପଡା ଜେଲ୍ ଭିତରେ ଓ ବାହାରେ କଡା ସୁରକ୍ଷା ସତ୍ତ୍ୱେ କିଭଳି ଏଭଳି ବେଆଇନ ସାମଗ୍ରୀ ଭିତରକୁ ଗଲା ତାହାକୁ ନେଇ ଜେଲ୍ ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠିବା ପରେ ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଚାଇନାରେ କରୋନା ...

ତେବେ ଏହାର ଦୁଇଦିନ ପରେ ବ୍ରିଟେନର ଗବେଷକମାନେ ଯେଉଁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛନ୍ତି ତାହା ଚାଇନାର ଘାତକ କାରନାମା ଓ ଅସଲ ଚେହେରା ଉପରୁ ପରଦା ହଟାଇବାରେ ସକ୍ଷମ ହୋଇପାରେ ବୋଲି କୁହାଯାଉଛି।

ବ୍ରିଟିଶ୍ ପ୍ରଫେସର ଅଙ୍ଗସ୍ ଡାଲ୍‌ଗ୍ଲେଇଶ୍ ଏବଂ ନରୱେର ବୈଜ୍ଞାନିକ ଡକ୍ଟର ବିର୍‌ଗର ସୋରେନ୍‌ସେନ ମିଳିତ ଭାବେ ଏକ ଗବେଷଣା କରିଥିଲେ। ସେମାନଙ୍କ ଗବେଷଣାମୂଳକ ନୂଆ ରିପୋର୍ଟ ରବିବାର 'ଡେଲି ମେଲ୍'ରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସାର୍ସ-କୋଭ୍-୨ ଭାଇରସ୍‌ର କୌଣସି ବିଶ୍ୱସନୀୟ ପ୍ରାକୃତିକ ପୂର୍ବଜ ନାହିଁ। ଉହାନ୍ ଲାବ୍‌ରେ ଗବେଷଣାରତ ଚାଇନା ବୈଜ୍ଞାନିକମାନେ 'ଗେନ୍ ଅଫ୍ ଫଙ୍କଶନ୍' ନାମକ ଏକ ପ୍ରକଳ୍ପକୁ ନେଇ କାମ କରୁଥିଲେ। ସେମାନେ ବିଭିନ୍ନ ଗୁମ୍ଫାରେ ରହୁଥିବା ବାଦୁଡ଼ିଗୁଡ଼ିକୁ ନେଇ ଗବେଷଣା ଜାରି ରଖିଥିବାବେଳେ କରୋନାର ଉତ୍ପତ୍ତି ହୋଇଥିଲା ବୋଲି ଏହି ରିପୋର୍ଟରେ ଦାବି କରାଯାଇଛି। ବୈଜ୍ଞାନିକମାନେ ଗୁମ୍ଫାରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିକୁ ପରୀକ୍ଷାନିରୀକ୍ଷା କରୁଥିବାବେଳେ ପ୍ରାକୃତିକ କରୋନା ଭାଇରସ୍‌ର 'ବ୍ୟାକ୍‌ବୋନ୍' ବାହାରିଥିଲା ଏବଂ ସେଥିରୁ କିଛି ଅଂଶ ଏକ ନୂଆ 'ସ୍ପାଇକ୍' ସହ ଯୋଡ଼ିବାରୁ ତାହା ଘାତକ ଓ ଅଧିକ ସଂକ୍ରାମକ କୋଭିଡ୍-୧୯ର ରୂପ ନେଇଥିଲା। ଉକ୍ତ ଗବେଷଣାମୂଳକ ନିବନ୍ଧରେ ଆହୁରି ଉଲ୍ଲେଖ କରାଯାଇଛି ଯେ, କୋଭିଡ୍-୧୯ ନମୁନାରେ ଏକ 'ୟୁନିକ୍ ଫିଙ୍ଗରପ୍ରିଣ୍ଟ' ଦେଖିବାକୁ ମିଳିଛି, ଯାହା ଲାବରେଟୋରିରେ କୌଶଳରେ କାର୍ଯ୍ୟ ସମ୍ପାଦନ ବେଳର ହୋଇଥାଇପାରେ। ତେବେ ଚାଇନାର ଯେଉଁ ବୈଜ୍ଞାନିକମାନେ ଏହାକୁ ନେଇ କିଛି କହିଛନ୍ତି, ସେମାନଙ୍କ ମୁହଁ ବନ୍ଦ କରାଯାଇଛି। ଏପରି କି ଅନେକ ବୈଜ୍ଞାନିକଙ୍କ ଠିକଣା ମିଳୁନାହିଁ। ଲାବ୍ ପକ୍ଷରୁ ଜାଣିଶୁଣି ସମସ୍ତ ତଥ୍ୟକୁ ନଷ୍ଟ କରାଯାଇଛି ବୋଲି ୨୨ ପୃଷ୍ଠା ସମ୍ବଳିତ ଉକ୍ତ ଅଧ୍ୟୟନରେ ଅଭିଯୋଗ ଅଣାଯାଇଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ସାରା ବିଶ୍ୱକୁ ବିପର୍ଯ୍ୟୟ ମୁହଁକୁ ଠେଲିଦେଇଥିବା କରୋନା ଭାଇରସ୍‌ର ଜନ୍ମଦାତା ଚାଇନା ବୋଲି ହେଉଥିବା ବିତର୍କକୁ ଏବେ ବଳ ମିଳିଛି।

### ଶୀର୍ଷରେ ପହଞ୍ଚି ସାରିଛି ...

ଆନ୍ଧ୍ର ଓ ପଶ୍ଚିମବଙ୍ଗ ସୀମାନ୍ତ ସିଲ୍ କରାଯାଇଛି। ମେ' ଦ୍ୱିତୀୟ ସପ୍ତାହରେ ସଂକ୍ରମଣ ହାର ବଢ଼ିଥିଲା। ଶେଷ ୩ ସପ୍ତାହ ହେବ ସଂକ୍ରମଣ ଲଗାତର କମୁଛି। ଏବେ ସଂକ୍ରମଣ ହାର ହ୍ରାସ ପାଇ ୧୪%ରେ ପହଞ୍ଚିଛି। ତେବେ କେବଳ ୯ ଜିଲାରେ ରାଜ୍ୟର ୬୦% ସଂକ୍ରମଣ ରହିଛି। ସେହି ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, କଟକ, ଅନୁଗୋଳ, ସୁନ୍ଦରଗଡ଼, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର ଓ ବରଗଡ଼। ସେହିପରି ୧୯ ଜିଲାରେ ସଂକ୍ରମଣ ହାର କମିଥିବାବେଳେ ୫ ଜିଲାରେ ୫% ତଳେ ରହିଛି ସଂକ୍ରମଣ। ତେବେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସଂକ୍ରମଣ ଆହୁରି କମିବାର ଆମେ ଆକଳନ କରୁଛୁ ବୋଲି ମହାପାତ୍ର କହିଛନ୍ତି। ଅନ୍ୟପଟେ ରାଜ୍ୟରେ ସାଧାରଣ ଓ ଆଇସିୟୁ ବେଡ୍ ମଧ୍ୟ ଆଗ ଅପେକ୍ଷା ଅଧିକ ଖାଲି ରହିଛି। ଆଗକୁ ଆହୁରି ୩୬୮ଟି ଆଇସିୟୁ ବେଡ୍ ଓ ୭୦ଏଚ୍‌ଡିୟୁ ବେଡ୍ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଛି। ସେହିପରି ଅକ୍ସିଜେନ୍ ଯୋଗାଣରେ ମଧ୍ୟ ଓଡ଼ିଶା ଆଗକୁ ବଢ଼ିବା ସହିତ ଅନ୍ୟ ରାଜ୍ୟକୁ ଅକ୍ସିଜେନ୍ ଯୋଗାଣ କରିପାରିଛି। କରୋନା ଚିକିତ୍ସାରେ ବ୍ୟବହୃତ ଟୋସିଲିଜୁମାବ୍ ଔଷଧ ରାଜ୍ୟକୁ ପ୍ରଥମେ ଲିମିଟେଡ୍ ଯୋଗାଣ ହେଉଥିଲା। ପରେ ପର୍ଯ୍ୟାପ୍ତ ପରିମାଣରେ ଆସିଥିଲା। ଏବେ ତାହାକୁ ରାଜ୍ୟର ୧୦ ସ୍ଥାନରେ ରଖାଯାଇଛି। ବିଶେଷଜ୍ଞଙ୍କ ମତାମତ ପରେ ତାହା ତୁରନ୍ତ ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ। ଏହାଛଡ଼ା କିଛିଦିନ ତଳେ ସ୍ୱୀକୃତିପ୍ରାପ୍ତ ଡିଆର୍‌ଡିଓ ୨ଜି ଔଷଧ ଏବେବି ମାର୍କେଟିଂ ହୋଇନାହିଁ। କିନ୍ତୁ ଆମେ ଆଗୁଆ ପାଖାପାଖି ୫ହଜାର ଅର୍ଡର ଦେଇସାରିଛୁ। ଆମେ ଆଶା କରୁଛୁ ଆସନ୍ତା ୭ରୁ ୧୦ତାରିଖ ଭିତରେ ଏହି ଔଷଧ ଆମେ ଓଡ଼ିଶାରେ ପାଇପାରିବୁ। ତେବେ ଆଗକୁ ରଜ, ସାବିତ୍ରୀ ଆସୁଛି। ଏହି ସମୟରେ ଲୋକମାନେ ଅଧିକ ସତର୍କ ହେବା ଉଚିତ୍। ନଚେତ୍ କରୋନା ସଂକ୍ରମଣ ପୁଣି ବଢ଼ିପାରେ। ଲୋକମାନେ ନିଜେ ସଚେତନ ହେଲେ ହିଁ ଆମେ କରୋନାକୁ ପରାସ୍ତ କରିପାରିବା ବୋଲି ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

### ଦସ୍ତାବିଜ ନେଇ ଡୋମିନିକା ...

ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ତାଙ୍କ ହାତରେ କ୍ଷତଚିହ୍ନ ଥିବାବେଳେ ଆଖି ଲାଲ ହୋଇଯାଇଥିବା ଦେଖିବାକୁ ମିଳିଛି। ଏହି ମୋଷ୍ଟ ୱାଣ୍ଟେଡ୍ ବ୍ୟବସାୟୀଙ୍କୁ ଡୋମିନିକା ପୋଲିସ ଗିରଫ କରିବାବେଳେ ମାଡ଼ମାରିଥିବା ତାଙ୍କ ଓକିଲ କହିଛନ୍ତି। ୬୨ ବର୍ଷୀୟ ମେହୁଲ ଚୋକ୍‌ସୀଙ୍କ ପିଏନ୍‌ବି ଋଣ ଦୁର୍ନୀତି ସାମ୍ନାକୁ ଆସିବା ପରେ ସେ ଓ ତାଙ୍କ ଭଣଜା ନୀରବ ମୋଦି ଭାରତରୁ ଫେରାର ହୋଇଯାଇଥିଲେ। ଚୋକ୍‌ସୀ କାରିବିଆନ୍ ଦ୍ୱୀପ ରାଷ୍ଟ୍ର ଆଣ୍ଟିଗୁଆରେ ନାଗରିକତ୍ୱ ଗ୍ରହଣ କରି ସେଠାରେ ଆତ୍ମଗୋପନ କରିଥିଲେ। ତେବେ ଧରାପଡ଼ି ଭାରତକୁ ପ୍ରତ୍ୟର୍ପଣ କରାଯିବା ଭୟରେ ଚୋକ୍ସି ନିକଟରେ ଡୋମିନିକା ଚାଲିଯାଇଥିବା ଦୁଇଦିନ ତଳେ ଡୋମିନିକା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ବ୍ରାଉନେ କହିଛନ୍ତି, ଚୋକ୍‌ସୀ ରୋମାନ୍ସ କରିବା ପାଇଁ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ସହ ଡୋମିନିକା ଯାଇଥିବା ନେଇ ଆମେ ଖବର ପାଇଥିଲୁ। କିନ୍ତୁ କେବଳ ଚୋକ୍‌ସୀ ଧରାପଡ଼ିଛନ୍ତି। ପଳାତକ ବ୍ୟବସାୟୀଙ୍କ ପ୍ରତ୍ୟର୍ପଣ ପାଇଁ ଭାରତରୁ ଏକ ଘରୋଇ ବିମାନ ଆବଶ୍ୟକ ଦସ୍ତାବିଜ ନେଇ ଆସିଛି। ଉକ୍ତ ବିମାନଟି କାତାର ଏକ୍‌ଜିକ୍ୟୁଟିଭ୍ ଫ୍ଲାଇଟ୍ ଏ୭ସିଇଇ। ଏହା ମେ' ୨୮ ଅପରାହ୍ନ ୩ଟା ୪୪ରେ ଦିଲ୍ଲୀ ବିମାନବନ୍ଦରରୁ ବାହାରି ମାଦ୍ରିଦ୍ ଦେଇ ସ୍ଥାନୀୟ ସମୟ ରାତି ୧ଟା ୧୬ରେ ଡୋମିନିକାରେ ଅବତରଣ କରିଥିଲା। ଅନ୍ୟପକ୍ଷରେ ଡୋମିନିକା ହାଇକୋର୍ଟ ଜୁନ୍ ୨ରେ ଚୋକ୍‌ସୀଙ୍କ ମାମଲାର ଶୁଣାଣି ପର୍ଯ୍ୟନ୍ତ ତାଙ୍କ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

### ୧୭ ପର୍ଯ୍ୟନ୍ତ ଲକ୍‌ଡାଉନ୍ ...

ତଳମୁହାଁ ହୋଇଛି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୁଣି ଏହାର ଅବଧି ବୃଦ୍ଧି କରିଛନ୍ତି। ତେବେ ପଶ୍ଚିମାଞ୍ଚଳର କେତେକ ଜିଲାରେ ସଂକ୍ରମଣ ହାର ହ୍ରାସ ପାଇଥିଲେ ସୁଦ୍ଧା ଖୋର୍ଦ୍ଧା, କଟକ ଓ ଅନୁଗୋଳ ଆଦି ଉପକୂଳ ଜିଲାଗୁଡ଼ିକରେ ସଂକ୍ରମଣ ହ୍ରାସର ହାର କମ୍ ରହିଛି। କୋଭିଡ୍ ମହାମାରୀ ସହ ଓଡ଼ିଶା 'ୟାସ୍' ପରି ଅତି ଭୀଷଣ ବାତ୍ୟାର ସମ୍ମୁଖୀନ ହୋଇଛି। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି ଏବଂ ଏଥିରେ ବହୁ କର୍ମଚାରୀ ଦିନରାତି କାର୍ଯ୍ୟ କରୁଛନ୍ତି। ଏସବୁ ସ୍ଥାନରେ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି। ଏହି ସମସ୍ତ ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଲକ୍‌ଡାଉନ୍‌ର ଅବଧି ୧୬ ଦିନ ପାଇଁ ବୃଦ୍ଧି କରାଗଲା ବୋଲି ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସ୍ଥିତି ଭୟଙ୍କର ହେବାରୁ ସରକାର ଲକ୍‌ଡାଉନ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ପାଇଁ ପ୍ରଥମେ ମେ' ୫ରୁ ୧୯ ଯାଏ ସାରା ରାଜ୍ୟକୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ପରେ ଏହାକୁ ଜୁନ୍ ୧ ତାରିଖ ସକାଳ ୫ଟା ଯାଏ ବୃଦ୍ଧି କରାଯାଇଥିଲା। ଲକ୍‌ଡାଉନ୍‌ରୁ ସଫଳତା ମିଳୁଥିବାରୁ ରାଜ୍ୟ ସରକାର ପୁଣି ଲକ୍‌ଡାଉନ୍ ଅବଧି ବୃଦ୍ଧି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ଲାଭ କରିବାରେ ଅସୁବିଧା ହେବନାହିଁ। ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ଭାଇ, ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ କଟୁ କଥା କହି ମାନସିକ ଆଘାତ ଦେଇପାରନ୍ତି। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ।

**ବୃଷ** – ବୁଦ୍ଧିମତ୍ତା ହିଁ ସବୁ କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରିବ। ଆଜି ଯେମିତି ଚାହୁଁଛନ୍ତି ସେମିତି ପାଇବେ। ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟାରେ ଜଡ଼ିତ ହୋଇପାରନ୍ତି। ଆଲୋଚନାରେ ତର୍କ, ବିବାଦୀୟ କଥା ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ମନୋରଞ୍ଜନର ଖୋରାକ ଯୋଗାଇ ଦେବାରେ ବନ୍ଧୁ ସହଯୋଗ କରିବେ।

**ମିଥୁନ** – ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଈର୍ଷାପରାୟଣ ବ୍ୟକ୍ତିମାନେ ନିନ୍ଦା ଗାଇବେ। ଘରକୁ ଆସି ଫେରି ଯାଇଥିବା ବନ୍ଧୁ ପୁଣି ଲେଉଟି ଆସିପାରନ୍ତି। ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

**କର୍କଟ** – ଘରେ ହେଉ କିମ୍ବା ଅଫିସରେ, ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ରାଗ କରିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇଦେବେ। ପରିବାରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ** – ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ହଜି ଯାଇଥିବା ଟଙ୍କା କିମ୍ବା ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନ ବଳାଇବେ। ପରୋକ୍ଷ ଶତ୍ରୁତା ପ୍ରତି ସଜାଗ ରହି କାମ କରିବା ଭଲ ହେବ।

**କନ୍ୟା** – କର୍ମକ୍ଷେତ୍ରରେ ନିଜର ଭୁଲ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ପର୍ଯ୍ୟନ୍ତ ଯାଇପାରନ୍ତି।

**ତୁଳା** – ବନ୍ଧୁମାନଙ୍କ ସହାୟତାରେ ବହୁ କଷ୍ଟ ସ୍ୱୀକାର କରି ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ। ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବାନ୍ଧବୀଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇ ଯାଇପାରେ।

**ବିଚ୍ଛା** – ରାଶିରେ କେତୁଙ୍କ କୁପ୍ରଭାବରୁ ଲକ୍ଷ୍ୟଭ୍ରଷ୍ଟ ହୋଇ ଅସଲ କାମ ଛାଡ଼ି ମରୀଚିକା ପଛରେ ଧାଇଁପାରନ୍ତି। କୌଣସି ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଭଳିଗଲେ ତାହା ପାରିବାରିକ ଜୀବନରେ ପ୍ରତିକୂଳ ପ୍ରଭାବ ପକାଇବ। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ଧନୁ** – ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇଲେ ଅପମାନିତ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ଭିତରେ ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହୋଇପାରନ୍ତି। ତେଣେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମକର** – ଆଜି ଦିନଟିରେ ଅର୍ଥଲାଭ ଓ ବନ୍ଧୁ ମିଳନରୁ ମଧ୍ୟ ମନ ଖୁସି ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳ ଲୋକମାନଙ୍କକୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** – କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ ସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ, ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ମନରେ ଆଘାତ ଦେବା ଭଳି ମନ୍ତବ୍ୟ ଦେଇପାରନ୍ତି।

**ମୀନ** – ଅତୀତ ଘଟଣାକୁ ଯେତେ ଭାବିବେ, ସେତେ ମନ ବିଷାକ୍ତ ଲାଗିବ। ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କୃତକାର୍ଯ୍ୟ ହୋଇପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ।


ଆଜି ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ସୋମବାର, ମେ ୩୧ ତାରିଖ, ବିଶ୍ୱ ତମାଖୁ ନିରୋଧୀ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ମିଥୁନ ରାଶିର ଘାତବାର, ସିଂହ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୦ ଗତେ ଘ.୧୦।୨୫ ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩।୪୩ ଗତେ ଘ.୦୪।୨୭ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬।୪୯ ଗତେ ଘ.୦୮।୨୭ ମଧ୍ୟେ ରାହୁକାଳ।

## ଠଣଠଣା ପୋଖରୀରୁ ହରିଣ ଉଦ୍ଧାର

ପିପିଲି,(ଡି.ଏନ୍.ଏ.): ପିପିଲି ବ୍ଲକ ଅନ୍ତର୍ଗତ ଦୁର୍ଗାଦାଶପୁର ପଞ୍ଚାୟତର ଠଣଠଣା ଗ୍ରାମ ବେଲପୋଖରୀ ସାହିରୁ ରବିବାର ଏକ ହରିଣକୁ ଜଙ୍ଗଲ ବିଭାଗ ପହଞ୍ଚି ଉଦ୍ଧାର କରିଛି। ହରିଣଟି ଜଙ୍ଗଲ ଛାଡି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଯାଇଥିବା ବେଳେ କୁକୁରଙ୍କ ଭୟରେ ଦୌଡ଼ି ଆସି ଠଣଠଣା ଗ୍ରାମ ନିକଟ ପୋଖରୀରେ ପଡ଼ିଯାଇଥିଲା। ଗ୍ରାମବାସୀ ଦେଖି ପାଣିରୁ ହରିଣଟିକୁ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ପିପିଲିର ଜଙ୍ଗଲ ବିଭାଗ ଅଧିକାରୀ ବିଶ୍ୱନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବୋଲେରୋ ଗାଡିରେ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରିଥିଲେ। ପରେ ବାଲିପାଟଣାସ୍ଥିତ ଡଂରାଗଡ ଜଙ୍ଗଲରେ ସୁରକ୍ଷିତ ସ୍ଥାନରେ ହରିଣଟିକୁ ଛାଡି ଦେଇଥିଲେ।

**ସଂକ୍ଷେପରେ**

## ସଂସ୍କୃତି ବିଭାଗର ୟୁଟ୍ୟୁବ୍ ଚ୍ୟାନେଲ୍ ଲୋକାର୍ପିତ




**ଭୁବନେଶ୍ୱର, ୩୦।୫ (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସରକାରୀ ୟୁଟ୍ୟୁବ୍ ଚ୍ୟାନେଲ ରବିବାର ଲୋକାର୍ପଣ ହୋଇଯାଇଛି। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସୁଦୂରପ୍ରସାରି କରିବା ତଥା ବିଭାଗର ବିଭିନ୍ନ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଭିଜୁଆଲ୍ ମାଧ୍ୟମରେ ଦେଶ ବିଦେଶରେ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ୟୁଟ୍ୟୁବ୍ ଚ୍ୟାନେଲକୁ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଲୋକାର୍ପଣ କରିଥିଲେ। ବାସୁଦେବ ମାଲବିଶୋଇଙ୍କ ରଚନା, ସଙ୍ଗୀତ ଓ କଣ୍ଠରେ ପ୍ରସ୍ତୁତ କରୋନା ସଚେତନତା ଗୀତରୁ ଏହାର ଶୁଭାରମ୍ଭ କରାଯାଇଥିଲା। ସରକାରଙ୍କ ଅନୁମୋଦନକ୍ରମେ ଓଡ଼ିଶା ଡଟ୍ କମ୍ ସହାୟତାରେ ଏହା ପ୍ରସ୍ତୁତ କରାଯାଇଛି।

# ୧୪ ଜିଲ୍ଲାରୁ ୪.୨୫ ଲକ୍ଷ ମେଟ୍ରିକ୍ ଟନ୍ ରବିଧାନ କ୍ରୟ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପାକ୍ସ/ଲ୍ୟାମ୍ପସ୍ ଜରିଆରେ ରବିଧାନ କିଣା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୪ ଜିଲାରୁ ମୋଟ ୬୩,୮୨୭ଜଣ ଚାଷୀଙ୍କ ନିକଟରୁ ୭୯୩କୋଟି ଟଙ୍କାରେ ୪ ଲକ୍ଷ ୨୫ ହଜାର ମେଟ୍ରିକ ଟନ୍ ରବିଧାନ କ୍ରୟ କରାଯାଇଛି। ବିଭିନ୍ନ ଜିଲାରେ ଥିବା ୧୦୨୦ଟି କେନ୍ଦ୍ର ମାଧ୍ୟମରେ ରବିଧାନ ସଂଗ୍ରହ କରାଯାଉଛି। ଆଗକୁ ସୋସାଇଟିଗୁଡ଼ିକରେ କୋଭିଡ୍ ନିୟମକୁ ପାଳନ କରି ରବିଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯିବ। ଏଥିସହିତ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଯେପରି ସହଜରେ ମଣ୍ଡିରେ ଧାନ ବିକ୍ରି କରିପାରିବେ ସେ ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପାକ୍ସ ଓ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବରଗଡ଼ ଜିଲାରେ ସର୍ବାଧିକ ୨ ଲକ୍ଷ ୮ ହଜାର ୮୯ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ କରାଯାଇଥିବାବେଳେ ଏହା ତଳକୁ ସୁବର୍ଣ୍ଣପୁରରେ ୮୧,୮୨୪ ମେଟ୍ରିକ୍ ଟନ୍, ସମ୍ବଲପୁରରେ ୫୩,୬୩୦ ମେଟ୍ରିକ୍ ଟନ ଓ କଳାହାଣ୍ଡି ଜିଲାରେ ୫୦,୬୧୦ ମେଟ୍ରିକ୍ ଟନ୍ ରହିଛି । ରବିଧାନ ସଂଗ୍ରହ କାର୍ଯ୍ୟ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଚଳିତ ବର୍ଷ ରବିଧାନ



■ବରଗଡ଼ରୁ ସର୍ବାଧିକ ୨ଲକ୍ଷ ୮ହଜାର ୮୯ ମେଟ୍ରିକ୍ ଟନ୍


■ଖୁବ୍‌ଶୀଘ୍ର କୋରାପୁଟ, ଖୋର୍ଦ୍ଧା, ଯାଜପୁରରେ ଆରମ୍ଭ ହେବ

ସଂଗ୍ରହ ପାଇଁ ମୋଟ ୨ ଲକ୍ଷ ୩୨ ହଜାର ୪୦୯ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଅଦ୍ୟାବଧି ୨ ଲକ୍ଷ ୨୦ ହଜାର ୨୪୩ ଜଣ ଚାଷୀଙ୍କ ଜମିଜମା ବାବଦ ତଥ୍ୟ, ବ୍ୟାଙ୍କ୍ ଆକାଉଣ୍ଟ, ଆଧାର କାର୍ଡ, ଜଳସେଚିତ ଜମିର ପରିମାଣ ଆଦିର ଯାଞ୍ଚ ପ୍ରକ୍ରିୟା ସରିଛି। ଏମାନଙ୍କ ମଧ୍ୟରୁ ୬୩ ହଜାର ୮୨୭ ଜଣ ଚାଷୀଙ୍କଠାରୁ ମୋଟ ୪ ଲକ୍ଷ ୨୫ ହଜାର ମେଟ୍ରିକ୍ ଟନ୍ ଧାନ କିଣା ସରିଛି। ଏବେ ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଝାରସୁଗୁଡ଼ା, କଳାହାଣ୍ଡି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାରେ ଧାନ ସଂଗ୍ରହ କରାଯାଉଥିବାବେଳେ ଖୁବ୍‌ଶୀଘ୍ର କୋରାପୁଟ, ଖୋର୍ଦ୍ଧା ଓ ଯାଜପୁରରୁ ରବିଧାନ ସଂଗ୍ରହ ଆରମ୍ଭ କରାଯିବ ।

## ସାହିତ୍ୟ ସତ୍ୟଶୀଳତା, କଳ୍ପନା, ଦାୟିତ୍ୱବୋଧ ଉପରେ ଛିଡ଼ା ହୋଇଛି

**ଭୁବନେଶ୍ୱର, ୩୦।୫ (ବ୍ୟୁରୋ)**

ସାହିତ୍ୟ ଫାଷ୍ଟଫୁଡ୍ ନୁହେଁ। ଏହା ସତ୍ୟଶୀଳତା, କଳ୍ପନା, ଭାଷାର ସ୍ଥାପତ୍ୟ, ଆବେଦନ ଓ ଦାୟିତ୍ୱବୋଧ ଉପରେ ଛିଡା ହୋଇଛି। ତେଣୁ ନୂତନ ଲେଖକମାନେ ଆଗାମୀ ସମୟର ବିଶିଷ୍ଟ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରିବା ନିମନ୍ତେ ଅଧ୍ୟୟନ ସହିତ ସାଧନାରେ ବ୍ରତୀ ହେବା ଉଚିତ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ତଥା ସମାଲୋଚକ ଡ. ହୃଷୀକେଶ ମଲ୍ଲିକ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଭର୍ଚୁଆଲ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଡ. ମଲ୍ଲିକ 'ନୂତନ ଲେଖକଙ୍କ ଦାୟିତ୍ୱ' ପ୍ରସଙ୍ଗରେ ଆଲୋଚନା କରି ଏହି ପରାମର୍ଶ ଦେଇ କହିଲେ, ନୂତନ ଲେଖକଙ୍କର ସମାଜ, ଭାଷା ଓ ସଂସ୍କୃତି ନିକଟରେ ଯଥେଷ୍ଟ ଦାୟିତ୍ୱ ରହିଛି। କିନ୍ତୁ ପ୍ରତିବଦ୍ଧ ଲେଖକଙ୍କ ସଂଖ୍ୟା କମିବା ଆଦୌ ଶୁଭଙ୍କର ନୁହେଁ ବୋଲି ସେ ସତର୍କ କରାଇଛନ୍ତି। ଏହି ଅବସରରେ କବି ଡ. ପ୍ରୀତିଧାରା ସାମଲ 'ଏ ମାସର କବି' ଭାବେ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ମୋହନ କର, ବିଦେଶୀ ଭଞ୍ଜ, ମୌସୁମୀ ଦାସ, ଶୈଳେନ୍ଦ୍ର ଜେନା, କୁଳମଣି ସାହୁ, ଅମ୍ବିକା ସ୍ୱାଇଁ, ସୁଧୀର ମଉଡମଣି ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କବି ରକ୍ଷକ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।




**ମେ ୩୧ ବିଶ୍ୱ ଧୂମପାନ ନିଷେଧ ଦିବସ:** ଏହି ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳାରେ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଚୋରି ମୂର୍ତ୍ତି ଜବତ, ୩ ଗିରଫ

**ନିମାପଡ଼ା,୩୦।୫(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ଅମରପ୍ରସାଦଠାରେ ନିର୍ମିତ ହୋଇଥିବା ମୂଲ୍ୟବାନ ମୂର୍ତ୍ତିକୁ ଗ୍ରାମୀଣ ପାର୍କରୁ ଶନିବାର ବିଳମ୍ବିତ ରାତିରେ ଚୋରି କରିଥିବା ୩ଜଣ ଚୋରଙ୍କୁ ଚାରିଛକ ଫାଣ୍ଡି ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲାର ଚମ୍ପେଶ୍ୱର ଗ୍ରାମର ରାଜେଶ ନାୟକ, ସିଂହପର ଗ୍ରାମର ବିଶ୍ୱଜିତ ନାୟକ ଓ ଚନ୍ଦେଇଗାଁର ରାଜା ଆଚାର୍ଯ୍ୟ। ସେମାନଙ୍କଠାରୁ ଚୋରି ମୂର୍ତ୍ତି ଜବତ କରିବା ସହ ଥାନାରେ ନଂ.୧୯୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ସମ୍ପର୍କରେ ତୁଳସୀପୁର ସରପଞ୍ଚ ଭଗବାନ ମିଶ୍ର ରବିବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତେବେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ଚୋରମାନଙ୍କୁ ଧରିଥିଲେ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited invites tenders (2part bidding) from eligible vendors for the following packages:

1) **TPWODL/MN/O/SU/007– Rate Contract for Supply of Kit-Kat Fuse**

Interested bidders to submit Tender Participation Fee and Authorization Letter through email before **14th June 2021, 1500Hrs**, after which link from e-Tender system shall be shared.

For detailed tender documents please visit our Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- **Chief-Contracts and Stores**

# ଖବରଦାତାଙ୍କୁ ପୋଲିସର ଆକ୍ରମଣ: ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଯାଜପୁର ଅଫିସ,୩୦।୫**

ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସର ଆକ୍ରମଣ ଘଟଣା ସମ୍ପର୍କରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜାତୀୟ ମାନବାଧିକାର ଡିଫେଣ୍ଡର ଭଜମନ ବିଶ୍ୱାଳଙ୍କ ଆବେଦନ (୮୫୦୦/ଆଇଏନ୍/୨୦୨୧)କୁ ଏନ୍‌ଏଚ୍‌ଆର୍‌ସି ଶନିବାର ଗ୍ରହଣ କରିଛନ୍ତି। ବିଶ୍ୱାଳ ତାଙ୍କ ଆବେଦନ ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ଜୀବନ, ସ୍ୱତନ୍ତ୍ରତା ଏବଂ ସମ୍ମାନର ମାନବିକ ଅଧିକାର ଉଲ୍ଲଂଘନ ହେତୁ ଖବରଦାତା ଦତ୍ତାତ୍ରେୟ ନାୟକଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ। ଉକ୍ତ ଅପରାଧରେ ଜଡ଼ିତ ଦୋଷୀ ତଥା ପୋଲିସ କର୍ମଚାରୀଙ୍କ ବେତନରୁ କ୍ଷତିପୂରଣ ରାଶି କଟାଯିବାକୁ ବିଶ୍ୱାଳ ଅନୁରୋଧ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, କୋଭିଡ୍-୧୯ ପରିସ୍ଥିତିରେ ଖବରଦାତା ଦତ୍ତାତ୍ରେୟ ନିଜ ଜୀବନକୁ ଭୟ ନ କରି ବୃତ୍ତିଗତ ସେବା ଅନୁଯାୟୀ କର୍ତ୍ତବ୍ୟ କରୁଥିଲେ। ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଭାବରେ ଘୋଷଣା କରିଛନ୍ତି, ଯେଉଁମାନେ ସାରା ରାଜ୍ୟରେ ନାଗରିକଙ୍କ ସୁରକ୍ଷା ତଥା କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି। କରୋନା ସଂକ୍ରମଣକୁ ସଙ୍କୁଚିତ କରିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଅଧୀନରେ ରଖାଯାଇଥିବା ପ୍ରତିବନ୍ଧକରୁ ଗଣମାଧ୍ୟମକୁ ମୁକ୍ତ କରାଯାଇଛି। ଏଭଳି ସ୍ଥିତିରେ ପୁରୀ ପୋଲିସ ଦ୍ୱାରା ଖବରଦାତା ଦତ୍ତାତ୍ରେୟଙ୍କ ଉପରେ ହୋଇଥିବା ନିର୍ଦ୍ଦୟ ଆକ୍ରମଣ ସଂକ୍ରାନ୍ତରେ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। କ୍ଷମତା, ପଦବୀ ଏବଂ ଖାକି ପୋଷାକର ଅପବ୍ୟବହାର କରାଯାଇଛି। ତେଣୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ପଞ୍ଜୀକରଣ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅନୁରୋଧ କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବିଶ୍ୱାଳ ଇ-ମେଲ୍ ଯୋଗେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ପୋଲିସ ଡିଜି, ଓଡ଼ିଶା ମାନବାଧିକାର ସୁରକ୍ଷା କମିଶନ, ପୁରୀ ଜିଲାପାଳ ପ୍ରମୁଖଙ୍କୁ ଅବଗତ କରାଇଛନ୍ତି।

# ଡାବୁଗାଁ ତହସିଲର ରାଜସ୍ୱ ସହାୟିକା ନିଲମ୍ବିତ

**ଡାବୁଗାଁ, ୩୦।୫ (ଡି.ଏନ୍.ଏ.)**

**୬୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗ**

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ୬୩ ଲକ୍ଷ ୬୨ ହଜାର ୭୩ରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗରେ ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କୁ ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଚାକିରିରୁ ନିଲମ୍ବିତ କରିଛନ୍ତି। ତାଙ୍କୁ ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏହି ସମୟରେ ତାଙ୍କୁ ୫୦ ପ୍ରତିଶତ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହି ଘଟଣାରେ ଚନ୍ଦନା ମଣ୍ଡଳଙ୍କ ସହିତ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଭାସ୍କର ରଇତ କହିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତା ବରିଷ୍ଠ ରାଜସ୍ୱ ସହାୟିକା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ଆର୍ଥିକ ଅନିୟମିତତା କରିଥିବା ନେଇ ଶୁକ୍ରବାର ତହସିଲଦାର ସନ୍ଧ୍ୟା ସମରଥ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଶନିବାର ପୂର୍ବାହ୍ନରେ ତାଙ୍କୁ ଡାକି ପଚରାଉଚରା କରିବାବେଳେ ସେ ଅଚେତ ହୋଇ ପଡିଥିଲେ। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅପରାହ୍ନ ୫ଟାରେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଥିଲା। ପୋଲିସ ୯୪/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଭଦ୍ରକ ଅଫିସ, ୩୦।୫**

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭଦ୍ରକ ଜିଲା ଗସ୍ତରେ ଆସି ୟାସ୍ ଦ୍ୱାରା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ମନ୍ତ୍ରୀ ପ୍ରଧାନ ହେଲିକପ୍ଟର ଯୋଗେ ଧାମରା ବନ୍ଦରଠାରେ ଅବତରଣ କରିଥିଲେ। ଏହାପରେ ସେ ବାତ୍ୟାରେ ଅଧିକ ପ୍ରଭାବିତ ଧାମରା ଅଞ୍ଚଳର ଦୋସିଙ୍ଗା ପଞ୍ଚାୟତର ସମିପାଟିଆ, ଓରାମାଳ, ଜାଗୁଲା ପଞ୍ଚାୟତର ପାଇକସାହି ଏବଂ ଧାମରା ପଞ୍ଚାୟତର ଝାଡ଼କଟା ସମେତ ଅନ୍ୟ କିଛି ଗାଁ ବୁଲି ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ଏପରିକି ଝାଡ଼କଟାଠାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ବାତ୍ୟା ଦିନର ଅନୁଭୂତି ସମ୍ପର୍କରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପ ଓ ସହଯୋଗ କିଭଳି ରହିଥିଲା ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ଏସବୁ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ପରିସର ବଢ଼ାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ଏହି ଅଞ୍ଚଳରେ ଦୀର୍ଘମିଆଦୀ ସ୍ଥାୟୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ସେ ଚେଷ୍ଟା କରିବେ ବୋଲି କହିଛନ୍ତି।

ସମୁଦ୍ର ଉପକୂଳ ହୋଇଥିବାରୁ ସାମାନ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ଏଣୁ ଏଥିପ୍ରତି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ସେ କହିଥିଲେ। ବିପତ୍ତି ବେଳେ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ରହିଥିବା ସେ ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଗସ୍ତ ସମୟରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଚାନ୍ଦବାଲି ଓ ଧାମରା ଅଞ୍ଚଳର ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିଧାୟକ ବିଷ୍ଣୁ ସେଠୀ ଓ ଅନ୍ୟମାନେ ଧାମରାରେ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖୁଛନ୍ତି।

**ଦୀର୍ଘ ମିଆଦୀ ଯୋଜନା ଉପରେ ଗୁରୁତ୍ୱ**

## PUBLIC NOTICE

The public in general and film trade in particular are hereby requested to take note that our clients are in the process of acquiring the following exclusive rights (a) All Linear Rights for distribution and redistribution via any and all meansincluding but not limited to through satellite, cable, DTH, IPTV, terrestrial, internet, mobile etc., (b) All forms of Non-Linear/On-Demand Rights via any and all means and modes including but not limited to satellite, cable, DTH, IPTV, terrestrial, internet, mobile etc., (c) Catch up TV rights, (d) Syndication Rights, (e) Sub-titling rights in all languages and dialects of the world, (f) Dubbing rights in all languages and dialects of the world as specified in the table below, (g) All other rights not specifically mentioned herein(collectively referred to as the "Rights"): for multiple telecasts for the territory of the entire world for the Term commencing from the Start Date for the Films as detailed hereinbelow:

| Sl. No. | Film(s) | Star Cast | Language | Start Date | Term | Dubbing rights |
|---|---|---|---|---|---|---|
| 1 | POOJA PHULA | Uttam Mohanty, Bijay Mohanty, Aparajita, Jaya Dukhiram Swain, Jayee, Pruthiviraj Nayak | ORIYA | Immediately | 10 Years | Yes |
| 2 | GOLAM GIRI | Prashanta Nanda, Mahasweta, Ajit Das, Dukhiram Swain, Jayee, Pruthiviraj Nayak etc. | ORIYA | Immediately | 10 Years | Yes |
| 3 | SATHIRE | Anubhaba Mohanty, Madhumita, Hara Pattnaik, Dipak Parida, Anita Das, Pradyumna Lenka | ORIYA | Immediately | 10 Years | Yes |
| 4 | GANGA JAMUNA | Sidhanta, Rachana, Mihir Das, Hara Pattnaik, Debu Bose, Pradyumna Lenka | ORIYA | Immediately | 10 Years | Yes |
| 5 | SUHAGASINDURA | Sidhanta, Rachana, Mihir Das, Hara Pattnaik, Debu Bose, Pradyumna Lenka | ORIYA | Immediately | 10 Years | Yes |
| 6 | SATA KAHI BAKU KIAN DARIBI | Dipak Parida, Pradyumna Lenka, Namrata Das, Binayak Mishra, Satyaki Mishra | ORIYA | Immediately | 10 Years | Yes |
| 7 | DORA | Prashanta Nanda, Shri Ram Panda, Bijay Mohanty, Jayee, Mahasweta | ORIYA | Immediately | 10 Years | Yes |
| 8 | KRISHNA KAVERY | Sidhant, Mihir Das, Hara Pattanaik, a wonderful baby and extraordinary performance of a dog | ORIYA | Immediately | 10 Years | Yes |
| 9 | EMITIBHAI JAGATENAHIN | Uttam Mohanty, Prashanta Nanda, Aparajita | ORIYA | Immediately | 10 Years | Yes |
| 10 | AE MANA MANENA | Arindam Roy, Barsha Priyodarshini, Dushmant Panda | ORIYA | Immediately | Perpetuity | Yes |
| 11 | KALKI AVATAR | Siddhant, Uttam, Rachana, Hara Pattanaik | ORIYA | Immediately | Perpetuity | Yes |
| 12 | OM SHANTI OM | Sidhant, Mihir Das, Anu Choudhary etc. | ORIYA | Immediately | 10 Years | Yes |
| 13 | BAISALY | Abhishek Rath, Suman Priya, Asit Pati, Bijay Mohanty, Pragnya Khatua, Prithviraj Nayak & etc. | ORIYA | Immediately | Perpetuity | Yes |
| 14 | LUCHEI DE MATE CHHATI BHITARE | Sambhav, Tamanna, Chandan, Biranchi, ChakradharJena, Kusuma Tripathy & Others | ORIYA | Immediately | Perpetuity | Yes |
| 15 | TU KAHIDE I LOVE YOU | Rakesh, Divya, Mihir Das, Salil Mitra, Jeevan Panda & etc. | ORIYA | Immediately | Perpetuity | Yes |
| 16 | TU THILE MU ACHHI | Chandan Kar, Riyana Sukla, Dipa Sahu, Biranchi Nayak, Premanjan Parida, Biju Bada Jena | ORIYA | Immediately | Perpetuity | Yes |
| 17 | BISWARUPA | Bishworoop, Amrita,Tanuska, Manoj Mishra, Sweta Acharya & etc. | ORIYA | Immediately | Perpetuity | Yes |
| 18 | CHIRKUT | Aurojyoti, Ananya & others | ORIYA | Immediately | Perpetuity | |
| 19 | CHHABIRANI | Aman Parashar, Chandrani Das, Sidhant Mohapatra, Anu Choudhury, Mihir Das, Satyaki Mishra, Ushashi Mishra & others | ORIYA | Immediately | Perpetuity | Yes |
| 20 | MAL MAHU JIBAN MATI-BHAGYA RA NO GUARANTEE | Sabyasachi Mishra, Elina Samantaroy | ORIYA | Immediately | Perpetuity | Yes |
| 21 | GUNDA | Sidhanta Mahapatra, Nikita, Himika Das | ORIYA | Immediately | Perpetuity | Yes |
| 22 | OYEE GUITAR | Aman, Ahana, Jeeban Panda, Debu Pattnaik, Llu Banerjee, Ranu Padhi, Choudhary Jay Prakash Das, Aishwarya, Gudu, Gudi | ORIYA | Immediately | Perpetuity | No |

The Film(s) are free from any encumbrances, claims or demands, whatsoever. However, should any person(s) have claim against, to, or in respect of any of the Film(s) mentioned hereinabove whether by way of any sale, license, assignment or otherwise, such person(s) are hereby required to make the same known in writing to us at our office at B-116, MITTAL TOWERS, NARIMAN POINT, MUMBAI – 400 021, within ten (10) days from the date of publication hereof, failing which the transaction will be completed without reference to such claim and the same, if any, will be deemed to have been waived.

Place: Bhubaneswar
Date: 29/05/2021

From: **Naik Naik & Co., B-116, Mittal Towers, Nariman Point, Mumbai 400 021**

ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। –ଶ୍ରୀମା

# ଚାଇନା ତିଆରି

କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ଚାଇନାର ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ବୋଲି ୨୦୨୦ ପ୍ରାରମ୍ଭିକ ସମୟରେ ଜୋରଦାର ଆଲୋଚନା ହୋଇଥିଲା। ହେଲେ ତାହାକୁ ଚାଇନା ବାରମ୍ବାର ଖଣ୍ଡନ କରିଥିଲା। ଏହା ପରେ ଚର୍ଚ୍ଚା ହୋଇଥିଲା ଯେ, ଚାଇନାର ମାଂସ ବଜାରରୁ ଏହି ଭୂତାଣୁ ଜନ୍ମ ନେଇଛି। କେତେକେ ବାଦୁଡ଼ିକୁ ଭୂତାଣୁର ବାହକ ଭାବେ ଅଭିହିତ କରିଥିବା ବେଳେ ବଜ୍ରକାପ୍ତାଠାରୁ ଏହା ମଣିଷ ଶରୀରକୁ ବ୍ୟାପିଛି ବୋଲି କୁହାଯାଇଥିଲା। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କୋଭିଡ୍-୧୯ ବିଷୟରେ ପ୍ରକୃତ ପ୍ରମାଣ ନ ପାଇବାରୁ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଅନ୍ୟପକ୍ଷରେ ବିକଶିତ ଦେଶର ବୈଜ୍ଞାନିକମାନେ ଏହା ଉପରେ ଅନୁଧ୍ୟାନ ଆରମ୍ଭ କରିଥିଲେ। ବିଶ୍ୱବ୍ୟାପୀ ଡବ୍ଲ୍ୟୁଏଚ୍‌ଓକୁ ପୁଣି ସମାଲୋଚନା କରାଯିବା ପରେ ଚଳିତବର୍ଷ ଜାନୁୟାରୀରେ ଏହି ବିଶ୍ୱ ସଙ୍ଗଠନର ଏକ ଟିମ୍ ଚାଇନା ଯାଇଥିଲେ ମଧ୍ୟ ଭୂତାଣୁ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ବାହାରିଥିବାର କୌଣସି ପ୍ରମାଣ ପାଇ ନ ଥିଲା। ୨୬ ମେ' ୨୦୨୧ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୋଇନ୍ଦା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଯେ ଭୂତାଣୁ ପଶୁପକ୍ଷୀଠାରୁ ମଣିଷ ଦେହକୁ ଆସିଛି କି ପରୀକ୍ଷାଗାରରୁ ବାହାରିଛି ସେ ନେଇ ଖୋଳତାଡ଼କୁ ଡବ୍‌ଲ କରାଯାଉ। ଆମେରିକା ଏ ବିଷୟରେ କିଛି ତଥ୍ୟ ବାହାର କରିବା ପୂର୍ବରୁ ବ୍ରିଟେନ୍‌ର ବୈଜ୍ଞାନିକମାନେ ଆଗେ ସଫଳ ହୋଇଛନ୍ତି। ୩୦ ମେ'ରେ ରିପୋର୍ଟ ପ୍ରକାଶ ପାଇଛି ଯେ ଉହାନ୍‌ର ବୈଜ୍ଞାନିକମାନେ ଏହି ଭୂତାଣୁକୁ ସୃଷ୍ଟି କରିଛନ୍ତି। ବ୍ରିଟିଶ ପ୍ରଫେସର ଅଙ୍ଗୁସ୍ ଡାଲ୍‌ଗ୍ଲେଇସ୍ ଓ ନରୱେ ବୈଜ୍ଞାନିକ ଡକ୍ଟର ବିର୍‌ଜର ସୋରେନ୍‌ସେନ୍‌ଙ୍କ ଗବେଷଣାଲବ୍ଧ ରିପୋର୍ଟରୁ ଜଣାପଡ଼ିଛି, ଉହାନ୍ ଲାବ୍‌ରେ ଚାଇନା ବୈଜ୍ଞାନିକମାନେ 'ଗେନ୍ ଅଫ୍ ଫଙ୍କ୍‌ଶନ ପ୍ରୋଜେକ୍ଟ'କୁ ନେଇ କାମ କରୁଥିଲେ। ସେମାନେ ବିଭିନ୍ନ ଗୁମ୍ଫାରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ି ଉପରେ ପରୀକ୍ଷାନିରୀକ୍ଷା କରୁଥିବା ବେଳେ ପ୍ରାକୃତିକ କରୋନା ଭାଇରସ୍‌ର ମୂଳଅଂଶକୁ ନେଇ ମାରାତ୍ମକ ଭୂତାଣୁ ସୃଷ୍ଟି କରିଥିଲେ।

କରୋନା ଭାଇରସ୍ ଚାଇନା ବୈଜ୍ଞାନିକଙ୍କ ଦ୍ୱାରା ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରୁ ସୃଷ୍ଟି କରାଯାଇଛି ବୋଲି 'ଡେଲି ମେଲ୍'ରେ ଖବର ପ୍ରକାଶ ପାଇବା ପରେ ପୂର୍ବରୁ ସନ୍ଦେହ କରାଯାଉଥିବା କଥା ସତ୍ୟ ବୋଲି ପ୍ରମାଣିତ ହୋଇଛି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଚାଇନା ଜୈବିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି ଓ କରୋନା ଭାଇରସ୍ ସେଥିରୁ ଅନ୍ୟତମ। ଯେତେବେଳେ ସମଗ୍ର ପୃଥିବୀ ଏହି ରୋଗରେ କଲବଲ ହୋଇ ଭୁଶୁଡ଼ି ପଡ଼ିବା ସ୍ଥିତିକୁ ଆସିଲାଣି ସେତେବେଳେ ମନେହେଉଛି ଚାଇନା ସୁରୁଖୁରୁରେ ଦୈନନ୍ଦିନ ଜୀବନଯାପନକୁ ଫେରିଗଲାଣି। ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ଏ ସଂକ୍ରାନ୍ତ ପରୀକ୍ଷାନିରୀକ୍ଷା ଚାଲିଥିବା ବେଳେ ପରୀକ୍ଷାଗାର ବାହାରକୁ ଏହି ଭୂତାଣୁ ଚାଲିଯାଇ ଜୀବନ ପାଇବା ପରେ ସମଗ୍ର ବିଶ୍ୱ ଆକ୍ରାନ୍ତ ହୋଇପଡ଼ିଛି। ହୁଏତ ସେଥିପାଇଁ ଚାଇନା ସରକାର ଏ ସଂକ୍ରାନ୍ତୀୟ ତଥ୍ୟ ଦେବାକୁ ରାଜି ହେଉ ନାହିଁ। କୋଭିଡ୍-୧୯ର ଉତ୍ପତ୍ତି ନେଇ ଖୋଳତାଡ଼ କରୁଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ୨୦୧୯ ନଭେମ୍ବରରେ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଅନେକ ଗବେଷକ ଅସୁସ୍ଥ ହୋଇପଡ଼ିଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏ ବିଷୟକୁ ମଧ୍ୟ ଚାଇନା ସ୍ୱୀକାର କରିନାହିଁ। ଏହା ଜଣାଶୁଣା ଯେ ଚାଇନା ତା'ର କୌଣସି ତଥ୍ୟ ସାଧାରଣରେ ପ୍ରକାଶ କରେ ନାହିଁ। ୨୦୨୦ ଫେବୃୟାରୀରେ ଉପଗ୍ରହ ଚିତ୍ର ଆଧାରରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ଚାଇନାର ଉହାନ୍ ଅଞ୍ଚଳରେ ସଲ୍‌ଫ୍ୟୁରିକ୍ ଏସିଡ୍ ପରିମାଣ ବୃଦ୍ଧି ପାଇଥିଲା। ଏହାର କାରଣ ଭାବେ ଦର୍ଶାଯାଇଥିଲା, ଗଣଦାହ ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଏହି ସ୍ତର ବଢ଼ିଯାଇଥିଲା। ଆଜିର ସ୍ଥିତି ଦେଖିଲେ, ମନେହେଉଛି ଯେପରି ଚାଇନାକୁ କୌଣସି ଦେଶ ପ୍ରଶ୍ନ କରିବାକୁ ସାହସ କରିପାରୁନାହାନ୍ତି।

## ସାପ୍ତାହିକ ପଞ୍ଜିକା

**ମେ ୨୪:** ଗାଜିଆବାଦରେ ୟେଲୋ ଫଙ୍ଗସ୍ ରୋଗୀ ଚିହ୍ନଟ।
➢ଭାରତରେ ସ୍ପୁଟ୍‌ନିକ୍-ଭି ଉତ୍ପାଦନ ଆରମ୍ଭ।
**ମେ ୨୫:** ସୁବୋଧ ଜୟସ୍ୱାଲ୍‌ଙ୍କୁ ସିବିଆଇର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।
➢ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସିଲେରୁ ନଦୀରେ ଡଙ୍ଗା ବୁଡ଼ି ୬ ଜଣଙ୍କର ମୃତ୍ୟୁ ଘଟିଛି।
**ମେ ୨୬:** ୟାସ୍ ବାତ୍ୟାରେ ୩ ଜୀବନ ଗଲା।
➢ଏଲୋପାଥି ଏବଂ ଏଲୋପାଥିକ୍ ଡାକ୍ତରଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ବାବା ରାମଦେବଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ୧,୦୦୦ କୋଟି ଟଙ୍କାର ମାନହାନି ନୋଟିସ ପଠାଇଛି।
**ମେ ୨୭:** କରୋନାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲାଙ୍କ ପରଲୋକ।
**ମେ ୨୮:** ଉତ୍ତର ପ୍ରଦେଶ ଆଲିଗଡ଼ରେ ବିଷାକ୍ତ ମଦ ପିଇ ୧୫ ଜଣଙ୍କ ମୃତ୍ୟୁ ଘଟିଛି।
➢କୋଭିଡ୍‌ରେ ଅନାଥ ଶିଶୁଙ୍କୁ ସହାୟତା ଦେବାକୁ ରାଜ୍ୟଗୁଡ଼ିକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।
**ମେ ୨୯:** ୟୁଏଇ ଗଲା ଆଇପିଏଲ୍।

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | | 4 | | | |
| 7 | | 2 | | | | | | 3 |
| | | | 6 | 1 | | | 5 | |
| 8 | | | 1 | 5 | 2 | | | |
| 6 | | | | 4 | | | | |
| | | 5 | | | | | | |
| | | 3 | 7 | | | 2 | | |
| | | 7 | | 6 | 8 | 4 | 9 | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 8 | 6 | 7 | 1 | 4 | 3 | 9 |
| 4 | 1 | 3 | 5 | 8 | 9 | 2 | 6 | 7 |
| 6 | 7 | 9 | 4 | 3 | 2 | 5 | 1 | 8 |
| 5 | 9 | 4 | 3 | 1 | 7 | 8 | 2 | 6 |
| 3 | 8 | 2 | 9 | 6 | 5 | 1 | 7 | 4 |
| 7 | 6 | 1 | 8 | 2 | 4 | 3 | 9 | 5 |
| 1 | 4 | 7 | 2 | 9 | 8 | 6 | 5 | 3 |
| 8 | 2 | 6 | 7 | 5 | 3 | 9 | 4 | 1 |
| 9 | 3 | 5 | 1 | 4 | 6 | 7 | 8 | 2 |

ଗତକାଲିର ଉତ୍ତର

# ବର୍ଷକରେ ପାଞ୍ଚ ସାତ ରକମର ଟିକା



ସହଦେବ ସାହୁ

କରୋନା ଯେତିକି ଖରାପ କରିଛି, ସେତିକି ଭଲ କରିଛି ବୋଲି କହିବା। ସାରା ପୃଥିବୀକୁ ଏକ କରିଦେଲା, ସବୁ ବୈଜ୍ଞାନିକଙ୍କୁ ଟିକା ତିଆରି କାମରେ ଲଗାଇଦେଲା। ବର୍ଷକ ଭିତରେ ଛ' ସାତଟା ଟିକା ତିଆରି ହେବା ସମ୍ଭବ ହୋଇଛି: କୋଭିଶିଲ୍ଡ, କୋଭାକ୍ସିନ୍, ସାଇନୋଭାକ୍, ସାଇନୋଫାର୍ମ, ସ୍ପୁଟନିକ୍, ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଆଦି। ଆଉ କେତେଟା ବି ବାହାରି ପଡ଼ିବ ବର୍ଷ ଶେଷ ଆଡ଼କୁ। ମଣିଷର ଏ କାରନାମା ଆଗରୁ ନ ଥିଲା। ୧୯୧୮ ଫ୍ଲୁ ଆରମ୍ଭ ହୋଇଛି ପକ୍ଷୀମାନଙ୍କଠାରୁ ଏଚ୍‌୧ଏନ୍‌୧ ଭୂତାଣୁ ଆସିଥିବାରୁ, କିନ୍ତୁ ତାହାର ଟିକା ୧୦୦ ବର୍ଷ ପରେ ବାହାରିଛି। ଫୁସ୍‌ଫୁସ୍ ରୋଗ, ମଧୁମେହ ଓ ଅପସ୍ମାର ଭଳି ସବୁଦିନିଆ ରୋଗ ଅଷ୍ଟ୍ରେଲିଆର ୭ ଲକ୍ଷ ଆଦିମ ଅଧିବାସୀଙ୍କୁ (ଆବୋରିଜନାଲ) ଘାରୁଛି, କିନ୍ତୁ ସେଗୁଡ଼ିକର ଟିକା କାହିଁ? ଏଡ୍‌ସ କଥା ଦେଖନ୍ତୁ। ମଣିଷର ଇମ୍ୟୁନ୍ ବ୍ୟବସ୍ଥାକୁ ନଷ୍ଟ କରିଦେଉଥିବା ଲକ୍ଷଣ (ଆକ୍ୱାୟାର୍ଡ ଇମ୍ୟୁନୋଡେଫିସିଏନ୍ସି ସିଣ୍ଡ୍ରୋମ୍, ସଂକ୍ଷେପରେ ଏଡ୍‌ସ) ନାମକ ରୋଗ ଯେଉଁ ଭୂତାଣୁ ଦ୍ୱାରା ସଂକ୍ରମିତ ହୁଏ, ତାକୁ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ (ସଂକ୍ଷେପରେ ଏଚ୍‌ଆଇଭି) ଆଣିଥାଏ। ଚାଇନାର ଉହାନ୍ ସହରର ମାଛମାଂସ ହାଟରୁ (ବିଶେଷତଃ ବାଦୁଡ଼ି ମାଂସରୁ) କରୋନା ଭାଇରସ୍ ଆସିଛି ବୋଲି ଯେମିତି କୁହାଯାଉଛି, ସେଇମିତି କୁହାଯାଏ ଯେ କଙ୍ଗୋ ଡିମୋକ୍ରାଟିକ୍ ରିପବ୍ଲିକ୍‌ର ରାଜଧାନୀ କିନ୍ସାସାର ଏକ ବନ୍ୟପ୍ରାଣୀ-ମାଂସ ହାଟରୁ (ସିମ୍ପାଞ୍ଜି ବା ବାନର ମାଂସ ଜରିଆରେ) ଏଡ୍‌ସ ଭାଇରସ୍ ଆସିଛି ବୋଲି କୁହାଯାଉଛି। ଏଡ୍‌ସ ରୋଗର ଟିକା ଏଯାଏ ବାହାରି ନ ଥିବା ବେଳେ କୋଭିଡ୍-୧୯ର ଟିକା ବାହାରିଗଲାଣି। ମନେରଖିବା କଥା ଯେ, ୧୯୨୦ ଦଶକରୁ ଏଡ୍‌ସ ଆରମ୍ଭ ହୋଇଥିଲେ ବି, ଏବଂ ଏଯାଏ ପ୍ରାୟ ୪ କୋଟି ଲୋକ ସଂକ୍ରମିତ ଓ ପ୍ରାୟ ୮ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ହେଁ ତାହାର ଟିକା ବାହାରିନାହିଁ। ଅବଶ୍ୟ ଆଜି ଏଚ୍‌ଆଇଭି ବା ଏଡ୍‌ସ ରୋଗର ଔଷଧ ବାହାରିସାରିଛି। କିନ୍ତୁ ପ୍ରଶ୍ନ ହେଉଛି, ଯଦି କୋଭିଡ୍-୧୯କୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ମହାମାରୀ ବୋଲି ଘୋଷଣା କରିବାର ମାସେ ନ ପୂରୁଣୁ ଟିକା ବାହାରିପାରିଲା, ତେବେ ଆଜିଯାଏ କାହିଁକି ଏଡ୍‌ସ ଟିକା ବାହାରିନାହିଁ? ବହୁଦିନ ବିତିଯାଇଥିବାରୁ ଆଉ ଔଷଧ ବାହାରି ଯାଇଥିବାରୁ ଏଡ୍‌ସ ମହାମାରୀକୁ ଆମେ ଆଉ ମହାମାରୀ ଭଳି ଦେଖୁନାହୁଁ। ମାଇଗ୍ରାଣ୍ଟ ଲେବରରମାନେ ଏଡ୍‌ସ ବହନ କରି ଗାଁକୁ ଆସୁଥିଲେ ମଧ୍ୟ ଆମେ ଚୁପ୍ ରହୁଛୁ, ଅର୍ଥାତ୍ ଏଡ୍‌ସ ଆମର ଦେହସୁହା ହୋଇଗଲାଣି। ଚାରି ପାଞ୍ଚ ବର୍ଷ ପରେ ବି କୋଭିଡ୍-୧୯ ଦେହସୁହା ହୋଇଯିବ, କିନ୍ତୁ କେତେ ଯେ ଲୋକ ପ୍ରାଣ ହରାଇଥିବେ ଆଜିକାଲିକାର ଗଣତନ୍ତ୍ର ବା ବିକଶିତ ରାଷ୍ଟ୍ର ବୋଲାଉଥିବା ଦେଶର ସରକାରମାନେ ବିପ୍ଳବର ସମ୍ମୁଖୀନ ହେବେ ନାହିଁ ତ! ବିଜ୍ଞାନର ପ୍ରଗତି ଏତେ ବେଶି ହୋଇଛି ଓ ବାୟୋଟେକ୍ନୋଲଜିର ବିକାଶ ଏତେ ହୋଇଗଲାଣି ଯେ, ଏବେ ବସୁଧୈବ କୁଟୁମ୍ବକମ୍ ଭାବ ଏତେ ବେଶି ବ୍ୟାପିଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା କୋଭିଡ୍-୧୯କୁ ମହାମାରୀ ଘୋଷଣା କରିବାର ମାସେ ନ ପୂରୁଣୁ ସାତ ସାତଟା ଟିକା ବାହାରିପଡ଼ିଲା।

ଟିକାକରଣ ପଛରେ କି ବୈଜ୍ଞାନିକ ତତ୍ତ୍ୱ ଅଛି ଆମେ ଜାଣୁ। ଆମ ଦେହରେ ରୋଗପ୍ରତିରୋଧକାରୀ ଶକ୍ତି (ଇମ୍ୟୁନ୍ ସିଷ୍ଟମ୍) ଅଛି, ତାହା ଭାଇରସ୍‌ଟିଏ ଦେଖିଲା କ୍ଷଣି ତାକୁ କିପରି ହରାଇହେବ ସେହି ଚେଷ୍ଟା କରେ ଏବଂ ଥରେ ହରାଇଦେଲେ ତାହା ଶିଖିନିଏ ଓ ମନେରଖେ, ଅର୍ଥାତ୍ ଅଭ୍ୟାସରେ ପକାଇଦିଏ। ପରେ ଏମିତିକା ଭାଇରସ୍ ଆସିଗଲେ ସେଇମିତି ଲଢ଼େଇ କରିବ। ତେଣୁ ବୈଜ୍ଞାନିକମାନେ ଭାଇରସ୍‌ର ନକଲଟିଏ (ଅର୍ଥାତ୍ ମୃତ ବା ଦୁର୍ବଳ ଭାଇରସ୍) ନେଇ ତାକୁ ମଣିଷ ଦେହରେ ପୂରାନ୍ତି, ତାହାହିଁ ଇଞ୍ଜେକ୍ସନ୍ ବା ଟିକାକରଣ। ବାହାରର ଆକ୍ରମଣ ଆସିଗଲା ଭାବି ଆମ ଦେହର ରୋଗପ୍ରତିରୋଧକାରୀ ଶକ୍ତି ଯଥା ଟି-ସେଲ୍‌ମାନେ ଲଢ଼େଇରେ ଲାଗିଯାଆନ୍ତି ଆଗନ୍ତୁକ ଭାଇରସ୍‌କୁ ହରାଇବାକୁ। ଏଯାବତ୍ ଟିକା ତିଆରି କରିବାରେ ଭାଇରସ୍‌ର ଖଣ୍ଡ ଖଣ୍ଡ ଟୁକୁରା, ଯାହାକୁ ଆମେ ଆଣ୍ଟିଜେନ୍ କହୁ, ବ୍ୟବହାର ହେଉଥିଲା। ସାବଧାନତା ହରାଇଲେ ଜୀବନ୍ତ ଭାଇରସ୍ ବି ଟିକାରେ ଯାଇପାରେ ତ ଫଳ ବିଷମୟ ହେଉଥିଲା; ଯେପରି ୧୯୫୫ରେ ଏକ ଦୁର୍ବଳ ଭୂତାଣୁରୁ ବସନ୍ତଟିକା କରିବା ଅବସ୍ଥାରେ ତ୍ରୁଟି ରହିଥିବା ଯୋଗୁ ୧୦ଟି ପିଲା ମରିଥିଲେ ଆଉ ଶହ ଶହ ପଙ୍ଗୁ ହୋଇଯାଇଥିଲେ। ଆଗକାଳର ଟିକା ତିଆରି ପ୍ରକ୍ରିୟାରେ ମଲା ବା ଦୁର୍ବଳ ଭୂତାଣୁକୁ ୟିଷ୍ଟ ବା ଇ.କୋଲାଇ ଭଳି କୋଷ-ବ୍ୟବସ୍ଥା ଭିତରେ ବଢ଼ାଯାଇଥାଏ, ସେହି ୟିଷ୍ଟ ବା ଇ.କୋଲାଇ ଜୀବାଣୁ ବଂଶ ବୃଦ୍ଧି କରି ମୃତ ବା ଦୁର୍ବଳ ଭୂତାଣୁ ସଂଖ୍ୟାକୁ ବହୁଗୁଣିତ କରିଥାଏ। ଏହାହିଁ ଆଣ୍ଟିଜେନ୍ ଭାବେ ପ୍ରକାଶପାଏ, ତାକୁ ବୈଜ୍ଞାନିକମାନେ ଅମଳ କରନ୍ତି। ଏ କାମ ବଡ଼ ଧୀର। କରୋନା ମହାମାରୀ ସମୟରେ ନୂଆ ବାୟୋଟେକ୍ନୋଲଜି ଆସିଯାଇଛି। ପୃଥିବୀର ବୈଜ୍ଞାନିକମାନେ ଯିଏ ଯେଉଁଠି ଥାଆନ୍ତୁ, ନୂଆ ବାୟୋଟେକ୍ନୋଲଜିକୁ କାମରେ ଲଗାଇଲେ ଏବଂ ବିକଶିତ ଦେଶମାନଙ୍କରେ ସରକାର ଅକୁଣ୍ଠ ସାହାଯ୍ୟ କଲେ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ପ୍ରତି କୋଷରେ ତାହା ତିଆରିର ପାଠ ଥାଏ, ତାକୁ ଏମ୍‌ଆର୍‌ଏନ୍‌ଏ କହନ୍ତି। ଆର୍‌ଏନ୍‌ଏ ହେଉଛି ବଂଶଗୁଣ, ଏମ୍ ହେଉଛି ମେସେଞ୍ଜର ଅର୍ଥାତ୍ ତାକୁ ପଢ଼ିବାର ପ୍ରକ୍ରିୟା, ଚାବିକାଠି କହିଲେ ଚଳିବ। ବୈଜ୍ଞାନିକମାନେ ମଲା ଭୂତାଣୁ ନ ନେଇ ଭୂତାଣୁର ବଂଶବୃଦ୍ଧିର (ଜେନେଟିକ୍ସ) କ୍ରମାନ୍ୱୟତା (ସିକ୍ୱେନ୍ସ) ଦେଖନ୍ତି, ତା'ର ଅତିଦରକାରୀ ଅଂଶ ଖୋଜନ୍ତି, ଯଥା ସ୍ପାଇକ୍ ପ୍ରୋଟିନ୍, ଯାହା ଚାବିକାଠି ଥିବା ଖୋଳ ଭଳି କାମ କରେ, କୋଷର ତାଲା ଖୋଲିଦିଏ, ତା' ଭିତରେ ପଶିଯାଏ, ସେଇଠି ନିଜର ନକଲ ତିଆରି କରେ ଏବଂ ପାଖଆଖର କୋଷମାନଙ୍କୁ ସେହି ପ୍ରକାରର ନକଲ ତିଆରି କରିବାକୁ ପ୍ରବର୍ତ୍ତାଏ। ଅର୍ଥାତ୍ ଆମ ଦେହ କୋଷ କେବଳ ସ୍ପାଇକ୍ ପ୍ରୋଟିନ୍ ତିଆରି କରିଦେବ ତ ଆମ ଇମ୍ୟୁନ୍ ବ୍ୟବସ୍ଥା ସଂକ୍ରମଣକାରୀ ଭୂତାଣୁକୁ ପ୍ରବେଶ କରିବାକୁ ଦେବ ନାହିଁ। ପଶିଥିବା ଭୂତାଣୁକୁ ବଂଶବୃଦ୍ଧି କରିବାକୁ ଦେବନାହିଁ, କାରଣ ତାହାର ବଢ଼ିବାର ସ୍ପାଇକ୍ ପ୍ରୋଟିନ୍ ମିଳିବ ନାହିଁ। କୃତ୍ରିମ (ସିନ୍ଥେଟିକ୍) ଏମ୍‌ଆର୍‌ଏନ୍‌ଏ ଟେକ୍ନୋଲଜି ପଛରେ ଥିବା ସ୍ୱପ୍ନ ଏବେ ସାକାର ହୋଇଛି। ନୂଆ ଟିକାକରଣ ବ୍ୟବସ୍ଥାରେ କୃତ୍ରିମ ଏମ୍‌ଆର୍‌ଏନ୍‌ଏ ତିଆରି ହେଉଛି, ତାହା କେବଳ ସ୍ପାଇକ୍ ପ୍ରୋଟିନ୍ ତିଆରି କରୁଛି। ଭୂତାଣୁର ବାକି ଅଂଶ ତିଆରି କରୁନାହିଁ। ଏମ୍‌ଆର୍‌ଏନ୍‌ଏ, ଏକ ପ୍ରକାରର କ୍ଷୀଣାୟୁ ଗୋଟିକିଆ ଖିଅବାଲା ଅଣୁ, ଯାହା ଡିଏନ୍‌ଏରୁ ପାଠ ନେଇ କୋଷ-ଆବରଣକାରୀ ସ୍ପାଇକ୍ ପ୍ରୋଟିନ୍ ତିଆରି କରିଥାଏ। ଆମ ଦେହ ଆଣ୍ଟିବଡି ତିଆରିର ଏକ କାରଖାନା ହୋଇଯାଏ। ୨୦୨୦ରେ ବୈଜ୍ଞାନିକମାନେ ବରାଦ ଅନୁଯାୟୀ ଏମ୍‌ଆର୍‌ଏନ୍‌ଏ ତିଆରି କରିବାର କାଇଦା ପାଇଗଲେ, ବହୁପରିମାଣରେ ତିଆରି କରିବାର କଳ ବାହାର କଲେ, ଏହି କ୍ଷଣଭଙ୍ଗୁର ଏମ୍‌ଆର୍‌ଏନ୍‌ଏକୁ କେମିତି ମଣିଷର କୋଷ ଭିତରକୁ ଇଞ୍ଜେକ୍ଟ କରିହେବ ତାହା ଜାଣିଗଲେ। ଟିକା ପାଇଁ କୋଡିଂ (ସୂତ୍ର) ମିଳିଗଲା। ଅମାପ ସଂଖ୍ୟାରେ ତିଆରି (ମାସ୍ ପ୍ରଡ୍ୟୁସ୍) କରିବାର ତରିକା ମିଳିଗଲା। ଏ କଥା ଆଗେ ସମ୍ଭବ ନ ଥିଲା। ଏ ସବୁ ନୂଆ କଥା, ଯାହା କରୋନାର କରୁଣା ବୋଲି କହିବା।

କରୋନାର ଆଉ ଗୋଟିଏ କରୁଣା, ସେ ଲୋକଙ୍କୁ ଜଣାଇଦେଲା ଯେ ଯେପର୍ଯ୍ୟନ୍ତ ବିଶ୍ୱରେ ଜଣେ ବି ଭୂତାଣୁଗ୍ରସ୍ତ ଥିବ ସେପର୍ଯ୍ୟନ୍ତ ପୃଥିବୀ କୋଭିଡ୍-୧୯ ମୁକ୍ତ ହୋଇ ନ ଥିବ। ଅର୍ଥାତ୍ ଆମେ ସମସ୍ତେ ଗୋଟିଏ ପରିବାରର କୁଟୁମ୍ବ। କରୋନା ଆହୁରି ବି ଜଣାଉଛି ଯେ ବଣଜଙ୍ଗଲର ପଶୁପକ୍ଷୀଙ୍କୁ ତୁମର ଖାଦ୍ୟ କର ନାହିଁ, ସେମାନଙ୍କୁ ପ୍ରାକୃତିକ ପରିବେଶରେ ବିଚରଣ କରିବାକୁ ଦିଅ। ପରିଶେଷରେ କରୋନା ମନେପକାଇ ଦେଉଛି ଯେ କ୍ଲିନ୍‌ନେସ୍ ଇଜ୍ ନେକ୍ସ୍‌ଟ ଟୁ ଗଡ୍‌ଲିନେସ୍, ଦେବତ୍ୱ ଲାଭ କରିବାକୁ ହେଲେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଅ।

sahadevas@yahoo.com

# ନିଶାର ମରଣଯନ୍ତା



ଡା. ଉମେଶ ଚନ୍ଦ୍ର ପାତ୍ର

କିଛି କ୍ଷଣର ଉନ୍ମାଦନା ବା ଅବ୍ୟବସ୍ଥିତ ଦୈନନ୍ଦିନ ଭିତରେ ନିଶା ବ୍ୟବହାର କରୁଥିବା ଲୋକଟି ପ୍ରକାରାନ୍ତରେ ସେହି ନିଶା ଦାନବର କବଳିତ ହୋଇ ସାରିଥାଏ। ତେବେ ନିଶା ଯେ କେବଳ ମଦ, ଭାଙ୍ଗ, ଟାବ୍‌ଲେଟ ବା ଇଞ୍ଜେକଶନ୍ ନୁହେଁ ସବୁଠାରୁ ବେଶୀ ବ୍ୟବହୃତ ହୁଏ ତମାଖୁ। ଗାଁ ହେଉ ବା ସହର ଗୁଟ୍‌ଖା ପାଟିରେ ପକାଇ କାର୍ଯ୍ୟ କରୁଥିବା ଲୋକଟିଏ ପରବର୍ତ୍ତୀ ସମୟରେ ସେହି ନିଶା ରାକ୍ଷସର ପାଟି ଭିତରେ ହିଁ ପଶି ଯାଇଥାଏ । ଗୁଟ୍‌ଖା ହେଉ ବା ସେହି ଧରଣର ଧୂଆଁପତ୍ର ସହିତ ନିକୋଟିନ୍ ମିଶିଥିବା ପାନ ମସଲା ଖାଇ ପୃଥିବୀରେ ବର୍ଷକୁ ପାଖାପାଖି ୬୦ ଲକ୍ଷ ଲୋକ ଜୀବନ ହାରୁଛନ୍ତି। ଭାରତରେ ଏହି ସଂଖ୍ୟା ୧୨ ଲକ୍ଷରୁ ଅଧିକ ହେଉଥିବାବେଳେ ତମାଖୁ ସେବନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଥିବା ଓଡ଼ିଶାରେ ବର୍ଷକୁ ୪୦ ହଜାର ପାଖାପାଖି ଲୋକ ଏହି କାରଣରୁ ଜୀବନ ହରାଉଛନ୍ତି। ନିଶା ରାକ୍ଷସର କବଳରୁ ଲୋକମାନଙ୍କୁ ରକ୍ଷା କରିବା ସହ ଏହାର ନିୟନ୍ତ୍ରଣ ଦିଗକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବରେ ପାଳନ କରୁଛି। ଏକ ପରିସଂଖ୍ୟାନର ତଥ୍ୟ ଯାହା କୁହେ ପୃଥିବୀରେ ପ୍ରତି ୬ ସେକେଣ୍ଡରେ ତମାଖୁ ସେବନଜନିତ କାରଣରୁ ଅତିକମ୍‌ରେ ଜଣେ ଲୋକର ଜୀବନ ଯାଇଥାଏ। ଯେଉଁ ଭାବରେ ତମାଖୁ ସେବନଜନିତ ମୃତ୍ୟୁସଂଖ୍ୟା ବଢ଼ୁଛି, ତାହା ସେହି ଧାରାରେ ରହିଲେ ଏହା ବାର୍ଷିକ ୧ କୋଟିକୁ ଟପିଯିବ। ଆମ ଦେଶରେ ଯେତେ ମୁଖଗହ୍ୱର କର୍କଟ ରୋଗୀ ରହିଛନ୍ତି, ସେମାନଙ୍କ ଭିତରୁ ପାଖାପାଖି ୯୦% ହେଉଛନ୍ତି ବିଭିନ୍ନ ପ୍ରକାରର ତମାଖୁ ବ୍ୟବହାରକାରୀ। କେବଳ ଭୟାବହ କର୍କଟ ରୋଗ ନୁହେଁ, ତମାଖୁ ସ୍ଲୋ ପଏଜନ୍ ଭାବେ ଧୀରେ ଧୀରେ ମଣିଷକୁ ମୃତ୍ୟୁପର ପଥ ଦେଖାଇଥାଏ। କେବଳ ସେତିକି ନୁହେଁ, ଏହାକୁ ସାଙ୍ଗ କରିଥିବା ଲୋକଟି ଅଜାଣତରେ ଯକୃତଠାରୁ ହୃଦ୍‌ରୋଗ, ଅଗ୍ନାଶୟ, ବୃକକ୍, ପାକସ୍ଥଳୀ, ସ୍ନାୟୁଗତ, ଫୁସ୍‌ଫୁସ୍ ରୋଗମାନଙ୍କରେ ପୀଡ଼ିତ ହେବା ସହ ପରିବାର ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥା'ନ୍ତି।

୨୦୨୦ ମସିହାର ଭାରତ ସରକାରଙ୍କ ପ୍ରଦତ୍ତ ବାର୍ଷିକ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଯାହା କହିଛି, ତାହା ହେଉଛି କେବଳ ଓଡ଼ିଶାରେ ୩୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଅନ୍ୟୂନ ୩୮% ଲୋକ ଏହି ଭୟାବହ ତମାଖୁର ମରଣଯନ୍ତାରେ ଫସୁଛନ୍ତି। ରାଜସ୍ଥାନ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ଏହି ସଂଖ୍ୟା ୧୦%ରୁ କମ୍ ଥିବାବେଳେ ସେଠାରେ ତମାଖୁ ନିଷିଦ୍ଧ କରାଯାଇଛି। ଆଇନ ଯେ ନାହିଁ ତାହା ନୁହେଁ, ସମଗ୍ର ଭାରତରେ ପାଖାପାଖି ୨୦ଟି ରାଜ୍ୟରେ ଏହି ଗୁଟ୍‌ଖା ଓ ତମାଖୁର ବ୍ୟବହାର ଉପରେ କଡ଼ା କଟକଣା ରହିଛି। ଓଡ଼ିଶାରେ ଏହାକୁ ନିଷିଦ୍ଧ ବା ବନ୍ଦ କରିବା ପାଇଁ ଆଇନ ବି ରହିଛି। ସରକାର କେବଳ ଏହାର ନିଷିଦ୍ଧ ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଦେଇ ଦାୟିତ୍ୱ ସରିଗଲା ଭଳି ଭାବୁଛନ୍ତି। ବ୍ୟାପକ ସଚେତନତା ସୃଷ୍ଟି ନ ହେଉଥିବାରୁ ଏହା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ି ଚାଲୁଛି। ଆଇନରେ ଗୁଟ୍‌ଖା ଓ ତମାଖୁଜାତ ସାମଗ୍ରୀର ଉତ୍ପାଦନ, ବ୍ୟବସାୟ ଏପରିକି ବ୍ୟବହାର ପାଇଁ ନିଷିଦ୍ଧାଦେଶ ରହିବା ସହ ଏହାପାଇଁ ଜେଲ ଓ ଜରିମନାର ଦଣ୍ଡବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶାରେ ଜଣେ ବି କେହି ଦଣ୍ଡିତ ହୋଇନାହାନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏହାର ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ଲୋକମାନଙ୍କୁ ବୁଝାଇ କିଛିଟା ସଚେତନ କରିପାରିବାର ଦାୟିତ୍ୱ ରଖିଛନ୍ତି। ତେବେ ସବୁଠାରୁ ବଡ଼ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଓଡ଼ିଶା ଭଳି ଏକ ଗରିବ ରାଜ୍ୟର ଲୋକଙ୍କଠାରୁ ନିଶା ମାଫିଆମାନେ ବାର୍ଷିକ ପାଖାପାଖି ୬୦ ହଜାର କୋଟି ଟଙ୍କା ଶୋଷି ନେଉଛନ୍ତି। ଏଣୁ ଦାରିଦ୍ର୍ୟ ଦୂରୀକରଣ ସହିତ ରାଜ୍ୟର ବିକାଶ ଏବଂ ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଯେତେ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ସରକାର କଲେ ମଧ୍ୟ ତାହା ଫୁଟା ମାଠିଆରେ ବୋହିଯିବା ପାଣି ପରିସ୍ଥିତି। ଯେଉଁ ପ୍ରକାର ବି ହେଉ, ନିଶା ରାକ୍ଷସର ମରଣଯନ୍ତାରେ ପଡ଼ିଥିବା ଲୋକଟି ସହଜରେ ମୁକୁଳି ପାରି ନ ଥାଏ। କାରଣ ଏହା ଲୋକଟିର ସ୍ୱାସ୍ଥ୍ୟଗତ ଦିଗକୁ ନୁହେଁ, ମାନସିକ କ୍ଷେତ୍ରରେ ତାକୁ ଏକ ପ୍ରକାର ପାଗଳ କରିଦେଇଥାଏ।

ଅନେକ ସମୟରେ ନିଶା ନ ପାଇବାରୁ ନିଶାଖୋରମାନେ ଯେଉଁପରି ଭାବରେ ଜଘନ୍ୟ କାଣ୍ଡ କରିଥା'ନ୍ତି ତାହା ଗଣମାଧ୍ୟମରେ ପ୍ରକାଶ ପାଇଥାଏ। କିନ୍ତୁ ବାସ୍ତବରେ ଆମ ସମାଜରୁ ତମାଖୁ ବା ନିଶା ମୁକ୍ତ ବ୍ୟବସ୍ଥା ସୃଷ୍ଟି କରିବା ନିଶ୍ଚିତ ଭାବରେ କାଠିକର ପାଠ। ଏହା ଲୋକଟିର ସବୁକିଛିକୁ ପୋଡ଼ା ଅଙ୍ଗାର କରିଦିଏ। ଜୀବନରେ କୌଣସି ଖୁସି ପାଇବାକୁ ଲୋକଟି ସକ୍ଷମ ହୋଇନଥାଏ। ଖୁବ୍ ଖୁସିର କଥା, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ନିଶା ରାକ୍ଷସ କବଳରୁ କିପରି ଜଣେ ବର୍ତ୍ତିପାରିବ ତାହା ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧାର ବ୍ୟବସ୍ଥା ରହିଛି। ଇଆଡ଼େ ସେହି ନିଶା ପାଇଁ ବାଡ଼ିଆପିଟା, କେଉଁଠି ନିଜର ଉପରିସ୍ଥ ହାକିମଙ୍କୁ ନାଲିଆଖି ଦେଖାଇବା ଏହିପରି ବିଭିନ୍ନ ବିଭ୍ରାନ୍ତିକର ପରିବେଶ ସୃଷ୍ଟି ହୋଇଥାଏ। ତେବେ ନିଶା ନିବାରଣ ଚାହୁଁଥିଲେ ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଥମେ ନିଜ ଘରୁ ଆରମ୍ଭ କରି ଆଖପାଖର ପରିବେଶ ଓ ପରେ ସମାଜରେ ଆପଣ ନିଶା ମୁକ୍ତି ପାଇଁ ନିଶ୍ଚିତ କିଛି ଦାୟିତ୍ୱ ନିର୍ବାହ କରିପାରିବେ। ଆଉ ଏ କ୍ଷେତ୍ରରେ ସମସ୍ତଙ୍କର ସହଯୋଗ ନିତାନ୍ତ ପ୍ରୟୋଜନୀୟ। ତେଣୁ ଆସନ୍ତୁ ଆଜିପରି ଦିନରେ ଏହି ରାକ୍ଷସକୁ ମୂଳୋତ୍ପାଟନ କରିବା ପାଇଁ ସଂକଳ୍ପ ନେବା।

– ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଦୁର୍ଗମ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଶିଶୁମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ସନ୍ତୋଷ କୁମାର ପଣ୍ଡାଙ୍କ ଉଦ୍ୟମ ଏକ ଉଦାହରଣ ସୃଷ୍ଟି କରିଛି। ସନ୍ତୋଷଙ୍କ ବୟସ ୩୮ ଓ ସେ ରହନ୍ତି ଝାଡ଼ଖଣ୍ଡର ସିଂହଭୂମ ଜିଲାର ଦୁର୍ଗମ ଗାଁ ଚାଇବସାରେ। ଏହି ଗାଁକୁ ସରଣ୍ଡା ଜଙ୍ଗଲ ଘେରି ରହିଛି। ଏଠାରେ ଅନେକ ଗରିବ ଆଦିବାସୀ ସମ୍ପ୍ରଦାୟ ପରିବାର ରହୁଛନ୍ତି। ଗାଁଠାରୁ ୨ କି.ମି ଦୂରରେ ସ୍କୁଲ ରହିଥିବାରୁ ଜଙ୍ଗଲ ରାସ୍ତା ଦେଇ ପିଲାମାନେ ପଢ଼ିବାକୁ ଯାଆନ୍ତି ନାହିଁ। ଏଣୁ ସନ୍ତୋଷ ନିଜସ୍ୱ ପ୍ରୟାସରେ ୨୦୧୭ରେ ଚାଇବସାରେ ଏକ ଶିଶୁ ଶିକ୍ଷା ନର୍ସରୀ ସ୍କୁଲ୍ ଖୋଲି ୩୫ ଜଣ ପିଲାଙ୍କୁ ଇଂଲିଶ୍ ମାଧ୍ୟମରେ ମାଗଣାରେ ପଢ଼ାଉଛନ୍ତି। ଏହି ପ୍ରି ପ୍ରାଇମେରୀ ସ୍କୁଲ୍‌ରେ ମୁଖ୍ୟତଃ ଗଣିତ, ଇଂଲିଶ୍ ଓ ଅନ୍ୟ ବିଷୟ ପଢ଼ାଯାଉଛି। ସନ୍ତୋଷଙ୍କ ସ୍ତ୍ରୀଙ୍କ ସହ ଆଉ ଦୁଇଜଣ ମଧ୍ୟ ସ୍ୱେଚ୍ଛାକୃତ ଭାବେ ଏହି ସ୍କୁଲ୍‌ରେ ପଢ଼ାଉଛନ୍ତି। ସକାଳ ୯ରୁ ୧୨ଟା ଯାଏ ସ୍କୁଲ୍ ଚାଲୁଛି। ଏଠାରେ କୌତୂହଳ ଶୈଳୀରେ ଫଳ, ଖେଳନା ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରି ପିଲାଙ୍କୁ ପଢ଼ାଯାଉଛି। ପିଲାମାନଙ୍କ ପାଇଁ ୟୁନିଫର୍ମ, ପେନ୍‌ସିଲ ଏବଂ ପାଠ୍ୟ ଉପକରଣ ଲୋକମାନଙ୍କଠାରୁ ଦାନ ଆକାରରେ ମିଳୁଛି। ସିଂହଭୂମ ଜିଲାର ୫୨ଟି ଗାଁରେ ଶିକ୍ଷା କ୍ଷେତ୍ରରେ ଆଦିବାସୀ ପରିବାରଗୁଡ଼ିକ ସମାନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଆଗକୁ ଏଭଳି ସ୍କୁଲ ସେଠାରେ ଖୋଲିବା ଲାଗି ଯୋଜନା ରଖିଛନ୍ତି ସନ୍ତୋଷ।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମେ ୧୯୯୬

- ରାଣୀ ଏଲିଜାବେଥ୍‌ଙ୍କର ଦ୍ୱିତୀୟ ପୁତ୍ର ଯୁବରାଜ ଆଣ୍ଡ୍ର୍ୟୁ ତାଙ୍କର ସ୍ତ୍ରୀ ଡଚେସ୍ ଅଫ୍ ୟର୍କ ଫର୍ଗିଙ୍କୁ ପାରସ୍ପରିକ ବୁଝାମଣା ଭିତ୍ତିରେ ଛାଡ଼ପତ୍ର ଦେଇଛନ୍ତି।
- ତାମିଲନାଡୁ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍ ସହ ଗୋଟିଏ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ୩୦ ଜଣ ବସ୍ ଯାତ୍ରୀ ଜୀବନ୍ତ ଦଗ୍ଧ।
- ପାରାଦୀପ ନିଷିଦ୍ଧାଞ୍ଚଳ ଭିତରେ ଗଚ୍ଛିତ ଥିବା କୋଇଲା ଗଦାଗୁଡ଼ିକରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୫ କୋଟି ଟଙ୍କା ମୂଲ୍ୟର କୋଇଲା ଭସ୍ମୀଭୂତ।

## ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା
ଗ୍ରନ୍ଥ ଅଗଣନ
ମାନବ-ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର
ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି!
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ଦ୍ଦଶାରେ ଗଡ଼ମଧୁପୁର ବାସିନ୍ଦା

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଡ଼ମଧୁପୁର ଏବଂ ଜେନାପୁରଠାରେ ଥିବା ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲିପଡ଼ିଛି। କରୋନା ସମୟରେ ଡାକ୍ତର ନ ଥିବାରୁ ଏହି ଅଞ୍ଚଳରେ ଅତି ଦାରୁଣ ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ନିକଟସ୍ଥ କବାଟବନ୍ଧର ସାରୋଇ ଏବଂ ଅଣ୍ଡିଆ ସବ୍‌ସେଣ୍ଟରରେ କୌଣସି ଅଧିକାରୀ ନ ଥିବାରୁ ପ୍ରାୟ ୨୦ ହଜାର ଲୋକ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ଏବଂ ଟିକାରୁ ବଞ୍ଚିତ ହେଉଛନ୍ତି। ବାତ୍ୟା ଏବଂ ବର୍ଷା ପାଇଁ ଲୋକେ ଦୂରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇପାରୁ ନାହାନ୍ତି। କରୋନା ସାଙ୍ଗକୁ ଝାଡ଼ାବାନ୍ତି ଓ ଜ୍ୱର ବ୍ୟାପିଲାଣି। କେହି ଘରୁ ବାହାରି ପାରୁ ନାହାନ୍ତି। ଏଥିପାଇଁ ଏହି ଅଞ୍ଚଳରେ ତୁରନ୍ତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦଳ ପହଞ୍ଚା ଯାଉ, ନଚେତ୍ ଦୁଇ ଡାକ୍ତରଖାନାରେ ଅସ୍ଥାୟୀ ଡାକ୍ତର ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକଙ୍କ ଜୀବନ ରକ୍ଷା ଏବଂ ସ୍ୱାସ୍ଥ୍ୟସେବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଦିଗ ପ୍ରତି ସରକାର ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

–ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

## ବିପର୍ଯ୍ୟୟ ବେଳେ ଦରଦାମ୍ ନିୟନ୍ତ୍ରଣ ହେଉ

ଦେଶରେ ଅବା ରାଜ୍ୟରେ ମହାମାରୀ ହେଉ କି ବାତ୍ୟା କି ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହାଟ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯିବା ନିହାତି ଜରୁରୀ। କାରଣ, ସେତେବେଳେ ଲୋକେ ଛାନିଆ ହୋଇ ବିଭିନ୍ନ ସାମଗ୍ରୀ ଯଥା: ଡାଲି, ଚାଉଳ, ଅଟା ସହିତ ଅନ୍ୟାନ୍ୟ ତେଜରାତି ସଉଦା ଓ ପନିପରିବା ପ୍ରଭୃତି ନିଜର ଆବଶ୍ୟକତାଠାରୁ ଅଧିକ ପରିମାଣରେ କିଣି ନେବାକୁ ଚାହିଁଥାଆନ୍ତି। ଏଣୁ, ଖାଉଟିଙ୍କ ଚାହିଦାକୁ ଚାହିଁ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ଏହାର ଫାଇଦା ଉଠାଇ ମନଇଚ୍ଛା ଦରଦାମ ବୃଦ୍ଧି କରିଦିଅନ୍ତି। ଚଳିତ କରୋନା ମହାମାରୀରେ ଲକ୍‌ଡାଉନ୍ କିମ୍ବା ଶଟ୍‌ଡାଉନ୍ ଘୋଷଣା ହେବାମାତ୍ରେ ଜନସାଧାରଣ ଅତ୍ୟନ୍ତ ବ୍ୟାକୁଳ ହୋଇ ଜିନିଷ କିଣି ପକାଉଛନ୍ତି। ପୁଣି ନିଜ ବାସସ୍ଥାନଠାରୁ ୫୦୦ ମିଟର ଦୂରତାରେ କିଣାକିଣି ପାଇଁ କଟକଣା ଲାଗିଥିବାରୁ ବଞ୍ଚିବା ପାଇଁ ଖାଉଟି ସାମଗ୍ରୀ ଓ ପନିପରିବା ଆଦିର ଅହେତୁକ ଦର୍ ବୃଦ୍ଧିକୁ ସାଧାରଣ ଖାଉଟି ପ୍ରତିବାଦ କରି ପାରୁନାହିଁ। ଏଣୁ, ମହାମାରୀ ଅଥବା ପ୍ରାକୃତିକ ବିପର୍ଯ୍ୟୟ ବେଳେ ପନିପରିବା ତଥା ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରାଯାଉ।

–ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨ ୱାର୍ଡକୁ ଶଟ୍‌ଡାଉନ ଘୋଷଣା କଲେ ସରପଞ୍ଚ**

ରାହାମା,(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ପୋତାନଈ ପଞ୍ଚାୟତର ପୋତାନଈ ଗ୍ରାମରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଏନେଇ ସରପଞ୍ଚ ମଧୁସ୍ମିତା ସେଠୀ ଗ୍ରାମର ୪ନଂ ଓ ୬ନଂ ୱାର୍ଡକୁ ରବିବାର ସନ୍ଧ୍ୟା ୫ଟାରୁ ୨ଜୁନ୍ ରାତି ୧୦ଟା ପର୍ଯ୍ୟନ୍ତ ୩ ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ଏବଂ ତିର୍ତ୍ତୋଲ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେଠୀ କହିଛନ୍ତି।

## ସଂକ୍ଷେପରେ

### କାମଦେବ ମାହାରା ଘାଇରେ ଅସ୍ଥାୟୀ ମରାମତି

ସିଂହପୁର,୩୦ା୫(ଡି.ଏନ.ଏ.): ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ କାମଦେବ ମାହାରାରେ ବନ୍ୟା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ରବିବାର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ କାମଦେବ ମାହାରା ପରିଦର୍ଶନ କରି ଅବସ୍ଥା ଦେଖିବା ସହ ଜନସାଧାରଣଙ୍କ ଯାତାୟତ ପାଇଁ ଅସ୍ଥାୟୀ ଭାବେ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଣି କମିଲେ ସ୍ଥାୟୀ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସାମଲ କହିଛନ୍ତି। ସୂଚନାଯୋଗ୍ୟ, କାମଦେବ ମାହାରା କାର୍ଯ୍ୟ ମନ୍ଥର ଗତିରେ କରାଯାଉଛି। ତେଣୁ ଖରସ୍ରୋତା ନଦୀରେ ବନ୍ୟା ଆସି ମୁକୁଳା ଘାଇ ଦେଇ ୧୫ଟି ପଞ୍ଚାୟତର ଚାଷ ଜମି ଜଳମଗ୍ନ କରିଦେଇଛି।

### ଦାଦନ ଖଟିବାକୁ ଆସି ଶ୍ରମିକ ମୃତ

ନାଉଗାଁ,୩୦ା୫(ସ୍ୱ.ପ୍ର.):ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ଗ୍ରାମକୁ ଦାଦନ ଖଟିବାକୁ ଆସିଥିବା ଜଣେ ଶ୍ରମିକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଗୋବରା ଗ୍ରାମର ଦେବନ ତିରିଆ। ଦୀର୍ଘଦିନ ହେବ ସେ ଶାଳିଜଙ୍ଗା ଗ୍ରାମର ବସୁଦେବ ବାରିକଙ୍କ ଘରେ ଦାଦନ ଖଟୁଥିଲେ। ରବିବାର ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦେବନଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ପଡ଼ି ରହିଥିଲା। ମୃତକଙ୍କ ପରିବାର ଲୋକ ଆସିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ଭରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ଆକ୍ରାନ୍ତଙ୍କ ମୃତଦେହ ସଂସ୍କାର କଲେ ସ୍ୱେଚ୍ଛାସେବୀ

ବାଲିଆ,୩୦ା୫:କରୋନା ଆକ୍ରାନ୍ତଙ୍କ ମୃତ୍ୟୁପରେ ଛୁଇଁବାକୁ କେହି ରାଜି ନ ହେବାରୁ ଶେଷରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ତାଙ୍କ ମୃତଦେହ ସଂସ୍କାର କରିଛି। ଏଭଳି ଘଟଣା ଘଟିଛି ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ଅନ୍ତର୍ଗତ କମାଶାସନ ଗ୍ରାମରେ। ମୃତକ ଜଣକ ହେଲେ ଗ୍ରାମର ରାଜେନ୍ଦ୍ର ମଲ୍ଲିକ(୬୨)। ଗତ ୮ ଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧରେ ଥିଲେ। ଶନିବାର ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ସଂକ୍ରମଣ ବ୍ୟାପିବା ଆଶଙ୍କାରେ କାନ୍ଧ ଦେବାକୁ କେହି ରାଜି ହୋଇ ନ ଥିଲେ। ବହୁ ସମୟଧରି ଘରେ ମୃତଦେହ ପଡ଼ି ରହିଥିଲା। ଖବରପାଇ ସରପଞ୍ଚ ବିମଳ ସେଠୀ ପହଞ୍ଚି ରଘୁନାଥପୁର ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜ ସେବା ସଂଗଠନ ସହାୟତାରେ ଗାଁ ଶ୍ମଶାନରେ ମୃତଦେହ ସଂସ୍କାର କରାଇଥିଲେ। ମଝିଆ ପୁଅ ନିରଞ୍ଜନ ମଲ୍ଲିକ ପିପିଇ କିଟ୍ ପିନ୍ଧି ମୁଖାଗ୍ନି ଦେଇଥିଲେ।

### କରୋନାରେ ୨ ବ୍ୟବସାୟୀଙ୍କ ମୃତ୍ୟୁ

କୁଜଙ୍ଗ, ୩୦ା୫(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇ ବଜାରର ୨ ବରିଷ୍ଠ ବ୍ୟବସାୟୀ ଭଜନାନନ୍ଦ ପଣ୍ଡା(୬୫) ଓ ପ୍ରଦୀପ୍ତ ସ୍ୱାଇଁ(୪୫) କୋଭିଡ୍ ଆକ୍ରାନ୍ତ ହୋଇ ରବିବାର ମୃତ୍ୟୁ ଘଟିଛି। ଭଜନାନନ୍ଦ ପଣ୍ଡା ୫ ଦିନ ହେବ କରୋନାରେ ଆକ୍ରାନ୍ତ ହୋଇ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ପ୍ରଦୀପ୍ତ ସ୍ୱାଇଁ ଶନିବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଅଠରବାଙ୍କିସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କରୋନା ଟେଷ୍ଟ ପଜିଟିଭ ଆସିବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ଘଟିଛି।

### କରୋନାରେ ଆକ୍ରାନ୍ତ ୨ ଆଇନଜୀବୀଙ୍କ ମୃତ୍ୟୁ

ଜଗତ୍‌ସିଂହପୁର ଅଫିସ,୩୦ା୫: କରୋନାରେ ଆକ୍ରାନ୍ତ ଥିବା ଜଗତ୍‌ସିଂହପୁର ଜିଲାର ୨ ଯୁବ ଆଇନଜୀବୀ ସରୋଜ କୁମାର ରଣା ଓ ଶ୍ରୀନିବାସ ଖୁଣ୍ଟିଆଙ୍କ ମୃତ୍ୟୁ ଘଟିଛି। ଏନେଇ ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଏହି ୨ ଆଇନଜୀବୀଙ୍କ ବିୟୋଗରେ ଜିଲା ଓକିଲ ସମାଜ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ସଂଘ ସଭାପତି ଗଗନ ଚନ୍ଦ୍ର ଦାଶ ଓ ସମ୍ପାଦକ ନରେଶ ଦାସ ଶୋକ ବାର୍ତ୍ତାରେ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରହ୍ଲାଦ କୁମାର ନାୟକ, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ଓ କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତଙ୍କ ସମେତ ବହୁ ଆଇନଜୀବୀ ଦୁଃଖପ୍ରକାଶ କରିଛନ୍ତି।

# ବଦଳୁଛି କାଣୀ, ବ୍ରାହ୍ମଣୀ ନଦୀର ଗତିପଥ

କେନ୍ଦ୍ରାପଡ଼ା ଅଫିସ, ୩୦ା୫

- ଅତଡ଼ା ଖସୁଛି, ଆତଙ୍କିତ ସାନମଙ୍ଗ ପଞ୍ଚାୟତବାସୀ
- ମୌସୁମୀ ପୂର୍ବରୁ ପଥର ବନ୍ଧ ନିର୍ମାଣ ଦାବି



ଆଳି ବ୍ଲକ ସାନମଙ୍ଗଠାରେ ବ୍ରାହ୍ମଣୀ ନଦୀର ପଠାରୁ ଅତଡା ଖସୁଛି।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କାଣୀ ଓ ବ୍ରାହ୍ମଣୀ ନଦୀର ଗତିପଥ ବଦଳୁ ଥିବାରୁ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ନଦୀ କୂଳର ଅର୍ଜୁନପୁର, ପଞ୍ଚପଡା ଗ୍ରାମବାସୀଙ୍କୁ ବନ୍ୟା ଭୟ ଘାରିଛି। ବାତ୍ୟା ୟାସ୍ ପରେ ଏହି ନଦୀର କେତେକ ସ୍ଥାନରେ ଅତଡା ଖସିଛି। ଏ ନେଇ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିପାରିନାହିଁ।

ସରପଞ୍ଚ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି, ପ୍ରତିବର୍ଷ ବ୍ରାହ୍ମଣୀ ନଦୀର ପଠାରୁ ଅତଡ଼ା ଖସୁଥିବାରୁ ଗାଁ ମୁହାଁ ହେଉଛି। ନଦୀ କୂଳର ଗ୍ରାମ ଏବେ ସଙ୍କଟାପନ୍ନ ସ୍ଥିତିରେ ରହିଥିବାରୁ ପଥର ବନ୍ଧର ନିର୍ମାଣ ପ୍ରାଥମିକତା ହୋଇଛି। ପ୍ରଶାସନିକ ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ସୁଫଳ ମିଳିନାହିଁ। ଗ୍ରାମର ଅଧିକାଂଶ ଘର ଭାସିଯିବା ପୂର୍ବରୁ ଏହି ସମସ୍ୟାର ସମାଧାନ ଜରୁରୀ ହୋଇପଡ଼ିଛି। ଅର୍ଜୁନପୁର ଗାଁର ବାସୁଦେବ ଜେନା କହିଛନ୍ତି, ନଦୀର ଦିଗ ପରିବର୍ତ୍ତନ ଯୋଗୁ ବଡ଼ ଆକାରର ଚାଷ ଜମି ଓ ଘରବାଡ଼ି ନଦୀ ଗର୍ଭକୁ ଚାଲିଗଲାଣି। ଦୀର୍ଘ ଗୋଟିଏ ଦଶନ୍ଧି ଧରି ଏହି ସମସ୍ୟା ଜାରି ରହିଛି। ଫଳରେ ଗ୍ରାମର ୩ଟି ମନ୍ଦିର ଓ ୨ଟି ସ୍କୁଲ ଇତିମଧ୍ୟରେ ନଦୀଗର୍ଭକୁ ଚାଲି ଯାଇଛି। ସେହିପରି ବାସୁଦେବଙ୍କ ଘରଠାରୁ ନଦୀ ମାତ୍ର ୭୦ ମିଟର ଦୂରରେ ରହିଥିବାରୁ ପ୍ରତିବର୍ଷ ବନ୍ୟା ସମୟରେ ରାତି ଉଜାଗର ରହିବାକୁ ପଡୁଛି ବୋଲି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଞ୍ଚପଡ଼ାର ଅବସରପ୍ରାପ୍ତ ଶିକ୍ଷକ ଜୀବନ ପ୍ରସାଦ ଦାଶ ଓ ସାନମଙ୍ଗର କ୍ଷୀରୋଦ କୁମାର ବେହେରା କହିଛନ୍ତି, ବ୍ରାହ୍ମଣୀ ନଦୀରେ ଗତବର୍ଷ ଭୀଷଣ ବନ୍ୟା ଆସିଥିଲା। ଏହି ସମୟରେ ନଦୀପଠାରୁ ଅତଡ଼ା ଖାଇ ବଡ଼ ଅଂଶ ନଦୀ ଗର୍ଭକୁ ଚାଲି ଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ୫ ବର୍ଷ ହେଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଚାଷ ଜମି ନଦୀକୁ ଚାଲି ଯାଉଥିବା ବେଳେ ଚାଷୀମାନେ ଭାଗ୍ୟକୁ ଆଦରି ରହୁଛନ୍ତି। ନିର୍ବାଚନ ସମୟରେ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ଏହାର ସମାଧାନ ହେବ ବୋଲି କେବଳ ପ୍ରତିଶ୍ରୁତି ମିଳୁଛି। ନିର୍ବାଚନ ସରିଲା ପରେ ସମସ୍ତେ ଚୁପ ରହୁଛନ୍ତି। ମୌସୁମୀ ପୂର୍ବରୁ ନଦୀ ବନ୍ଧରେ ପଥର ପ୍ୟାକିଂ ନ ହେଲେ ଗ୍ରାମବାସୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛନ୍ତି। କାଣୀ ଓ ବ୍ରାହ୍ମଣୀ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଦୁଃଖ ପାଲଟି ଥିବା ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଳିର ଲୁଣା ତଟବନ୍ଧ ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମହାନ୍ତିଙ୍କୁ ପଚାରିବାରେ ବିଭାଗୀୟ କର୍ତ୍ତୃପକ୍ଷ ଏ ବିଷୟରେ ଅବଗତ ଅଛନ୍ତି। ଅର୍ଜୁନପୁରଠାରେ ୮୧୦ ମିଟର ବନ୍ଧକୁ ପଥର ପ୍ୟାକିଂ କରାଯିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ୩.୬୮ କୋଟି ଟଙ୍କା ବ୍ୟୟ ମଞ୍ଜୁରି ହୋଇଛି ବୋଲି ସେ କହିଛନ୍ତି।

# ଯୁବକଙ୍କୁ ହତ୍ୟା ଅଭିଯୋଗ

ଡେରାବିଶ, ୩୦ା୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ମିର୍ଜାଇପାଟଣା ଗାଁରେ ରବିବାର ସକାଳୁ ନିଜ ବାଡିରେ ପଡିଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ବାନାମ୍ବର ଦାସଙ୍କ ଏକମାତ୍ର ପୁଅ ମହେନ୍ଦ୍ର (୩୫)। ଏ ସଂକ୍ରାନ୍ତରେ ବାନାମ୍ବର ତାଙ୍କ ପୁଅଙ୍କୁ କେହି ହତ୍ୟା କରି ବାଡି ପଛ ପଟେ ଫୋପାଡି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୨୦/୨୧ରେ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଥାନା ଅଧିକାରୀ ସୁମନ୍ତ କିଶାନଙ୍କ ସୂଚନା ଅନୁଯାୟୀ, ମୃତ ମହେନ୍ଦ୍ର ଶନିବାର ରାତିରେ ଖାଇ ସାରିବା ପରେ ୯ଟାରେ ଘରୁ ବାହାରକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତି ଯାଏ ଆଉ ଘରକୁ ଫେରି ନ ଥିଲେ। ଫଳରେ ପରିବାର ପକ୍ଷରୁ ମହେନ୍ଦ୍ରଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ମାତ୍ର ରବିବାର ସକାଳୁ ନିଜ ବାଡି ପଛପଟେ ମହେନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖି ପରିବାର ସଦସ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହେନ୍ଦ୍ରଙ୍କ ଡାହାଣ ପାଖ କାନମୁଣ୍ଡାରେ ଗଭୀର କ୍ଷତ ଚିହ୍ନ ହୋଇଥିବାବେଳେ ବେକ ଚାରିପଟେ କଳା ଦାଗ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରେ ଦେଖିବାକୁ ପାଇଥିଲା। ଏଥିସହ ମୃତଦେହ ପଡିଥିବା ସ୍ଥାନରୁ ୧୫ ଫୁଟ ପର୍ଯ୍ୟନ୍ତ ରକ୍ତ ଛିଟା ପଡିଛି। ତାଙ୍କ ମୃତ୍ୟୁ ପରେ ଘୋଷରା ଯାଇଥିବାର ଚିହ୍ନ ପଡିଥିବା ପୋଲିସ ଦେଖିବାକୁ ପାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ପାରିପାର୍ଶ୍ୱିକ ସ୍ଥିତିର ତଦନ୍ତ କରି ସାଇଣ୍ଟିଫିକ ଟିମକୁ ଡକାଇ ଥିଲେ। ମୃତଦେହର କିଛି ଦୂରରେ ପଡିଥିବା ଏକ ମୋବାଇଲକୁ ମଧ୍ୟ ପୋଲିସ ଜବତ କରିଛି। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ତଦନ୍ତ ସମୟରେ ଏସ୍ଆଇ ଶ୍ରୀଧର ମହାଳିକ ଓ ଜନ୍ମିତା ସାସମଲ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ମୃତକଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ଦର୍ପଣରେ ୧୦ରୁ ଊର୍ଦ୍ଧ୍ୱ ବେଆଇନ ବାଲିଘାଟ



ବାଲିକୁଦା ଘାଟରେ ଟ୍ରାକ୍ଟର ଦ୍ୱାରା ବେଆଇନ ବାଲି ଚାଲାଣ ହେଉଛି।

ଚଣ୍ଡିଖୋଲ,୩୦ା୫(ଡି.ଏନ.ଏ.)

ଦର୍ପଣ ତହସିଲ ଅଧୀନରେ ରହିଛି ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀ। ଏହି ନଦୀଗୁଡ଼ିକରେ ୧୦ରୁ ଊର୍ଦ୍ଧ୍ୱ ବେଆଇନ ବାଲିଘାଟ ଚାଲୁଛି। ଯଦ୍ୱାରା ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ଘଟୁଛି। ବିରୂପା ନଦୀର ନାନପୁର, ଚାରିନଙ୍ଗଳ, ଗଜେନ୍ଦ୍ରପୁର, କଳାଶ୍ରୀଠାରେ ବାଲିଘାଟ ଚାଲୁଥିଲା ବେଳେ କେଲୁଅ ନଦୀର ସାଉଡ଼ିଆ ଓ ବାଲିକୁଦାଠାରେ ଦୈନିକ ଶହଶହ ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରାଯାଉଛି। ସେହିପରି ଗେଙ୍ଗୁଟି ନଦୀର ଅରଖପୁର, ରାଧାଦେଇପୁର ଓ ଖଡ଼ିଅଙ୍ଗଠାରେ ବେଆଇନ ବାଲିଘାଟ ଚାଲୁଛି। ତହସିଲ ତରଫରୁ କୌଣସି ସ୍ଥାନରେ ନିଲାମ ଦିଆଯାଇ ନାହିଁ। ଏହି ତହସିଲ୍ ଅନ୍ତର୍ଗତ ଦେକୁରୀ, ରାମଦାସପୁର-୧ ଓ ରାମଦାସପୁର-୨ ବାଲିଘାଟକୁ ନିଲାମ ଡକାଯାଇଛି। ତେବେ ବାଲିଘାଟ ନିମନ୍ତେ କାଗଜପତ୍ର ପ୍ରସ୍ତୁତ ହୋଇ ନ ଥିବାରୁ ସମ୍ପୃକ୍ତ ତିନି ବାଲିଘାଟ ଚାଲିପାରି ନାହିଁ। ପରିବେଶ ଓ ଜଳସମ୍ପଦ ବିଭାଗ ନିକଟରୁ ଅଦ୍ୟାବଧି (ଏନ୍‌ଓସି)ନୋ ଅବଜେକ୍ସନ ସାର୍ଟିଫିକେଟ୍ ମିଳିପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି କେତେଜଣ ବାଲି ମାଫିଆ ବେଆଇନ ବାଲିଘାଟ କରି ଦୈନିକ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବାହାରକୁ ଚାଲାଣ କରୁଛନ୍ତି। ତୁରନ୍ତ ଏହି ବାଲିଘାଟ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଦୀପ କୁମାର ସେଠୀ କହିଛନ୍ତି, ସମସ୍ତ ବେଆଇନ ବାଲି ଓ ମୋରମ ଖାଦାନରେ ଚଢ଼ାଉ କରାଯାଉଛି। ଅନ୍ୟ ସବୁ ସ୍ଥାନରେ ଚଢ଼ାଉ କରାଯାଇ ସମ୍ପୃକ୍ତ ଗାଡ଼ିଗୁଡ଼ିକୁ ଜବତ କରାଯିବ। ଏହା ଜାରି ରହିଲେ ବେଆଇନ ବାଲିଘାଟ ବନ୍ଦ ହୋଇଯିବ।

## ଠିକାସଂସ୍ଥା କ୍ୟାମ୍ପରୁ ଲୁଟପାଟ: ୪ ଗିରଫ

କାଳିଆପାଣି,୩୦ା୫(ଡି.ଏନ.ଏ.)

କାଦୁଅବନ୍ଦୀ-ପିମ୍ପୁଡ଼ିଆ ଆରଡି ରାସ୍ତା କାର୍ଯ୍ୟ କରୁଥିବା ଠିକା ସଂସ୍ଥାଠାରୁ ଚାନ୍ଦା ଆଦାୟ କରିବାକୁ ଯାଇ ଲୁଟ୍‌ପାଟ କରିବା ଅଭିଯୋଗରେ ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିଭୁତି ମହାପାତ୍ର ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଯୁବକମାନଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଅନୁସାରେ, ଶନିବାର ଅପରାହ୍ନରେ କାଦୁଅବନ୍ଦୀ ଗ୍ରାମର ସମ୍ପୃକ୍ତ ଯୁବକ ଠିକାସଂସ୍ଥା କ୍ୟାମ୍ପକୁ ଯାଇ ୨ ଲକ୍ଷ ଟଙ୍କା ମାଗି ଥିଲେ। ଠିକା ସଂସ୍ଥା ଟଙ୍କା ନ ଦେବାରୁ କାର୍ଯ୍ୟ ବନ୍ଦ କରିଦେବାକୁ ଯୁବକମାନେ ଧମକାଇଥିଲେ। ପରେ ସେଠାରେ ସୁପରଭାଇଜରଥିବା ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ୯,୩୦୦ ଟଙ୍କା ଛଡ଼ାଇ ଆଣିଥିଲେ। ଏନେଇ ଠିକାଦାର ରବିବାର କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କ ନାମରେ ଏକ ମାମଲା (ନଂ.୫୨/୨୧) ରୁଜୁ କରିଛି। ସେମାନଙ୍କଠାରୁ ୨ ବାଇକ୍ ଜବତ ହୋଇଛି।

# ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

କଳିଙ୍ଗନଗର,୩୦ା୫(ଡି.ଏନ.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳର ଏକମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମରେ ଜଣେ ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନେପାଳ ଦେଶର ଧୀରଜ ଭଣ୍ଡାରୀ। ଧୀରଜ ଏଠାରେ ୩ ବର୍ଷ ହେବ କାର୍ଯ୍ୟ କରୁଥିଲେ। ତେବେ ସେ କାର୍ଯ୍ୟ କରୁଥିବା ଡୋଲ ପ୍ଲାଣ୍ଟ ମଧ୍ୟରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ତାଙ୍କ ମୃତଦେହ ଝୁଲୁଥିବା ଦେଖା ଯାଇଥିଲା। ଏହାପରେ ଅନ୍ୟ ସୁରକ୍ଷାକର୍ମୀମାନେ ଘଟଣା ସମ୍ପର୍କରେ କଳିଙ୍ଗନଗର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫।୨୧) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ‘ପୋଲିସ ଘରୁ ଟଙ୍କା, ସୁନା ନେଇଗଲା’

ବିରିଡି, ୩୦ା୫(ଡି.ଏନ୍.ଏ.)

- ସାମାଜିକ କର୍ମୀଙ୍କ ଘରେ ଚାଉଳିଆଗଞ୍ଜ ପୋଲିସର ଅତର୍କିତ ଚଢ଼ାଉ
- କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ବସିଲେ ଉତ୍ତ୍ୟକ୍ତ ଲୋକେ



ଉତ୍ତ୍ୟକ୍ତ ଲୋକଙ୍କ ସହ ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ଆଲୋଚନା କରୁଛନ୍ତି।

ବିରିଡି ଥାନା ଅଡ଼ଙ୍ଗମଙ୍ଗୁରାଇ ଗ୍ରାମର ଯୁବ ସାମାଜିକ କର୍ମୀ ଦେବୀ ପ୍ରସାଦ ତ୍ରିପାଠୀଙ୍କ ଘରେ କଟକ ଜିଲା ଚାଉଳିଆଗଞ୍ଜ ଥାନା ପୋଲିସ ଶନିବାର ଅତର୍କିତ ଭାବେ ଚଢ଼ାଉ କରିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ତ୍ରୀ ମଧୁସ୍ମିତା ବିରିଡି ଥାନାରେ ଚାଉଳିଆଗଞ୍ଜ ପୋଲିସ ବିରୋଧରେ ଅଭିଯୋଗ କରିଛନ୍ତି। ସେ କରିଥିବା ଅଭିଯୋଗ ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ଶନିବାର ସଦଳବଳ ତାଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ସ୍ୱାମୀ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ମାତ୍ର ପୋଲିସ ଦେବୀ ପ୍ରସାଦଙ୍କୁ ଅପେକ୍ଷା ନ କରି ଘର ଜଗୁଆଳିଙ୍କୁ ମାଡ଼ ଓ ଧମକ ଦେବା ସହ ମୁଖ୍ୟ କବାଟ ଖୋଲି ଭିତରକୁ ପଶିଥିଲେ। ମଧୁସ୍ମିତା ଓ ପୁଅ ଅଭିଯୋଗ କ’ଣ ବୋଲି ପଚାରିବାରୁ ପୋଲିସ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଆଇଆଇସିଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀମାନେ ଶୋଇବା ଘରେ ପଶି ଆଲ୍‌ମିରା ଓ ଡ୍ର ଖୋଲି ସୁନା ଅଳଙ୍କାର ଏବଂ ୫୦ ହଜାର ଟଙ୍କା ନେଇ ଯାଇଥିଲେ। ଏହାପରେ ମଧୁସ୍ମିତା ଶତାଧିକ ଲୋକଙ୍କ ସହ ଥାନାରେ ପହଞ୍ଚି ଚାଉଳିଆଗଞ୍ଜ ଆଇଆଇସି ପ୍ରଧାନଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ବସି ରହିଥିଲେ। ଖବରପାଇ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ସୋମବାର ଏ ସମ୍ପର୍କରେ ଜଗତସିଂହପୁର ଏସପିଙ୍କ ନିକଟରେ ଅଭିଯୋଗ କରିବା ପାଇଁ ଶତପଥୀ ଉତ୍ତ୍ୟକ୍ତ ଲୋକଙ୍କୁ ପରାମର୍ଶ ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ବିରିଡ଼ି ଥାନାରେ ମାମଲା ରୁଜୁ ହୋଇ ନାହିଁ। ଦେବୀ ପ୍ରସାଦଙ୍କ ନାମରେ ଚାଉଳିଆଗଞ୍ଜ ଥାନାରେ କେଉଁ ଅଭିଯୋଗ ରହିଛି ସେ ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି ଶତପଥୀ କହିଛନ୍ତି।

ଦେବୀପ୍ରସାଦ କହିଛନ୍ତି, ପୋଲିସ କ’ଣ ପାଇଁ ଘରେ ଚଢ଼ାଉ କରିଛି ଜାଣିନାହାନ୍ତି। ତାଙ୍କ ନାମରେ ଅଭିଯୋଗ ଥିଲେ ପୋଲିସ ତାଙ୍କୁ ପୂର୍ବରୁ ନୋଟିସ ଦେଇ ଡକାଇବା କଥା। ଚାଉଳିଆଗଞ୍ଜ ପୋଲିସ ଏପରି କରିଥିଲେ ସେ ନିଜେ ଯାଇ ଥାନାରେ ହାଜିର ହୋଇଥାନ୍ତେ।

## ବଲ୍ଲଭି ଘାଟରୁ କାଠ ଜବତ

ଯାଜପୁର ଅଫିସ,୩୦ା୫

ଯାଜପୁର ରୋଡ ବନାଞ୍ଚଳ ପକ୍ଷରୁ ରବିବାର ପୂର୍ବାହ୍ନ ୯ଟାରେ ଯାଜପୁର ଟାଉନର ବଲ୍ଲଭୀ ଘାଟରୁ ଚୋରା କାଠ ଚାଲାଣ କରୁଥିବା ଅଭିଯୋଗରେ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରାଯାଇଛି। ଏଥିରେ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟର ୮୦ ସିଏଫ୍‌ଟି କାଠ ଗଣ୍ଡି ମିଳିଛି। ଗାଡିର ଡ୍ରାଇଭର ମଙ୍ଗଳପୁର ଥାନା ଅର୍ନ୍ତଗତ ବଉଳାଙ୍ଗ ଗ୍ରାମର ଅଭୟ ଜେନା (୩୮)ଙ୍କୁ ଗିରଫ କରାଯାଇଛି। ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଅଞ୍ଚଳରୁ କେନ୍ଦ୍ରାପଡାର କଣ୍ଡିଆ ହାଟସ୍ଥିତ ସାମଲ କାଠ ମିଲକୁ ଯାଜପୁର ଟାଉନ ଦେଇ କାଠ ଯାଉଥିବା ନେଇ ଜଙ୍ଗଲ ବିଭାଗକୁ ସୂଚନା ମିଳିଥିଲା। ଯାଜପୁର ରୋଡ୍ ଫରେଷ୍ଟ ଅଫିସ୍‌ରେ ୧୭/୨୦୨୧-୨୨ ନମ୍ବରରେ ଏକ ମାମଲା ପଞ୍ଜୀକୃତ ହୋଇ ତଦନ୍ତ ଜାରି ରହିଛି।

# ଖୋଲା ଆକାଶ ତଳେ ବିପନ୍ନ ପରିବାର



ବାତ୍ୟା ୟାସ୍ ପ୍ରଭାବରେ ଭୁଶୁଡି ପଡିଥିବା କାନ୍ଥ, ଖୋଲା ଆକାଶ ତଳେ ପରିବାର।

**ବାତ୍ୟାରେ କାନ୍ଥ ଭୁଶୁଡ଼ିଲା**

ମହାକାଳପଡ଼ା,୩୦ା୫ (ଡି.ଏନ.ଏ.)

ବାତ୍ୟା ୟାସ୍ ପ୍ରଭାବରେ କାନ୍ଥ ଭୁଶୁଡ଼ି ପଡ଼ିବା ଦ୍ୱାରା ଏକ ପରିବାର ମରଣ ମୁହଁରୁ ବର୍ତ୍ତି ଯାଇଛନ୍ତି। ଏହି ପରିବାର ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଖରିନାସୀ ଗାଁର ହିରଣ୍ମୟ ହାଲଦାରଙ୍କ ପରିବାର। ୨୬ ଦିନ ବିଳମ୍ବିତ ରାତିରେ ହଠାତ୍ ମାଟି କାନ୍ଥ ଭୁଶୁଡ଼ିବାରୁ ସମ୍ପୂର୍ଣ୍ଣ ଚାଳ ଛପର ଘର ମାଟିରେ ମିଶି ଯାଇଛି। ତେବେ ହିରଣ୍ମୟ ପରିବାର ବହୁ କଷ୍ଟରେ ସ୍ତ୍ରୀ ଚାନ୍ଦିନୀ ଓ ଦୁଇ ପିଲାଙ୍କୁ ଧରି ବାହାରକୁ ଆସିଥିଲେ। ତେବେ ହିରଣ୍ମୟଙ୍କ କହିବା କଥା ଅଦ୍ୟାବଧି ସ୍ଥାନୀୟ ସରପଞ୍ଚ କିମ୍ବା ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆମ ପରିବାରକୁ ଭେଟି ନାହାନ୍ତି। ଆମ ପରିବାର ବାହାରେ ଏକ ଚାଳି କରି ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବା କହିଛନ୍ତି। ପ୍ରଶାସନ ଏହି ପରିବାରକୁ ଭେଟି ତଦନ୍ତ କରିବାକୁ ଗାଁର ମୁରବିମାନେ କହିଛନ୍ତି। ସେହିପରି ଏହି ଗାଁର ଅନ୍ୟ ବିପନ୍ନ ପରିବାର ମଧ୍ୟରେ ବିପ୍ଳବ ମଣ୍ଡଳ, ସୁଧୀର ବେରା, ପ୍ରଭାସ ବିଶ୍ୱାସ, ଗୋକୁଳ ମାଝି, ସଇଲେନ ମିସ୍ତ୍ରିଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଏହି ବିପନ୍ନ ଗରିବ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ରାଜପଥ ମରାମତି କଲେ ଯୁବଗୋଷ୍ଠୀ



ସାମାଜିକର୍ମୀମାନେ ରାସ୍ତା ମରାମତି କରୁଛନ୍ତି।

ରସୁଲପୁର,୩୦ା୫(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାରରୁ ଯାଜପୁର ଟାଉନ ଦେଇ ଧାମରାକୁ ସଂଯୋଗ କରୁଥିବା ୨୦ ନଂ. ଜାତୀୟ ରାଜପଥର କୁଆଖିଆରୁ ହରିପୁର ପର୍ଯ୍ୟନ୍ତ ଖାଲଖମା ମରାମତି କରାଯାଇଛି। ଉକ୍ତ ରାସ୍ତାରେ ଖାଲଖମା ଯୋଗୁ ପ୍ରତ୍ୟେହ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ଏ ଦିଗରେ ସ୍ଥାନୀୟ ହେଲ୍ପିଂ ହ୍ୟାଣ୍ଡ ୟୁଥ ମିଶନର ଯୁବ ସାମାଜିକ କର୍ମୀମାନେ ପ୍ରଶାସନ ଓ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ମାତ୍ର ଅବସ୍ଥାରେ ପରିବର୍ତ୍ତନ ଆସୁନାହିଁ। ତେଣୁ ସାମାଜିକ କର୍ମୀ ରାନେଶ ସାହୁ, ବିକାଶ ସାହୁ, ସନ୍ତୋଷ କଣ୍ଠ, ସନ୍ତୋଷ ପଣ୍ଡା, କ୍ରଷ୍ଣା ପଣ୍ଡା, ଜ୍ୟୋତି ପ୍ରକାଶ ଦାସ, ସୌମ୍ୟ କର, ପ୍ରତୀମ ଦାଶଙ୍କ ସମେତ ବହୁ ଯୁବକ ରବିବାର ଉକ୍ତ ରାସ୍ତାର ଖାଲଖମା ମରାମତି କରିଛନ୍ତି। ଯୁବକଙ୍କ ପ୍ରୟାସକୁ ଅଞ୍ଚଳରେ ଖୁବ୍ ପ୍ରଶଂସା କରାଯାଇଛି।

# ଠିକାସଂସ୍ଥା ଦ୍ୱାରା ଖଣି ଶ୍ରମିକ ଶୋଷିତ

**ନିର୍ଦ୍ଧାରିତ ମଜୁରି ପାଉ ନାହାନ୍ତି**

ଯାଜପୁର ଅଫିସ,୩୦ା୫

ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳରେ ଖଣିରେ ନିୟୋଜିତ ଶ୍ରମିକମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ଦେବାରେ ଠିକାସଂସ୍ଥାଗୁଡ଼ିକ ପାତର ଅନ୍ତର କରୁଛନ୍ତି। କିଛି ମୁଷ୍ଟିମେୟ ନେତା ଓ ଖଣି ଉତ୍ତୋଳନ କରିବାକୁ ନିୟୋଜିତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ପାଇଁ ସୁକିନ୍ଦା ଅଞ୍ଚଳର ଖଣିଜ ସମ୍ପଦ ପୈତୃକ ସମ୍ପତ୍ତି ପାଲଟିଛି। ଫଳରେ ଖଣି ଅଞ୍ଚଳରେ ଏଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କ୍ଷୋଭ ପ୍ରକାଶ ପାଇଛି।

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦକ୍ଷିଣ କାଳିଆପାଣି ଖଣି ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ବିଜିଆର ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ୧୩୧ ଜଣ ଶ୍ରମିକ ଓ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ଏହାକୁ ନେଇ କର୍ମଚାରୀ ଓ ଶ୍ରମିକମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିଲେ। ଏହାର ତ୍ରିପାକ୍ଷିକ ସମାଧାନ କରାଯାଇ ଖଣି କାର୍ଯ୍ୟ ଚାଲିଥିଲା। ଶନିବାର ଦରମା କାଟ ନେଇ ଶ୍ରମିକ କର୍ମଚାରୀମାନେ ପୁଣି କାର୍ଯ୍ୟ ବନ୍ଦ କରିଛନ୍ତି। ଏହି ଠିକାସଂସ୍ଥା ସମେତ ବିଭିନ୍ନ ଖଣିରେ ନିୟୋଜିତ କରୋନେଶନ, ଡେକୋ, ମହେଶ୍ୱରୀ ପ୍ରମୁଖ ଠିକାସଂସ୍ଥା ଶ୍ରମିକମାନଙ୍କୁ ଏକ ପ୍ରକାର ଶୋଷଣ କରୁଥିବା ଅଭିଯୋଗ ହେଉଛି। ବିଭିନ୍ନ ଖଣି ଖାଦାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ମଜୁରି ୪୩୧ ଟଙ୍କାରୁ ଆରମ୍ଭ କରି ୮୪୦ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଅଣକୁଶଳୀ ଶ୍ରମିକ ମାଟି ଉପରେ କାମ କରୁଥିଲେ ୪୩୧ ଟଙ୍କା, ମାଟି ତଳେ କାର୍ଯ୍ୟ କରୁଥିଲେ ୫୩୯ ଟଙ୍କା ସର୍ବନିମ୍ନ ମଜୁରି ପାଇବେ। ସେହିପରି ଅର୍ଦ୍ଧକୁଶଳୀ/ସୁପରଭାଇଜର ଶ୍ରମିକ ହୋଇଥିଲେ ମାଟି ଉପର ଓ ମାଟି ତଳେ କାର୍ଯ୍ୟ ପାଇଁ ଯଥାକ୍ରମେ ୫୩୯ ଓ ୬୪୫ ଟଙ୍କା ପାଇବେ। କ୍ଲାରିକାଲ କୁଶଳୀମାନେ ମାଟି ଉପରେ ୬୪୫ ଓ ମାଟି ତଳେ ୭୫୨ ଟଙ୍କା ଏବଂ ଉଚ୍ଚକୋଟୀର କୁଶଳୀ ଶ୍ରମିକ ମାଟି ଉପରେ ୭୫୨ ଟଙ୍କା ଓ ମାଟି ତଳେ ୮୪୦ ଟଙ୍କା ପାଇବେ ବୋଲି ନିକଟରେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କିନ୍ତୁ ପ୍ରାୟ ସମସ୍ତ ଶ୍ରମିକଙ୍କୁ ମାସିକ ଧାର୍ଯ୍ୟ ପରିମାଣ ଭାବେ ୧୨,୫୦୦ରୁ ୧୫,୦୦୦ ଟଙ୍କା ପ୍ରାପ୍ୟ ମିଳୁଥିବା ଅଭିଯୋଗ ହେଉଛି, ଯାହାକି ମାସିକ ୨୬ ଦିନ ଅନୁସାରେ ଦୈନିକ ୪୮୦ ଟଙ୍କାରୁ ୫୭୬ ଟଙ୍କା ହେଉଛି। ଏଭଳି ଭାବେ ନିୟୋଜିତ ଠିକାସଂସ୍ଥାଗୁଡିକ ମାଲାମାଲ ହେଉଥିବାବେଳେ ଗରିବ ଶ୍ରମିକ ଶୋଷିତ ହେଉଛନ୍ତି। ଏଭଳି ଠିକାସଂସ୍ଥାଗୁଡ଼ିକୁ କେତେକ ଶ୍ରମିକ ସଂଘ ସୁରକ୍ଷା ଦେଉଛନ୍ତି। ଏନେଇ ଯିଏ ପ୍ରତିବାଦ କରିବ ସେହି ଶ୍ରମିକଙ୍କୁ ଛଟେଇ କରାଯାଇ ମୁହଁ ବନ୍ଦ କରି ଦିଆଯାଉଛି। ଏବେ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଘଟିଛି। ଏଣୁ ଆଗକୁ ପରିସ୍ଥିତି ଆହୁରି ଜଟିଳ ହେବା ଆଶଙ୍କା ଦେଖାଦେଇଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଶ୍ରମ ଯୁଗ୍ମ କମିଶନର ସୁନୀଲ କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍‌କୁ ଗ୍ରହଣ କରି ନ ଥିଲେ।

“କରୋନା ଭାଇରସ୍‌ର ତୃତୀୟ ଲହରକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। କୋହଳ ହେବାକୁ ଆମେ ଅନୁମତି ଦେଇପାରିବୁ ନାହିଁ।
– ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ୫ରୁ ୧୨ ପିଲାଙ୍କଠାରେ ଟିକା ପରୀକ୍ଷା କରିବ କାଡିଲା

**ଅହମଦାବାଦ, ୩୦।୫:** ବୟସ୍କଙ୍କ ପରେ ଏବେ ୧୨ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କଠାରେ ଜାଇଡସ୍ କାଡିଲା ପ୍ରସ୍ତୁତ ଜିକୋଭ୍-ଡି କୋଭିଡ୍ ଟିକାର କ୍ଲିନିକାଲ ପରୀକ୍ଷା ଜାରି ରହିଛି। ଏବେ କମ୍ପାନୀ ଏହାର ପ୍ଲାସ୍‌ମିଡ୍ ଡିଏନ୍‌ଏ ଟିକା ୫ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କଠାରେ ପରୀକ୍ଷା କରାଇବା ପାଇଁ ଯୋଜନା କରୁଛି। ଏହି ଟିକା ପିଲାମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ୧୨ରୁ ୧୮ ବର୍ଷ ବୟସର ୮୦୦ରୁ ଊର୍ଦ୍ଧ୍ୱ ପିଲାଙ୍କଠାରେ ଜିକୋଭ୍-ଡି ପରୀକ୍ଷା କରାଗଲାଣି ଏବଂ ପର୍ଯ୍ୟାପ୍ତ ତଥ୍ୟ ଉପଲବ୍ଧ ହେବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପରୀକ୍ଷା ସଫଳ ହେଲେ ପିଲାମାନଙ୍କଠାରେ ଏହି ଟିକା ବ୍ୟବହାର ପାଇଁ ଅନୁମତି ମିଳିବ ବୋଲି କାଡିଲା ହେଲ୍‌ଥକେୟାର ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶର୍ଭିଲ ପଟେଲ କହିଛନ୍ତି।

### ଜୁନ୍‌ରେ ୧୦ କୋଟି କୋଭିଶିଲ୍ଡ ଡୋଜ୍ ଯୋଗାଇବ ସିରମ୍

**ନୂଆଦିଲ୍ଲୀ, ୩୦।୫ (ପି.ଟି.):** କୋଭିଡ୍ ଟିକା ଅଭାବ ଯୋଗୁ ବିଭିନ୍ନ ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି। ଉତ୍ପାଦନ ବଢ଼ାଇବା ସହ ବିଦେଶରୁ ଟିକା ଆମଦାନୀ ଲାଗି ସରକାରଙ୍କ ଉପରେ ଚାପ ପଡୁଥିବାବେଳେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଜୁନ୍‌ରେ ୯ରୁ ୧୦ କୋଟି କୋଭିଶିଲ୍ଡ ଡୋଜ୍ ଉତ୍ପାଦନ କରିବା ସହ ଯୋଗାଇ ପାରିବ ବୋଲି ରବିବାର ସରକାରଙ୍କୁ ଜଣାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଏସ୍‌ଆଇଆଇ କହିଛି, ମହାମାରୀ ଜନିତ ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ଏହାର କର୍ମଚାରୀମାନେ ଦିନରାତି ଟିକା ଉତ୍ପାଦନରେ ଲାଗିଛନ୍ତି। ଜୁନ୍‌ରେ ୬.୫ କୋଟି, ଜୁଲାଇରେ ୭ କୋଟି ଏବଂ ଅଗଷ୍ଟ, ସେପ୍ଟେମ୍ବରରେ ୧୦ କୋଟି ଲେଖାଏ ଡୋଜ୍ ଉତ୍ପାଦନ ହେବ ବୋଲି ପୂର୍ବରୁ ସିରମ୍ ସରକାରଙ୍କୁ ଜଣାଇଥିଲା। ଭାରତରେ ଟିକାକରଣରେ ସିରମ୍‌ର କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍‌କୁ ବ୍ୟବହାର କରାଯାଉଥିବାବେଳେ ରୁଷିଆ ନିର୍ମିତ ସ୍ପୁଟ୍‌ନିକ ଭି ଟିକା ଅଳ୍ପ କେତେକ ଘରୋଇ ହସ୍ପିଟାଲରେ ଉପଲବ୍ଧ ହେଉଛି।

### ସଚିବାଳୟରେ ବୋମା ଆତଙ୍କ


**ମୁମ୍ବାଇ, ୩୦।୫:** ମହାରାଷ୍ଟ୍ର ସଚିବାଳୟଠାରେ ବୋମା ରଖାଯିବାକୁ ନେଇ ରବିବାର ଆତଙ୍କ ଦେଖାଦେଇଛି। ସେଠାରେ ବୋମା ଖଞ୍ଜା ଯିବାକୁ ନେଇ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କଣ୍ଟ୍ରୋଲ ରୁମ୍‌କୁ କେହି ଧମକପୂର୍ଣ୍ଣ ଫୋନ୍ କରିଥିଲେ। ଖବର ଜଣାପଡ଼ିବା ପରେ ସଙ୍ଗେ ସଙ୍ଗେ ମୁମ୍ବାଇ ପୋଲିସକୁ ଆଲର୍ଟ କରାଯିବା ସହ ସଚିବାଳୟରେ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚିଥିଲା। ଖୋଜାଖୋଜି ପରେ ସେଠାରୁ କିଛି ମିଳି ନ ଥିବା ଜଣାପଡ଼ିଛି। କେହି ଜାଣିଶୁଣି ମିଥ୍ୟା ଧମକ ଦେଇଥିବା ପୋଲିସ କହିଛି।



## ମାସକୁ ୨୭ ହଜାର ଟଙ୍କାର ଜଳଖିଆ

ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସନା ମାରିନ୍‌ଙ୍କ ଜଳଖିଆ ବିଲ୍‌କୁ ନେଇ ବିବାଦ ଦେଖାଦେଇଛି। ମାରିନ୍ ସରକାରୀ ଅର୍ଥର ଦୁରୁପଯୋଗ କରୁଥିବା ନେଇ ବିରୋଧ ମୁଣ୍ଡ ଟେକିବା ପରେ ପୋଲିସ ଏହାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ମାରିନ୍ ତାଙ୍କ ସରକାରୀ ବାସଭବନରେ ପରିବାର ସହ ଜଳଖିଆରେ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିବା ଅଭିଯୋଗ ଆସିଛି। ଟାବ୍‌ଲଏଡ୍ ଇଲ୍‌ଲେହତି ରିପୋର୍ଟ ଅନୁଯାୟୀ, ମାରିନ୍ ତାଙ୍କ ପରିବାର ସଦସ୍ୟଙ୍କ ଜଳଖିଆ ପାଇଁ ପ୍ରତିମାସରେ ପ୍ରାୟ ୩ ଶହ ୟୁରୋ (ପାଖାପାଖି ୨୭ ହଜାର ଟଙ୍କା) ଖର୍ଚ୍ଚ କରୁଛନ୍ତି। ଏ ସଂକ୍ରାନ୍ତରେ ମାରିନ୍ ଟୁଇଟ୍ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ସେ ଏଭଳି ସୁବିଧା କେବେ ଦାବି କରିନାହାନ୍ତି। ପୂର୍ବରୁ ଅନ୍ୟ ପ୍ରଧାନମନ୍ତ୍ରୀମାନେ ମଧ୍ୟ ଏହାର ଲାଭ ଉଠାଇଥିବା ସେ କହିଛନ୍ତି। ୩୫ ବର୍ଷୀୟା ମାରିନ୍ ହେଉଛନ୍ତି ବିଶ୍ୱର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ।

## ୩୧ କୋଟିର ଫ୍ଲାଟ୍ କିଣିଲେ ଅମିତାଭ



ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନ ମୁମ୍ବାଇରେ ୩୧ କୋଟିର ଏକ ଡୁପ୍ଲେକ୍ସ କିଣିଛନ୍ତି। ଏହି ଫ୍ଲାଟ୍‌ଟି ଏବେ ନିର୍ମାଣାଧୀନ ରହିଛି। ମହାରାଷ୍ଟ୍ର ସରକାରଙ୍କ ଷ୍ଟାମ୍ପ ଡ୍ୟୁଟି ଛାଡ଼ର ଲାଭ ଉଠାଇ ବିଗ୍ ବି ଗତ ଏପ୍ରିଲରେ ମୋଟ ଅର୍ଥର ମାତ୍ର ୨ ପ୍ରତିଶତ ବା ୬୨ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ପଇଠ କରି ଫ୍ଲାଟର ପଞ୍ଜୀକରଣ କରିଥିବା ଜଣାପଡ଼ିଛି। କ୍ରିଷ୍ଟାଲ ଗ୍ରୁପ୍‌ର ଆଟ୍‌ଲାଣ୍ଟିସ୍ ପ୍ରୋଜେକ୍ଟରେ ବିଗ୍ ବି କିଣିଥିବା ଏହି ଡୁପ୍ଲେକ୍ସର ଆକାର ପ୍ରାୟ ୫,୧୮୪ ବର୍ଗ ଫୁଟ୍ ହେବ। କେବଳ ମୁମ୍ବାଇରେ ବିଗ୍ ବିଙ୍କ ୪ଟି ବଙ୍ଗଳା ରହିଛି। ସେଥିରୁ ଜଲ୍‌ସା ବଙ୍ଗଳାରେ ସେ ଓ ତାଙ୍କ ପରିବାର ରହୁଛନ୍ତି।

# କମୁନି କୋଭିଡ୍ ମୃତ୍ୟୁସଂଖ୍ୟା

## ଦିନକରେ ୧.୬୫ ଲକ୍ଷ ସଂକ୍ରମିତ, ୩,୪୬୦ ମୃତ



ନୂଆଦିଲ୍ଲୀ, ୩୦।୫

ଭାରତରେ ଗତ କିଛିଦିନର କୋଭିଡ୍ ସ୍ଥିତିକୁ ଅନୁଧ୍ୟାନ କଲେ ଦୈନିକ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ସେହିପରି ପଜିଟିଭିଟି ହାର ମଧ୍ୟ କମିଛି। ତେବେ ମୃତ୍ୟୁହାର ଏବେ ବି ଅଧିକ ରହିଛି, ଯାହା ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଅବଶ୍ୟ ସଂକ୍ରମଣ ତୁଳନାରେ ମୃତ୍ୟୁହାର (ସିଏଫ୍‌ଆର୍)କୁ ଦେଖିଲେ ଅନ୍ୟ ଦେଶ ତୁଳନାରେ ଭାରତର ହାର କମ୍ ରହିଛି। ତେବେ ମେ' ଦ୍ୱିତୀୟ ଭାଗରେ ସିଏଫ୍‌ଆର୍ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।

ମେ' ମାସ ପ୍ରଥମ ୧୫ ଦିନରେ ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୫୮,୪୩୧ ଥିଲା ଅର୍ଥାତ୍ ସିଏଫ୍‌ଆର୍ ୧.୦୬ ପ୍ରତିଶତ ରହିଥିଲା। ପରବର୍ତ୍ତୀ ୧୪ ଦିନ (ମେ' ୧୬ରୁ ୨୯)ରେ ମୃତ୍ୟୁସଂଖ୍ୟା ୫୫,୬୮୮ ରହିଛି। ତେବେ ଏହି ସମୟରେ ସିଏଫ୍‌ଆର୍ ୧.୭୩ ପ୍ରତିଶତ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ମେ' ପ୍ରଥମ ଭାଗ ଅପେକ୍ଷା ଦ୍ୱିତୀୟ ଭାଗରେ ନୂଆ ସଂକ୍ରମଣ ପାଖାପାଖି ୪୨ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପକ୍ଷରେ ଦେଖିଲେ ୨୦୨୧ରେ ସର୍ବାଧିକ ସିଏଫ୍‌ଆର୍ ମେ' ମାସରେ ୧.୩୧ ପ୍ରତିଶତ ରହିଛି। ଜାନୁୟାରୀରେ ଏହା ୧.୧୫% ଥିଲାବେଳେ ମାର୍ଚ୍ଚରେ ୦.୫୨% ଥିଲା। ଭାରତର ମୋଟ ସିଏଫ୍‌ଆର୍ ୧.୧୭ ପ୍ରତିଶତ ରହିଛି।

ଗତ ଏପ୍ରିଲ ମାସରେ ଦୈନିକ ହାରାହାରି ମୃତ୍ୟୁସଂଖ୍ୟା ୧,୬୩୧ ରହିଥିବାବେଳେ ମେ'ରେ ଏହା ୩,୯୩୫କୁ ବୃଦ୍ଧି ପାଇଛି। ଗତ ଫେବୃୟାରୀରେ ଦୈନିକ ହାରାହାରି ମୃତ୍ୟୁସଂଖ୍ୟା ୯୯ ରହିଥିଲା। ଦେଶରେ ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ମୃତ୍ୟୁହାର ଯଥେଷ୍ଟ ଅଧିକ ରହିଛି। ପୂର୍ବରୁ ଅଧିକ ସଂକ୍ରମିତ ହୋଇଥିବାରୁ ମୃତ୍ୟୁହାର ଅପରିବର୍ତ୍ତିତ ରହିଥିବା ବୈଜ୍ଞାନିକମାନେ କହିଛନ୍ତି। ମେ' ୧୬ରୁ ଦେଶରେ ସଂକ୍ରମଣ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରୁ ମୃତ୍ୟୁସଂଖ୍ୟାରେ ହ୍ରାସ ଘଟିବ ବୋଲି ଆଶା କରାଯାଉଛି।

ରବିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ ଦେଶରେ ୧,୬୫,୫୫୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୪୬ ଦିନ ମଧ୍ୟରେ ସର୍ବନିମ୍ନ। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨, ୭୮,୯୪,୮୦୦ରେ ପହଞ୍ଚିଛି।

### ୟୁପିରେ ଅନ୍‌ଲକ ପ୍ରକ୍ରିୟା ଆରମ୍ଭ

**ଲକ୍ଷ୍ନୌ, ୩୦।୫:** କଣ୍ଟେନମେଣ୍ଟ ଜୋନ୍ ବାହାରେ ଅର୍ଥନୈତିକ କାରବାର ପୁନର୍ବାର ଆରମ୍ଭ କରିବା ନିମନ୍ତେ ଉତ୍ତରପ୍ରଦେଶରେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ କଟକଣା କୋହଳ କରିବାକୁ ରାଜ୍ୟ ସରକାର ରବିବାର ଘୋଷଣା କରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୟୁପିରେ ୧,୯୦୮ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମାମଲା ସଂଖ୍ୟା ହ୍ରାସ ପାଇଥିବାରୁ କୋଭିଡ୍ କଟକଣା କୋହଳ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ସର୍ବନିମ୍ନ ମୃତ୍ୟୁହାର ଏବଂ ପଜିଟିଭିଟି ହାର ରହିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ତେବେ ଯେଉଁ ଜିଲାଗୁଡ଼ିକରେ ସପ୍ତାହକ ମଧ୍ୟରେ ୬୦୦ରୁ ଅଧିକ ସକ୍ରିୟ ମାମଲା ବାହାରିବ ସେଠାରେ କରୋନା କର୍ଫ୍ୟୁ ଜାରି ରହିବ। ୫୫ ଜିଲାରେ କଟକଣା ସକାଳ ୭ରୁ ରାତି ୭ଟା ପର୍ଯ୍ୟନ୍ତ କୋହଳ କରାଯିବ। ଅନ୍ୟପକ୍ଷରେ ରାତି ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ରାତ୍ରକାଳୀନ କର୍ଫ୍ୟୁ ଏବଂ ସପ୍ତାହାନ୍ତ କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି।

## ନଦୀରେ ଫିଙ୍ଗାଯାଉଛି ମୃତଦେହ

### ଭିଡିଓ ପ୍ରଘଟ ପରେ ୨ ଗିରଫ

**ବଳରାମପୁର (ୟୁପି), ୩୦।୫**

ଉତ୍ତରପ୍ରଦେଶରେ କରୋନା ରୋଗୀଙ୍କ ମୃତଦେହ ନଦୀକୁ ଫିଙ୍ଗାଯିବା ବେଳର ଭିଡିଓ ସାମନାକୁ ଆସିଛି। ଦୁଇ ସପ୍ତାହ ପୂର୍ବରୁ ଗଙ୍ଗାନଦୀରେ ଭାସମାନ ଅବସ୍ଥାରେ ଓ ନଦୀକୂଳ ବାଲିରେ ପୋତାଯାଇଥିବା ହଜାର ହଜାର ମୃତଦେହ ଠାବ ହେବା ଘଟଣା ବିଭିନ୍ନ ଖବରକାଗଜର ଶିରୋନାମା ମଣ୍ଡନ କରିଥିଲା। ମୃତଦେହ ନଦୀକୁ ଯେପରି ନ ଫିଙ୍ଗାଯାଏ, ତାହା ଦେଖିବା ଲାଗି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏଭଳି କାର୍ଯ୍ୟ ବନ୍ଦ କରିବା ଲାଗି ନଦୀକୂଳରେ ପାଟ୍ରୋଲିଂ ବ୍ୟବସ୍ଥା ବଢ଼ାଇବାକୁ ପରାମର୍ଶ ଦିଆଯାଇଥିଲା। ଗତ ଶୁକ୍ରବାର ବଳରାମପୁର ଜିଲାରେ ଦୁଇ ଜଣ ଲୋକ ଏକ ପୋଲ ଉପରୁ ରାପ୍ତି ନଦୀକୁ କୋଭିଡ୍ ରୋଗୀଙ୍କ ମୃତଦେହ ଫିଙ୍ଗୁଥିବା ଦେଖିବାକୁ



ମିଳିଛି। କ୍ୟାମେରାରେ ଉତ୍ତୋଳିତ ହୋଇଥିବା ଏହି ଦୃଶ୍ୟରେ ପିପିଇ କିଟ୍ ପିନ୍ଧିଥିବା ବ୍ୟକ୍ତି ଜଣକ ମୃତଦେହକୁ ଫିଙ୍ଗିବା ପୂର୍ବରୁ ତାକୁ ଜରି ପ୍ୟାକ୍‌ରୁ ବାହାର କରୁଥିବା ଦେଖାଯାଇଛି। ରୋଗୀଙ୍କ ଦୁଇଜଣ ସମ୍ପର୍କୀୟଙ୍କୁ ଗିରଫ କରାଯାଇଛି। ମୃତଦେହ ହସ୍ତାନ୍ତର କରାଯାଇଥିବା ପରିବାର ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି।

### ମ୍ୟାନ୍‌ମାର ବିଦ୍ରୋହୀ ନେତାଙ୍କୁ ହତ୍ୟା

**ନାପିତାଉ, ୩୦।୫**

ମ୍ୟାନ୍‌ମାରରେ ବେଆଇନ ଘୋଷିତ ହୋଇଥିବା ଶନି ନ୍ୟାଶନାଲିଟିଜ୍ ଆର୍ମି (ଏନ୍‌ଏନ୍‌ଏ)ର ଦ୍ୱିତୀୟ ମୁଖ୍ୟ ମେଜର ଜେନେରାଲ ସାଓ ଖୁନ୍ କ୍ୟାଉଙ୍କୁ ସାମରିକ ଶାସକ (ଜୁଣ୍ଟା) ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ସାଓଙ୍କୁ ଅତି ନିକଟରୁ ଗୁଳି କରାଯାଇଥିଲା ବୋଲି ଏସ୍‌ଏନ୍‌ଏ ମୁଖପାତ୍ର କଲୋନେଲ ସୁର୍ ସାଇ ଟୁନ୍ କହିଛନ୍ତି। ତାଙ୍କ ସୁରକ୍ଷା ଟିମ୍ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏସ୍‌ଏନ୍‌ଏ ସୈନ୍ୟଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିବା ମୁଖପାତ୍ର କହିଛନ୍ତି।

### ନିଆଁ ଲାଗିଥିବା ଜାହାଜରୁ ୨୦୦ ଯାତ୍ରୀ ଉଦ୍ଧାର

**ଜାକର୍ତ୍ତା, ୩୦।୫**

ଇଣ୍ଡୋନେସିଆର ନର୍ଥ ମାଲୁକୁ ପ୍ରଦେଶ ଉପକୂଳରେ ଏକ ଯାତ୍ରୀବାହୀ ଜାହାଜରେ ନିଆଁ ଲାଗିଯାଇଛି। ସେଥିରେଥିବା ସମସ୍ତ ୨୦୦ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। କେ.ଏମ୍. କାର୍ୟା ଇଣ୍ଡାହ ନାମକ ଜାହାଜଟି ଶନିବାର ଲିମାଫାଟୋଲା ଦ୍ୱୀପର ସନାନା ବନ୍ଦରରେ ପହଞ୍ଚିବା ପରେ କୌଣସି କାରଣରୁ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ବୋଲି ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖ୍ୟ କହିଛନ୍ତି। ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଦ୍ୱୀପକୁ ପଠାଇ ଦିଆଯାଇଛି।

### ଫ୍ଲୋରିଡାରେ ଗୁଳି: ୨ ମୃତ

**ମିଆମି, ୩୦।୫:** ଆମେରିକା ରାଜ୍ୟ ଫ୍ଲୋରିଡାର ମିଆମିଠାରେ ଏକ କନସର୍ଟ ବାହାରେ ରବିବାର ଗୁଳିକାଣ୍ଡ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ସେଠାରେ ଲୋକଙ୍କ ଗହଳି ଲାଗିଥିବାବେଳେ ୩ ବନ୍ଧୁକଧାରୀ ଗାଡ଼ିରୁ ବାହାରି ଆଖିବୁଜା ଗୁଳି ଚଳାଇଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ପୋଲିସ କହିଛି।

## କୋଭିଡ୍ ଯୋଦ୍ଧାଙ୍କୁ ପ୍ରଶଂସା କଲେ ମୋଦି

### ମନ୍ କୀ ବାତ୍

**ନୂଆଦିଲ୍ଲୀ, ୩୦।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଫ୍ରଣ୍ଟଲାଇନ କୋଭିଡ୍ ଯୋଦ୍ଧାମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କ ବିଜୟ ସଙ୍କଳ୍ପ ଏବଂ ସେବା ମନୋଭାବ ପ୍ରତ୍ୟେକ ଝଡ଼ରୁ ଦେଶକୁ ସବୁବେଳେ ରକ୍ଷା କରିଆସିଛି। ଇତିମଧ୍ୟରେ କେନ୍ଦ୍ରରେ ଏନ୍‌ଡିଏ ସରକାର ୭ ବର୍ଷ ପୂରଣ କରିଥିବାରୁ ଏହି ସମୟ ମଧ୍ୟରେ ରାଷ୍ଟ୍ରର ସମସ୍ତ ସଫଳତାର ଶ୍ରେୟ ନାଗରିକମାନଙ୍କର ବୋଲି ମୋଦି କହିଥିଲେ।

ସେ ଆହୁରି କହିଥିଲେ ଯେ, ଗତ ୧୦ ଦିନ ମଧ୍ୟରେ ଦେଶ ଦୁଇଟି ବଡ଼ ବାତ୍ୟାର ସମ୍ମୁଖୀନ ହୋଇଛି। ସାମୁଦ୍ରିକ ଝଡ଼ ତଉକତାଏ ପଶ୍ଚିମ ଉପକୂଳକୁ ଏବଂ ୟାସ୍ ପୂର୍ବ ଉପକୂଳକୁ କ୍ଷତିଗ୍ରସ୍ତ କରିଛି। ଦେଶ ଗତ ୧୦୦ ବର୍ଷ ମଧ୍ୟରେ ସବୁଠୁ ବଡ଼ ମହାମାରୀ କୋଭିଡ୍-୧୯ ବିରୋଧରେ ଲଢୁଛି। ଏଭଳି ସମୟରେ ବାତ୍ୟା ପ୍ରଭାବିତ ରାଜ୍ୟର ଜନସାଧାରଣ ଅଭୂତପୂର୍ବ ସାହସ, ଧୈର୍ଯ୍ୟର ସହ ସଙ୍କଟକୁ ସାମ୍ନା କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କରୋନା ଦ୍ୱିତୀୟ ଲହରରେ ଅକ୍ସିଜେନ୍ ଆବଶ୍ୟକତା ହଠାତ୍ ବଢ଼ିଯିବାରୁ ସାରା ଦେଶର ହସ୍ପିଟାଲଗୁଡ଼ିକୁ ଅମ୍ଳଜାନ ଯୋଗାଇବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ରେଲୱେ ଏବଂ ବାୟୁସେନା ସହାୟତା କରିବାକୁ ଆଗେଇ ଆସିଥିଲେ। ଅନେକ ଲୋକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବା ଫଳରେ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଯାଇପାରିଲା। ଏବେ ଦେଶରେ ଅକ୍ସିଜେନ୍ ଉତ୍ପାଦନ ୧୦ ଗୁଣ ବୃଦ୍ଧି ପାଇଛି। ମହାମାରୀ ସମୟରେ ଦେଶବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଚାଷୀମାନଙ୍କୁ ମୋଦି ସମ୍ମାନ ଜଣାଇଛନ୍ତି।



କଲମ୍ବୋ ଉପକୂଳରେ ଏକ ପଣ୍ୟବାହୀ ଜାହାଜରେ ଲାଗିଥିବା ନିଆଁକୁ ଭାରତୀୟ ତଟରକ୍ଷୀ ବାହିନୀର ଦୁଇ ଜାହାଜ ଲିଭାଉଛନ୍ତି।

## ୪ ନୂଆ ହେଲ୍ପଲାଇନ ନମ୍ବର ଦେଖାଅ

### ଘରୋଇ ନ୍ୟୁଜ୍ ଚ୍ୟାନେଲକୁ ସରକାରଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୩୦।୫ (ପି.ଟି.)**

କୋଭିଡ୍-୧୯ ସଚେତନତା ପଦକ୍ଷେପର ଅଂଶବିଶେଷ ଭାବେ ନାଗରିକଙ୍କ ସୁବିଧା ପାଇଁ ୪ଟି ନୂଆ ଜାତୀୟ ହେଲ୍ପଲାଇନ ନମ୍ବର ପ୍ରଦର୍ଶନ କରିବା ଲାଗି କେନ୍ଦ୍ର ସରକାର ରବିବାର ଘରୋଇ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବିରତି ସମୟରେ ଏହି ନମ୍ବରଗୁଡ଼ିକୁ ପ୍ରଦର୍ଶନ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଚ୍ୟାନେଲଗୁଡ଼ିକୁ ପତ୍ର ଲେଖି ଜଣାଇଛି। ଲୋକଙ୍କ ମଧ୍ୟରେ କୋଭିଡ୍ ଚିକିତ୍ସା, ଉପଯୁକ୍ତ ବ୍ୟବହାର ଏବଂ ଟିକାକରଣ ସମ୍ପର୍କିତ ସଚେତନତା ସୃଷ୍ଟି କରାଇବାରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଭୂମିକାକୁ ମନ୍ତ୍ରଣାଳୟ ପ୍ରଶଂସା କରିଛି। ଏବେ ଘରୋଇ ଟିଭି ଚ୍ୟାନେଲଗୁଡ଼ିକ ୪ଟି ଜାତୀୟ ହେଲ୍ପଲାଇନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ମନ୍ତ୍ରଣାଳୟ କହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପାଇଁ ହେଲ୍ପଲାଇନ ନମ୍ବର ୧୦୭୫ ରହିଥିବାବେଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ନଂ. ୧୦୯୮, ସାମାଜିକ ନ୍ୟାୟ ଓ ସଶକ୍ତୀକରଣର ବରିଷ୍ଠ ନାଗରିକମାନଙ୍କ ପାଇଁ ହେଲ୍ପଲାଇନ ନଂ. ୧୪୫୬୭ ଏବଂ ମାନସିକ ସହାୟତା ଲାଗି ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ନ୍ୟୁରୋସାଇନ୍ସର ହେଲ୍ପଲାଇନ ନଂ. ୦୮୦୪୬୧୧୦୦୦୭ ରହିଛି। କୋଭିଡ୍ ଚିକିତ୍ସା ପ୍ରୋଟୋକଲ୍, କୋଭିଡ୍ ଉପଯୁକ୍ତ ଆଚରଣ ଏବଂ ଟିକାକରଣ ଉପରେ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରଣାଳୟ ଘରୋଇ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ପତ୍ର ଲେଖିଛି।

## ଦ୍ୱାଦଶ ପରୀକ୍ଷା ବିକଳ୍ପ ବିଚାର କରୁଛି ସିବିଏସ୍‌ଇ

### ପୂର୍ବ ତିନି ବର୍ଷର ଫଳ ଆଧାରରେ ଦିଆଯାଇପାରେ ମାର୍କ

**ନୂଆଦିଲ୍ଲୀ, ୩୦।୫**

ଦେଶରେ କରୋନା ସ୍ଥିତିକୁ ନଜରରେ ରଖି ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ବିଭିନ୍ନ ବିକଳ୍ପକୁ ନେଇ ବିଚାର କରୁଛନ୍ତି। ଯଦି ପରୀକ୍ଷା ବାତିଲ ହୁଏ ତେବେ ନବମ, ଦଶମ ଓ ଏକାଦଶ ଶ୍ରେଣୀର ଫଳ ଆଧାରରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ମାର୍କ ଦେବା ଲାଗି ପ୍ରସ୍ତାବ ରହିଛି। ଅଧିକାଂଶ ରାଜ୍ୟ ପରୀକ୍ଷାକୁ ସଂକ୍ଷିପ୍ତ କରିବା ସପକ୍ଷରେ ମତ ଦେଇଥିବାବେଳେ ଅନ୍ୟ କେତେକ ରାଜ୍ୟ ଏଥିରେ ରାଜି ନାହାନ୍ତି। ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ କୋଭିଡ୍ ଟିକା ଦେବା ପରେ ପରୀକ୍ଷା କରାଇବାକୁ ଅନ୍ୟ କେତେକ ଦାବି କରିଛନ୍ତି। ତେବେ ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଛାତ୍ରୀଛାତ୍ର ଅଦାଲତର ଆଶ୍ରୟ ନେଇଥିବାବେଳେ ଟୁଇଟର ଆଦି ସୋସିଆଲ ମିଡିଆରେ ମତ ରଖୁଛନ୍ତି।

ଗତ ୨୧ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ସଚିବମାନଙ୍କର ଉଚ୍ଚସ୍ତରୀୟ ବୈଠକ ୨୩ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। କେବଳ ୧୯ ମୁଖ୍ୟ ବିଷୟ ଉପରେ ପରୀକ୍ଷା କରାଇବା ଏବଂ କମ୍ ସମୟ ମଧ୍ୟରେ ସଂକ୍ଷିପ୍ତ ଉତ୍ତରମୂଳକ ପରୀକ୍ଷା କରାଇବା ପାଇଁ ସିବିଏସ୍‌ଇ ପ୍ରସ୍ତାବ ଦେଇଥିଲା। ରାଜ୍ୟଗୁଡ଼ିକଠାରୁ ମେ' ୨୫ ମଧ୍ୟରେ ମତାମତ ଲୋଡ଼ାଯାଇଥିଲା।



### ଆଜି ସୁପ୍ରିମକୋର୍ଟରେ ଶୁଣାଣି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଏବଂ କାଉନସିଲ୍ ଫର୍ ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ ଏକ୍ଜାମିନେଶନ୍ସ (ସିଆଇଏସ୍‌ସିଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ପାଇଁ ସୁପ୍ରିମକୋର୍ଟରେ ଦାଏର ପିଟିଶନ୍‌ର ଶୁଣାଣି ସୋମବାର ଅନୁଷ୍ଠିତ ହେବ। କରୋନା ସ୍ଥିତିକୁ ଦେଖି ଉଭୟ ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ ରଖାଯାଇଥିଲେ ହେଁ ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇନାହିଁ। ବିଚାରପତି ଏ.ଏମ୍. ଖାନ୍‌ୱିଲକର ଏବଂ ଦିନେଶ ମାହେଶ୍ୱରୀଙ୍କ ଖଣ୍ଡପୀଠ ପିଟିଶନ କପି ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇକୁ ଆଗୁଆ ଦେବା ପାଇଁ ଆବେଦନକାରୀ ଆଇନଜୀବୀ ମମତା ଶର୍ମାଙ୍କୁ ଗତ ୨୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପକ୍ଷରେ ପରୀକ୍ଷା ବାତିଲ ବିରୋଧରେ କେରଳର ଜଣେ ଶିକ୍ଷକ ଆଉ ଏକ ପିଟିଶନ ଦାଏର କରିଛନ୍ତି। ସୋମବାର ଏହାର ମଧ୍ୟ ଶୁଣାଣି ହେବ।

**କୋଭିଡ୍ ସାମଗ୍ରୀ ଟିକସ ଲାଗି ମନ୍ତ୍ରୀଗୋଷ୍ଠୀ**

କୋଭିଡ୍ ଭାକ୍ସିନ, ଡ୍ରଗ, ହ୍ୟାଣ୍ଡ ସାନିଟାଇଜର, ମାସ୍କ, ପିପିଇ କିଟ୍ ଏବଂ ଅକ୍ସିଜେନ ସଂକ୍ରାନ୍ତ ଯନ୍ତ୍ରାଂଶ ଉପରେ ଜିଏସ୍ଟି ହାର ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) ବିଚାର କରିବ। ଏ ନେଇ ୮ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଙ୍କ ପ୍ୟାନେଲ ଗଠନ କରାଯାଇଥିବା ବେଳେ ମେଘାଳୟ ମୁଖ୍ୟମନ୍ତ୍ରୀ ସି.ସାଙ୍ଗମା ଏହାର ମୁଖ୍ୟ ରହିଛନ୍ତି।



**ସଂକ୍ଷେପରେ**

## ଶିବଦତ୍ତ ହେଲେ ଆଜିଙ୍କ୍ୟ ଡି ୱାଇ ପାଟିଲ ଗ୍ରୁପ୍‌ର ସିଇଓ



ଭୁବନେଶ୍ୱର,୩୦।୫: ଦେଶର ଅନ୍ୟତମ ସର୍ବବୃହତ୍ ପ୍ରତିଷ୍ଠାନ ଆଜିଙ୍କ୍ୟ ଡି ୱାଇ ପାଟିଲ୍ ଗ୍ରୁପ୍‌ର ସ୍ୱାସ୍ଥ୍ୟ ବ୍ୟବସାୟର ଏମ୍‌ଡି ଓ ସିଇଓ ଭାବେ ଶିବଦତ୍ତ ଦାସଙ୍କୁ ନିଯୁକ୍ତି ମିଳିଛି। ବୋର୍ଡ ଏ ନେଇ ଗ୍ରହଣ କରିଥିବା ନିଷ୍ପତ୍ତି ସମ୍ପର୍କରେ କମ୍ପାନୀର ଅଧକ୍ଷ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ୨୦୨୧ ଜୁନ୍ ୧ରୁ ଦାସଙ୍କର କାର୍ଯ୍ୟକାଳ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଶିବଦତ୍ତ ଏହା ପୂର୍ବରୁ ୟୁନାଇଟେଡ୍ ସ୍ପିରିଟ୍, ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ, ଭାରତୀ ଏକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ, ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ, ରିଲାଏନ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ ଭଳି ପ୍ରତିଷ୍ଠିତ ସଂସ୍ଥାର ପ୍ରମୁଖ ଭୂମିକାରେ କାର୍ଯ୍ୟ କରିଛନ୍ତି। ଏ ସବୁ କ୍ଷେତ୍ରରେ ତାଙ୍କର ୨୨ ବର୍ଷର ଅଭିଜ୍ଞତା ରହିଛି। ଗତ ୫ ବର୍ଷ ହେଲା ସେ ଅନେକ କମ୍ପାନୀକୁ ଆଡଭାଇଜରି ସେବା ପ୍ରଦାନ କରୁଥିଲେ। ଜଣେ ସ୍ୱାଧୀନ କନ୍‌ସଲ୍‌ଟାଣ୍ଟ ଭାବେ ସେ ଗତ କିଛିମାସ ହେଲା ପାଟିଲ ଗ୍ରୁପ୍ ସହିତ ଯୋଡ଼ି ହୋଇଥିଲେ।

## ଜିଓ ଟେଲିକମ୍ ନେଟ୍‌ୱର୍କର ପୁନରୁଦ୍ଧାର

**ଭୁବନେଶ୍ୱର,୩୦।୫:** ଅଗ୍ରଣୀ ଡିଜିଟାଲ ସେବା ପ୍ରଦାନକାରୀ ସଂସ୍ଥା ରିଲାଏନ୍ସ ଜିଓ ପକ୍ଷରୁ ବାତ୍ୟା ୟାସ୍ ଦ୍ୱାରା ପ୍ରଭାବିତ ଓଡ଼ିଶାର ସମସ୍ତ ଜିଲାର ମୋବାଇଲ୍ ନେଟ୍‌ୱର୍କକୁ ସଫଳତାର ସହ ପୁନରୁଦ୍ଧାର କରାଯାଇଛି। ବାତ୍ୟା ଆଗମନ ପୂର୍ବରୁ ଜିଓ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ଗ୍ରାହକଙ୍କ ଭରସାକୁ ଅତୁଟ ରଖିବା ପାଇଁ ଜିଓ ପକ୍ଷରୁ ସ୍ୱତନ୍ତ୍ର ୱାର-ରୁମ୍ ସ୍ଥାପନ କରାଯାଇ ବାତ୍ୟା ପ୍ରଭାବିତ ଜିଲାଗୁଡିକରେ ଆବଶ୍ୟକ ଉପକରଣ, ସ୍ପେୟାର ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସହିତ ଅଭିଜ୍ଞ ଟିମ୍ ମୁତୟନ କରାଯାଇଥିଲା। ସେହିଭଳି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରଭାବିତ ନେଟ୍‌ୱର୍କ ସାଇଟ୍‌ର ପୁନରୁଦ୍ଧାରକୁ ନିଶ୍ଚିତ କରିବା ସହିତ ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ଜିଓ ଫାଇବର୍ ନେଟ୍‌ୱର୍କ ଉପରେ କୌଣସି ପ୍ରଭାବ ପଡ଼ିନାହିଁ ବୋଲି ଜଣାପଡିଛି।

# ଟେକ୍ନିକାଲ ରିସେସନ, ସେନ୍‌ସେକ୍ସ ସ୍ତର ୫୦ ହଜାର

ନୂଆଦିଲ୍ଲୀ,୩୦।୫

୨୦୧୯ ମେ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ପାଳି ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ଥିଲା। ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଯେତେବେଳେ ବିଭିନ୍ନ ସଂସ୍କାର ପ୍ରକ୍ରିୟା ଆରମ୍ଭ କଲେ ସେତେବେଳେ କରୋନା ମହାମାରୀ ପ୍ରଭାବ ବଜାରକୁ ସଙ୍କଟ ସ୍ଥିତିକୁ ଠେଲି ଦେଇଛି। ଗତ ୨ ବର୍ଷରେ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ଭାରତ ପ୍ରଥମ ଟେକ୍ନିକାଲ ରିସେସନର ସାମ୍ନା କରିଛି। ଇତିହାସରେ ପ୍ରଥମ ଥର ଲାଗି ବଜାର ଏଭଳି ସମସ୍ୟା ଦେଇ ଗତି କରିଛି। ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଲକ୍‌ଡାଉନ ଯୋଗୁ ଜିଡିପି ୨୪.୪% ହ୍ରାସ ହୋଇଛି। ଆର୍ଥିକ ବର୍ଷ ସାରା ଜିଡିପି ୮% ଖସିବା ନେଇ ସରକାର ଆକଳନ କରିଛନ୍ତି। ଜିଡିପି ୭.୭% ଖସିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଆକଳନ କରିଥିଲା। ହେଲେ ଏହାଠାରୁ ଜିଡିପି ବେଶି ପ୍ରଭାବିତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ଉନ୍ନତ ହେବା ସହ ପ୍ରାୟ ୯% ରହିପାରେ ବୋଲି ବିଶ୍ୱସ୍ତରୀୟ ଏଜେନ୍ସିଗୁଡିକ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ୨୦୨୦ରେ ୩.୭ ଟ୍ରିଲିୟନ ଡଲାର ଧକ୍କା ଲାଗିଛି।

କରୋନା ପ୍ରଭାବକୁ କମାଇବା ଲାଗି ସରକାର ୩ଟି ପର୍ଯ୍ୟାୟରେ ଆତ୍ମ ନିର୍ଭର ପ୍ୟାକେଜ୍ ଘୋଷଣା କରିଛନ୍ତି। ବିଜ୍‌ନେସ ଏବଂ ଏମ୍‌ଏସ୍‌ଏମ୍‌ଇ ଲାଗି ୩ ଲକ୍ଷ କୋଟି ଟଙ୍କାର ବନ୍ଧକ ମୁକ୍ତ ଋଣ, ଚାପଗ୍ରସ୍ତ ଏମ୍‌ଏସ୍‌ଏମ୍‌ଇ ଲାଗି ୨୦ ହଜାର କୋଟିର ସବ୍‌ଅର୍ଡିନେଟ୍ ଡେଟ୍, ଏମ୍‌ଏସ୍‌ଏମ୍‌ଇ ଫଣ୍ଡସ ଅଫ୍ ଫଣ୍ଡରେ ୫୦ ହଜାର କୋଟିର ଇକ୍ୱିଟି, ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟ ଉପରେ ଗ୍ଲୋବାଲ ଟେଣ୍ଡରକୁ ବାତିଲ, ମୁଦ୍ରା ଶିଶୁ ଲୋନ୍‌ରେ ୧୫ ଶହ କୋଟିର ଆଶ୍ୱସ୍ତି ଭଳି ଅନ୍ୟ ପ୍ରମୁଖ ପଦକ୍ଷେପ ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟ ପ୍ୟାକେଜ୍‌ରେ ସଡ଼କ ଭିତ୍ତିଭୂମି ପାଇଁ ଅତିରିକ୍ତ ପୁଞ୍ଜି, ପୁଞ୍ଜି ଖର୍ଚ୍ଚକୁ ପ୍ରୋତ୍ସାହନ, ଏଲ୍‌ଟିସି ଭାଉଚର

**ମୋଦିଙ୍କ ଦ୍ୱିତୀୟ ପାଳିରେ ଅର୍ଥ ବ୍ୟବସ୍ଥା**




ସ୍କିମ୍, ଫେଷ୍ଟିଭ ବୋନସ ଦିଆଯାଇଥିଲା। ସେହିଭଳି ତୃତୀୟ ପର୍ଯ୍ୟାୟରେ ବିନିର୍ମାଣ କ୍ଷେତ୍ର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅତିରିକ୍ତ ବ୍ୟୟବରାଦ, ଗ୍ରାମୀଣ ନିଯୁକ୍ତିକୁ ପ୍ରୋତ୍ସାହନ, ଭାକ୍ସିନ ଉନ୍ନତୀକରଣ ଲାଗି ଗ୍ରାଣ୍ଟ, ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା, କୃଷି କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ସାର ସବ୍‌ସିଡି ଏବଂ ରପ୍ତାନି ପ୍ରୋତ୍ସାହନ ଯୋଜନା ଗ୍ରହଣ କରାଯାଇଥିଲା।

ଏହି ସମୟ ଅବଧିରେ ଦେଶ ମଧ୍ୟରେ ବେରୋଜଗାରୀ ହାର ଅହେତୁକ ଭାବେ ବଢ଼ିଛି। ଦ୍ୱିତୀୟ ଲହର ଯୋଗୁ ବର୍ତ୍ତମାନ ନିଯୁକ୍ତି ବଜାର ପ୍ରଭାବିତ ହୋଇରହିଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ଡାଟା ମୁତାବକ ପୁଣି ଥରେ ବେକାରି ହାର ବଢିଚାଲିଛି। ଗତ ବର୍ଷ ମେ ମାସରେ ଏହା ୨୩.୫% ସ୍ତରରେ ଥିଲା। ଅନଲକ୍ ପରେ ଏଥିରେ ସୁଧାର ଆସିଥିବା ବେଳେ ଦ୍ୱିତୀୟ ଲହର ଯୋଗୁ ଏହା ପୁଣି ଥରେ କ୍ଷତିଗ୍ରସ୍ତ ହୋଇଛି। ଚଳିତ ମାସ ୨୩ ସୁଦ୍ଧା ସାପ୍ତାହିକ ବେରୋଜଗାରୀ ୧୪.୭% ସ୍ତରରେ ଥିଲା। ଏହାର ପୂର୍ବ ସପ୍ତାହରେ ଏହା ୧୪.୫% ଥିଲା। ଚଳିତ ବର୍ଷ ଏପ୍ରିଲ ପରଠାରୁ ବେକାରି ହାର ଲଗାତର ଉଚ୍ଚରେ ରହୁଥିବା ନଜରକୁ ଆସିଛି।

ଦେଶର ପୁଞ୍ଜି ବଜାରରେ ବର୍ତ୍ତମାନ ଊର୍ଦ୍ଧ୍ୱଗାମୀ ଧାରା ଲାଗି ରହିଛି। ଚଳିତ ବର୍ଷ ଜାନୁୟାରୀ ୨୨ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ପ୍ରଥମଥର ଲାଗି ୫୦ ହଜାର ପଏଣ୍ଟ ସ୍ତର ଛୁଇଁଥିଲା। କୋଭିଡ୍ ପାଇଁ ୨୦୨୦ ମାର୍ଚ୍ଚରେ ସେନ୍‌ସେକ୍ସ ରେକର୍ଡ ନିମ୍ନ ସ୍ତରକୁ ଖସିଥିଲେ ମଧ୍ୟ ପରେ ଏଥିରେ ସୁଧାର ତ୍ୱରାନ୍ୱିତ ହୋଇଛି। ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବର୍ତ୍ତମାନ ବଢିଚାଲିଛି। ଏହି ଅବଧିରେ ସେନ୍‌ସେକ୍ସ ୧୬% ବଢିଛି। ମୋଦି ଶାସନ କ୍ଷମତାକୁ ଆସିବା ପରେ ସେନ୍‌ସେକ୍ସ ପ୍ରାୟ ୨ ଗୁଣ ବଢିଛି। ବିଏସ୍‌ଇରେ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୩ ଟ୍ରିଲିୟନ ଡଲାର ଟପିଛି। ଏହାବାଦ୍ ଗତ ୨୮ ବର୍ଷ ମଧ୍ୟରେ ୨୦୧୯ରେ ସରକାର ବେସ୍ କର୍ପୋରେଟ ଟିକସ ୩୦ରୁ ୨୨%କୁ ଖସାଇଛନ୍ତି। ନିବେଶରେ ଭାରତକୁ ବିଶ୍ୱ ସ୍ତରରେ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ୨୦୧୯ ଅକ୍ଟୋବର ପହିଲାରେ ନୂଆ ମାନୁଫାକ୍‌ଚରିଂ ଫାର୍ମଗୁଡିକ ଲାଗି ୨୫ରୁ ୧୫%କୁ ହ୍ରାସ କରାଯାଇଥିଲା। ସେହିଭଳି ୨୦୧୯ ଅଗଷ୍ଟ ୩୦ରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମେଗା ମିଶ୍ରଣ ଯୋଜନାକୁ କାର୍ଯ୍ୟକାରୀ କରାଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ସରକାର ପୂର୍ବ ଢାଞ୍ଚାରେ ପରିବର୍ତ୍ତନ ଆଣି ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ପରିବର୍ତ୍ତେ ଘରୋଇକରଣ ପ୍ରକ୍ରିୟାକୁ ଏବେ ଅଗ୍ରାଧିକାର ଦେଉଛନ୍ତି। ଦେଶ ମଧ୍ୟରେ ନିଯୁକ୍ତି ଏବେ ମଧ୍ୟ ଚ୍ୟାଲେଞ୍ଜିଂ ସ୍ଥିତିରେ ରହିଛି। କରୋନାର ଦ୍ୱିତୀୟ ଲହର ପରେ ଜିଡିପିକୁ ସୁଧାରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ଲାଗି ବଡ଼ ଆହ୍ୱାନ ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

## କରୋନାରେ ସହଯୋଗର ହାତ ବଢ଼ାଇଲା 'ଭାରତ ମସଲା'



କଟକ ଅଫିସ, ୩୦।୫

କରୋନା ମହାମାରୀର ଦ୍ୱିତୀୟ ଲହର ଯୋଗୁ ଜୀବନ ଓ ଜୀବିକା ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ 'ଅନ୍ୱେଷା' ଓ 'ଭାରତ ମସଲା' ସହଯୋଗରେ ଭୁବନେଶ୍ୱର ୟୁନିଟ-୩ସ୍ଥିତ ମାଳିସାହିରେ ପହଞ୍ଚିଥିଲେ। ଅନ୍ୱେଷା ଫାଉଣ୍ଡେଶନର ସଦସ୍ୟାମାନେ ମିଶି ସମାଜକୁ ଏକ ଉଦାହରଣ ଦେଉଥିବାବେଳେ ରୋଷେଇଶାଳରେ ଖାଦ୍ୟକୁ ସୁସ୍ୱାଦୁ ବନାଉଥିବା ଭାରତ ମସଲା ମଧ୍ୟ ସମାଜକୁ ଏକ ବାର୍ତ୍ତା ଦେଇଛି। ମହାମାରୀ ସମୟରେ ମାଳିସାହି ଅଞ୍ଚଳର ଜୀବିକା ହରାଇଥିବା ୩୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅନ୍ୱେଷା ଏବଂ ଭାରତ ମସଲାର ମିଳିତ ସହଯୋଗରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସହଯୋଗରେ ଅନ୍ୱେଷା ଫାଉଣ୍ଡେଶନର କର୍ମକର୍ତ୍ତା କୋଭିଡ୍ ନିୟମ ମାନି ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇପ୍‌ସିତା ସାହୁ, ସାଗରିକା ସାମନ୍ତ, ସୁପ୍ରୀତି ନାଥ ଶର୍ମା, ସୌଭାଗିନୀ ସାହୁ, ଇତିଶ୍ରୀ ସାହୁ, ଲିଲି ନାୟକ, ଶତୋକୀର୍ତ୍ତି ଶର୍ମା, ପ୍ରୀତି ଜେନା ପ୍ରମୁଖ ସାମିଲ ଥିଲେ।

## ବାତ୍ୟା ପ୍ରଭାବିତଙ୍କ ଲାଗି ହ୍ୟୁଣ୍ଡାଇର ଟାସ୍କଫୋର୍ସ


ନୂଆଦିଲ୍ଲୀ,୩୦।୫

ବାତ୍ୟା ୟାସ୍ ପ୍ରଭାବିତ ଗ୍ରାହକଙ୍କ ଲାଗି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ରିଲିଫ ଟାସ୍କଫୋର୍ସ ଗଠନ କରାଯାଇଛି। ଏହା ଦ୍ୱାରା ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଗ୍ରାହକ ମାଗଣାରେ ରୋଡ୍ ସାଇଡ ଆସିଷ୍ଟାନ୍ସ ଲାଭ କରିପାରିବେ। ଭିଜନ ପ୍ରୋଗ୍ରେସ ଫର୍ ହ୍ୟୁମାନିଟି ଅନ୍ତର୍ଗତ ସମାଜ ଏବଂ କମ୍ୟୁନିଟିର ସୁବିଧା ନିମନ୍ତେ ରିଲିଫ୍ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି କମ୍ପାନୀର ସେଲ୍‌ସ ମାର୍କେଟିଂ ଏବଂ ସର୍ଭିସ ନିର୍ଦ୍ଦେଶକ ତରୁଣ ଗର୍ଗ କହିଛନ୍ତି। ସେ କହିଛନ୍ତି, ଦାୟିତ୍ୱ ସମ୍ପନ୍ନ ବ୍ରାଣ୍ଡ ଭାବେ ଗାଡି ମାଲିକଙ୍କୁ ସର୍ଭିସ ସହାୟତା ଯୋଗାଇ ଦିଆଯାଉଛି। ରିଲିଫ ଟିମ୍ ବାତ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପିସ୍ ଅଫ୍ ମାଇଣ୍ଡ ଅନ୍ତର୍ଗତ ଏହି ସଙ୍କଟ ସମୟରେ ଭ୍ରାମ୍ୟମାଣ ସେବା ଯୋଗାଣ ଅବ୍ୟାହତ ରଖିଛନ୍ତି। ଗ୍ରାହକଙ୍କୁ ରାସ୍ତାକଡରେ ଚିନ୍ତାମୁକ୍ତ ଏମର୍ଜେନ୍ସି ସହାୟତା ପ୍ରଦାନ କରାଯାଉଛି। ଅତିରିକ୍ତ ଭାବେ ବାତ୍ୟା ପ୍ରଭାବିତ ଯାନଗୁଡିକ ଲାଗି ୫୦% ରିହାତି ମୂଲ୍ୟରେ ବୀମା କ୍ଲେମର ସହାୟତା କରାଯାଇଛି।

## ଇସିଏଲ୍‌ଜିଏସ୍ ସୀମା ବଢ଼ିଲା

ନୂଆଦିଲ୍ଲୀ,୩୦।୫

- କୋଭିଡ୍ ପ୍ରଭାବ ହ୍ରାସ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପଦକ୍ଷେପ
- ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ରିଷ୍ଟ୍ରକ୍‌ଚରିଂ ଆରମ୍ଭ



ଦୀନେଶ ଖାରା

କୋଭିଡ୍-୧୯ ଦ୍ୱିତୀୟ ଲହର ଯୋଗୁ ବଜାର ବର୍ତ୍ତମାନ ପ୍ରଭାବିତ ହୋଇରହିଛି। ଏହି ପ୍ରଭାବକୁ କମାଇବା ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମିଳିତ ହୋଇ କାମ କରିବେ। ବ୍ୟାଙ୍କଗୁଡିକ ବିଭିନ୍ନ ଋଣ ପ୍ରଡକ୍ଟ ଏବଂ ଅନ୍ୟ ସହାୟତା ପଦକ୍ଷେପ ଯୋଗାଇ ଦେବେ ବୋଲି ଏକ ଭର୍ଚୁଆଲ ବୈଠକରେ ଏସ୍‌ବିଆଇ ଅଧ୍ୟକ୍ଷ ଦୀନେଶ ଖାରା, ଆଇବିଏ ଅଧ୍ୟକ୍ଷ ରାଜ କିରନ ରାୟ ଏବଂ ଆଇବିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନୀଲ ମେହେଟ୍ଟା ସୂଚନା ଦେଇଛନ୍ତି।

ସରକାର ବର୍ତ୍ତମାନ ଏମର୍ଜେନ୍ସି କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ସ୍କିମ(ଇସିଏଲ୍‌ଜିଏସ୍) ସୀମାକୁ ବଢ଼ାଇଛନ୍ତି। ଏଥିରେ ହସ୍ପିଟାଲ, ନର୍ସିଂ ହୋମ ଏବଂ କ୍ଲିନିକଗୁଡିକ ଅନସାଇଟ ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ ସ୍ଥାପନ କ୍ଷେତ୍ରରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ଏନ୍‌ସିଜିଟିସି ପକ୍ଷରୁ ୧୦୦% ଗ୍ୟାରେଣ୍ଟି କଭର ଲାଭ କରିବେ। ଇସିଏଲ୍‌ଜିସି ସୀମାକୁ ସେପ୍ଟେମ୍ବର ଯାଏ ବଢାଯାଇଛି। ଏହି କ୍ଷେତ୍ରରେ ଋଣ ଯୋଗାଣକୁ ଚଳିତ ବର୍ଷ ଶେଷ ଯାଏ ଅନୁମତି ଦିଆଯାଇଛି। ବ୍ୟାଙ୍କଗୁଡିକ ବର୍ଦ୍ଧିତ ଇସିଏଲ୍‌ଜିଏସ୍ ପଦକ୍ଷେପକୁ କାର୍ଯ୍ୟକାରୀ କରାଇବେ। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କାମ କରୁଥିବା ବାଣିଜ୍ୟ ସଂସ୍ଥାଗୁଡିକୁ ଋଣ ଯୋଗାଣ ତ୍ୱରାନ୍ୱିତ କରାଯିବ। ସେହିଭଳି କୋଭିଡ୍ ଚିକିତ୍ସା ଖର୍ଚ୍ଚ କ୍ଷେତ୍ରରେ ଋଣ ସହାୟତା ଦେବା ଉପରେ ବ୍ୟାଙ୍କ କାର୍ଯ୍ୟ କରିବେ। ଆର୍‌ବିଆଇର ଋଣ ସମାଧାନ ପଦକ୍ଷେପ ୨.୦କୁ ନିରନ୍ତର ଲାଗୁ କରିବା ଲାଗି ବ୍ୟାଙ୍କ କାର୍ଯ୍ୟ କରିବେ। ଏଥିରେ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ରିଷ୍ଟ୍ରକ୍‌ଚର ବା ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସୂଚନା ମିଳିଛି।

ଆର୍‌ବିଆଇ ନିୟମ ଅନୁସାରେ ବ୍ୟାଙ୍କ କୋଭିଡ୍ ଲୋନ ବୁକ୍ ପ୍ରସ୍ତୁତ କରିବେ। ଭାକ୍ସିନ ମାନୁଫାକ୍‌ଚର, ହସ୍ପିଟାଲ, ଡିସପେନ୍‌ସାରି, ପାଥୋଲାବ୍, ମାନୁଫାକଚର, ଅକ୍ସିଜେନ ଯୋଗାଣକାରୀଙ୍କ ଭଳି କୋଭିଡ୍ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କାମ କରୁଥିବା ସଂସ୍ଥାଗୁଡିକୁ ଋଣ ସହାୟତା ଯୋଗାଣ କରାଯିବ। ନୂଆ ହେଲ୍‌ଥ ଫାସିଲିଟି ସ୍ଥାପନ, ସମ୍ପ୍ରସାରଣ ଏବଂ ହେଲ୍‌ଥକେୟାର ପ୍ରଡକ୍ଟ ମାନୁଫାକ୍‌ଚରିଂ ଲାଗି ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ, କୋଭିଡ୍ ଚିକିତ୍ସା ଲାଗି ବିଭିନ୍ନ ବର୍ଗରେ ୨୫ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ରିହାତି ସୁଧହାରରେ ଏହି ସବୁ ଋଣ ବ୍ୟାଙ୍କ ପ୍ରଦାନ କରିବେ।

## ୭ ଗ୍ରାମ୍ ବ୍ରାଉନସୁଗାର, ୨ ଲକ୍ଷ ଟଙ୍କା ଜବତ

### ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ, ମୁଖ୍ୟ ଅଭିଯୁକ୍ତ ଫେରାର

ଜଗତ୍‌ସିଂହପୁର ଅଫିସ, ୩୦।୫

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଲାଲାସାହିରୁ ରବିବାର ୭.୧୦ ଗ୍ରାମ୍ ବ୍ରାଉନସୁଗାର ସହ ୨,୧୦,୨୦୦ ଟଙ୍କା, ଗୋଟିଏ ବାଇକ୍ ନଂ. ଓଡି ୦୫ ଭି ୨୭୫୦ ଓ ଗୋଟିଏ ସ୍କୁଟି ନଂ. ଓଡି ୨୧ଏଚ୍ ୭୦୪୫କୁ ପୋଲିସ ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ୨ ଜଣଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ନିଆଳିର ବିଶ୍ୱଜିତ୍ ସିଂହ(୨୨) ଓ ଖୋର୍ଦ୍ଧା ଜିଲା ନରିଶୋ ପଞ୍ଚାୟତ ଶ୍ରୀରାମପୁର ଗାଁର ପ୍ରତାପ କୁମାର ରାଉତ (୨୨)। ଥାନାରେ ନଂ. ୨୫୯/୨୧ରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ବ୍ରାଉନସୁଗାର ଚୋରା କାରବାର ଚାଲିଥିବା ସମ୍ପର୍କରେ ବିଶେଷସୂତ୍ରରୁ ଖବରପାଇ ପୋଲିସ ଗୋପାଳସାଗରର ଲାଲାସାହିରେ ଚଢ଼ାଉ କରିଥିଲା। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ତାଙ୍କ ସ୍କୁଟି ଛାଡ଼ି ଖସି ପଳାଇ ଥିଲେ। ସ୍କୁଟି ଯାଞ୍ଚ କଲା ପରେ ସେଥିରୁ ୨ଲକ୍ଷ ୧୦ହଜାର ଟଙ୍କା ଜବତ କରାଯାଇଥିଲା। କିନ୍ତୁ ବାଇକ୍‌ରେ ଥିବା ୨ଜଣ ଧରା ପଡି ଯାଇଥିଲେ। ସେମାନଙ୍କ ନିକଟରୁ ୪୫ଟି ଛୋଟ ଜରି ପ୍ୟାକେଟ୍‌ରେ ଥିବା ୭.୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜରି ସହ ବ୍ରାଉନସୁଗାର ଓଜନ ୧୩.୫୦ ଗ୍ରାମ ଥିଲା। ତେବେ ପ୍ରତାପଙ୍କ ନିକଟରୁ ୩,୮୫୦ ଟଙ୍କା ଓ ଏକ ମୋବାଇଲ୍ ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରକ୍ରିୟା ଚାଲିଛି ବୋଲି ଆଇଆଇସି କହିଛନ୍ତି।

# ଓଡ଼ିଶା ପ୍ରତି ସମର୍ପିତ ଥିଲେ ଓଡ଼ିଆ ଶିଳ୍ପୀ

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ପୂର୍ବସଂଖ୍ୟାରେ ଯେଉଁ ଭେଣ୍ଟିଆ ଶିଳ୍ପୀଙ୍କ କଥା ଆଲୋଚନା କରିଥିଲୁ, ତାହା 'ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକ (୨ୟ ଭାଗ, ପୃ-୩୩୯)ରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବିଶେଷ ଭାବରେ ଆଲୋଚନା କରିଛନ୍ତି। x x x ସେମାନେ ଯୁଗପତ୍ ଯୋଦ୍ଧା ଓ ଶିଳ୍ପୀ ଉଭୟ କାର୍ଯ୍ୟରେ ନିପୁଣ ଥିଲେ। ଖଣିରୁ ପଥର ବାହାର କରିବା, ପଥରକୁ କୌଶଳକ୍ରମେ କୋଣାର୍କକୁ ବୋହିନେବା ଥିଲା ଏହି ଶ୍ରେଣୀର ଲୋକଙ୍କର କାର୍ଯ୍ୟ। କୋଣାର୍କର ପ୍ରତି ଖଣ୍ଡ ପଥରକୁ ଚିକ୍‌କଣ କରିବା ଅନ୍ୟ ଶ୍ରେଣୀ ଲୋକଙ୍କର କାର୍ଯ୍ୟ ଥିଲା। ଚାରିକୋଣିଆ ପଥର ଉପରେ ମୋଟା ବା ସରୁ କାମ କରିବା ଶିଳ୍ପୀଙ୍କର କାର୍ଯ୍ୟ। ଶିଳ୍ପୀଙ୍କ ଉପରେ ସେମାନଙ୍କର କାର୍ଯ୍ୟ ପରୀକ୍ଷା କରିବା ପାଇଁ 'ବିଶେଷଜ୍ଞ ଶିଳ୍ପୀ'ମାନେ ଥିଲେ। ଜୀବଜନ୍ତୁ, ଲତାପତ୍ର ଓ ମନୁଷ୍ୟ ମୂର୍ତ୍ତି ଗଢ଼ିବା ପାଇଁ 'ଭାସ୍କର'ମାନେ ନିଯୁକ୍ତ ଥିଲେ। ଏହି ନିର୍ମିତ ପ୍ରସ୍ତରଗୁଡ଼ାକୁ ମନ୍ଦିରର ବ୍ୟବହାର ପାଇଁ ସ୍ଥପତିମାନେ ନିଯୁକ୍ତ ଥିଲେ।

ଏହି ବର୍ଣ୍ଣନାକୁ ଅନୁଶୀଳନ କଲେ ସ୍ପଷ୍ଟ ଜଣାଯାଏ, 'ବାୟା ଚକଡ଼ା' ପୋଥିରେ ଠିକ୍ ଏହି କ୍ରମରେ ଶିଳ୍ପୀମାନେ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିଲେ। ଶିଳ୍ପୀ, ବିଶେଷଜ୍ଞ ଶିଳ୍ପୀ, ଭାସ୍କର ଓ ସ୍ଥପତି ମୁଖ୍ୟ ଭାବରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରୁଥିଲେ। ଭାସ୍କରମାନେ 'ଭାସ୍କର୍ଯ୍ୟ' ନିର୍ମାଣରେ ନିମଗ୍ନ ଥିବାବେଳେ ସ୍ଥପତିମାନେ ଅନ୍ୟ ତିନି ଶିଳ୍ପୀଙ୍କ ନିର୍ମିତ କାରୁକାର୍ଯ୍ୟକୁ ଶିଳ୍ପକଳା ପଦ୍ଧତି ଅନୁଯାୟୀ ମନ୍ଦିର ନିର୍ମାଣରେ ଲଗାଉଥିଲେ। ସ୍ଥପତିଙ୍କ ମଧ୍ୟରେ 'ମୁଖ୍ୟ ସ୍ଥପତି' ରହୁଥିଲେ। ବାୟା ଚକଡ଼ା ଭାଷାରେ 'ମୁଖ୍ୟ ସ୍ଥପତି'ଙ୍କୁ କୁହାଯାଉଥିଲା ସୂତ୍ରଧର।

ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱର ୫ମ ଅଙ୍କରେ (୧୨୪୦-୧୨୪୧ ମସିହା) ଅର୍କକ୍ଷେତ୍ରରେ ପରମ ସୂର୍ଯ୍ୟଦେବଙ୍କ ପାଇଁ ଏକ ରଥାକୃତିର ମନ୍ଦିର ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା। ଏହି ମନ୍ଦିର ଗଜପତିଙ୍କ ବିଜୟସ୍ମୃତିରେ ନିର୍ମିତ ହୋଇଥିଲା ବୋଲି ସ୍ପଷ୍ଟ ଲେଖାଯାଇଛି। ଗଜପତି ପ୍ରଥମେ ଲଙ୍କାପଡ଼ା ଶିବିରରେ ପହଞ୍ଚିଥିଲେ। ସାଙ୍ଗରେ ଥିଲେ ୨୪ ଜଣ ଅଧିକାରୀ ଓ ୮ ଜଣ ସାମନ୍ତ। ସେଠାରେ ୭୦୦ ଶିଳ୍ପୀ ଓ ୭ ଜଣ ଓଝା (କମାର) ଉପସ୍ଥିତ ଥିଲେ। ସେଠାରେ ଏକ ମଙ୍ଗଳାର୍ପଣ ବିଧି ହୋଇଥିଲା। ଏହି ବିଧି କରିଥିଲେ ପଣ୍ଡିତ ଭୁବନମୋହନ ପୁରୋହିତ ଓ ଭୁବନେଶ୍ୱର ରାଜଗୁରୁ। ସେମାନେ ପ୍ରଥମେ ମହାଶ୍ରମ (ଗଜପତି)ଙ୍କୁ ମହାପ୍ରଭୁଙ୍କ ଶ୍ରୀକାପଡ଼ା ପ୍ରସାଦ ରୂପେ ପ୍ରଦାନ କରିଥିଲେ। ଏଥିରୁ ଜଣାଯାଏ ମହାପ୍ରଭୁଙ୍କ ଆଜ୍ଞାରେ ହିଁ ପ୍ରଥମେ ମଙ୍ଗଳକାର୍ଯ୍ୟ ଆରମ୍ଭ ହୋଇଥିଲା।

ଗଜପତି ନିଜେ ମଙ୍ଗଳାର୍ପଣ ବିଧି ପରେ ୭୦୦ ଶିଳ୍ପୀଙ୍କୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରିଥିଲେ। ପ୍ରତ୍ୟେକ ଗୋଷ୍ଠୀରୁ ଜଣେ ଜଣେ ମୁଖ୍ୟ ବଛାଗଲେ। ତାଙ୍କ ମୁଣ୍ଡରେ ପଗଡ଼ିଟିଏ ବାନ୍ଧିଥିଲେ। ଶ୍ରୀଜଗନ୍ନାଥଙ୍କ ପରମ୍ପରାରେ ପଗଡ଼ି ବାନ୍ଧିବା ହିଁ ସ୍ୱୀକୃତି ଦେବା ଅର୍ଥରେ ଗ୍ରହଣ କରାଯାଏ। ଆଜିବି ଶାଢ଼ିବନ୍ଧା ସେବକଟିଏ ଶ୍ରୀମନ୍ଦିରରେ ସେବା ଆରମ୍ଭ କରିବାକୁ ଯିବାବେଳେ ମୁଣ୍ଡରେ ପଗଡ଼ି ସଦୃଶ ଶାଢ଼ି ବନ୍ଧାଯାଏ। ଗଜପତିଙ୍କ ପ୍ରତିନିଧି ଭାବରେ କାହା ମୁଣ୍ଡରେ କିଏ ଶାଢ଼ି ବାନ୍ଧିବ ତାହା ନିର୍ଦ୍ଦିଷ୍ଟ ଅଛି। ସେବା କରିବା ପାଇଁ ସେବକକୁ ସ୍ୱୀକୃତି ଦିଆଯାଏ ଶାଢ଼ିବନ୍ଧା ଯାଇ। ଏଇ ଶାଢ଼ି ମଧ୍ୟ ମହାପ୍ରଭୁଙ୍କ ପ୍ରସାଦ। ଏଥିପାଇଁ ଏକ ଶାଢ଼ିବନ୍ଧା ଉତ୍ସବ ମଧ୍ୟ କେହି କେହି କରୁଛନ୍ତି ଶ୍ରୀକ୍ଷେତ୍ରରେ।



ମହାପ୍ରଭୁଙ୍କ ଶ୍ରୀକାପଡ଼ା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଗଜପତି ନିଜେ ସେତେବେଳେ ସଦାଶିବ(ଶିବେଇ) ସାମନ୍ତରାୟ ମହାପାତ୍ରଙ୍କୁ ମୁଖ୍ୟ ସ୍ଥପତି ବା ସୂତ୍ରଧର ଭାବରେ ଘୋଷଣା କରିଥିଲେ। ଶିବେଇ ସାମନ୍ତରାୟଙ୍କ ମୁଣ୍ଡରେ ନିଜେ ପଗଡ଼ି ବାନ୍ଧିଥିଲେ। ଶିବେଇ ଅଧିକାର ପ୍ରାପ୍ତ ହେବାପରେ ସାତଜଣଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ମୁଣ୍ଡରେ ପଗଡ଼ି ବାନ୍ଧିଦେଇଥିଲେ। ସେହି ସାତ ଜଣଯାକ ଥିଲେ ଓଡ଼ିଆ। ତାଙ୍କର ସାଙ୍ଗିଆ ବି ଓଡ଼ିଆ। ତେବେ ବଙ୍ଗାଳୀ ଶିଳ୍ପୀ ଆସିଲେ କେଉଁଠୁ? ନଗେନ୍ଦ୍ର ନାଥ ବସୁ କେମିତି ଲେଖିଲେ ଯେ, ଯଦି କେଉଁଠି ବଙ୍ଗୀୟ ଶିଳ୍ପନୈପୁଣ୍ୟର ଉଜ୍ଜ୍ୱଳ ଉଦାହରଣ ଥାଏ, ତାହା ଏଇ ରବିକ୍ଷେତ୍ର ...? ବାହାରିଆ ପଣ୍ଡିତମାନେ କେତେ କୌଶଳରେ ଚତୁରପଣିଆରେ କଞ୍ଚା ମିଛକୁ ବର୍ଣ୍ଣନା କରିଗଲେ! ସେଇଥିପାଇଁ ପଦ୍ମଶ୍ରୀ ଆଚାର୍ଯ୍ୟଙ୍କ ମତ ଓଡ଼ିଶା ଐତିହ୍ୟର କିପରି ନିଦା ଆଲେଖ୍ୟ ତାହା ଆମେ ଅବତାରଣା କରିବା ସହିତ 'ବାୟା ଚକଡ଼ା'ର ବର୍ଣ୍ଣନାକୁ ସମାନ୍ତରାଳ ଭାବରେ ଉପସ୍ଥାପନ କଲୁ।

ଓଡ଼ିଆ ଶିଳ୍ପୀ ଆବଶ୍ୟକତା ଅନୁଯାୟୀ ସାମ୍ରାଜ୍ୟର ସୁରକ୍ଷାରେ ନିଜକୁ ସମର୍ପିତ କରୁଥିଲା। ଶିଳ୍ପୀମାନେ ରାଜ୍ୟ ଶାସନ ସହିତ ମଧ୍ୟ ଜଡ଼ିତ ଥିଲେ। 'ସାମନ୍ତରାୟ' ଏକ ରାଜପ୍ରଦତ୍ତ ଉପାଧି। ସେହିପରି 'ମହାପାତ୍ର' ମଧ୍ୟ ରାଜପ୍ରଦତ୍ତ ଉପାଧି। ଦୁଇଟିଯାକ ଉପାଧି ସଦାଶିବ (ଶିବେଇ)ଙ୍କର ଥିଲା। ସାମନ୍ତରାୟମାନେ ମନ୍ତ୍ରୀ ପରିଷଦରେ ସ୍ଥାନ ପାଉଥିଲେ। ସମ୍ମାନର ପାତ୍ର ଥିଲେ। ରାଜକାର୍ଯ୍ୟ ସହିତ ମୁଖ୍ୟ ସ୍ଥପତିର କାର୍ଯ୍ୟ ବି ତୁଲାଉଥିଲେ। ରାଜଦରବାରରେ ସେମାନଙ୍କର ଯଥେଷ୍ଟ ମର୍ଯ୍ୟାଦା ଥିଲା। ସେଇଥିପାଇଁ ତ ଜୀବନକୁ ଯେ ଜାତି ପାଇଁ ସେମାନେ ଉତ୍ସର୍ଗ କରିଯାଇଛନ୍ତି।



ରଥ ନିର୍ମାଣ ପୂର୍ବରୁ ଶ୍ରୀମନ୍ଦିର ତଢ଼ଉ କରଣ ବିଶ୍ୱକର୍ମାଙ୍କ ମୁଣ୍ଡରେ ଶାଢ଼ି ବାନ୍ଧୁଛନ୍ତି।

# ଗାଁ ଜଗିଛନ୍ତି ଯୁବତୀ

ପୋଲିସ କି ପ୍ରଶାସନ ନୁହେଁ, ଗାଁକୁ କରୋନା ମୁକ୍ତ ରଖିବା ଦାୟିତ୍ୱ ନେଇଛନ୍ତି କେତେଜଣ ଯୁବତୀ। ଗ୍ରାମବାସୀ ଏହି ଭୂତାଣୁ କବଳରେ ଯେପରି ନ ପଡ଼ନ୍ତି ସେଥିପାଇଁ କଠୋର ନିୟମ ମଧ କରିଛନ୍ତି। ଅତ୍ୟାବଶ୍ୟକ କାମ ଥିଲେ ହିଁ ଲୋକେ ବାହାରକୁ ଯାଉଛନ୍ତି। କରୋନା ସହ ମୁକାବିଲା ପାଇଁ ଏହି ଯୁବତୀଙ୍କ ଏଭଳି କାର୍ଯ୍ୟ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## ସଂକ୍ରମଣ ଭୟ




**ରାଞ୍ଚି:** ଲୋକଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବା ପାଇଁ ଜଗି ରହିଛନ୍ତି ଗାଁର ଯୁବତୀ। ଗାଁ ମୁଣ୍ଡରେ ପହରା ଦେଇ ଲୋକଙ୍କ ଯିବାଆସିବା ଉପରେ ନଜର ରଖୁଛନ୍ତି। ଆଉ ଗାଁରୁ ବାହାରକୁ ଯିବା ପାଇଁ କିମ୍ବା ଗାଁ ଭିତରକୁ ଆସିବା ପାଇଁ ତିଆରି କରିଛନ୍ତି କଠୋର ନିୟମ। ମହିଳାମାନଙ୍କର ଏଭଳି ସଚେତନତାର ଏକ ଦୃଶ୍ୟ ଦେଖିବାକୁ ମିଳିଛି ଝାଡ଼ଖଣ୍ଡ ରାଜଗଞ୍ଜ ଅଞ୍ଚଳର ଧାୱାଚିତା ପଞ୍ଚାୟତରେ ଥିବା ଦଲଦଲି ଗାଁରେ।

କରୋନା ଭୟରେ ଏବେ ଯଥାସମ୍ଭବ ସଚେତନ ହେବା ପାଇଁ ସମସ୍ତେ ଚେଷ୍ଟା ଚଳାଇଛନ୍ତି। ଖାସ୍ ଏଇଥିପାଇଁ ଏବେ ଆଦିବାସୀ ବହୁଳ ଦଲଦଲି ଗାଁର ଲୋକଙ୍କୁ କରୋନାଠାରୁ ଦୂରେଇ ରଖିବା ପାଇଁ ଆଗେଇ ଆସିଛନ୍ତି ସେହି ଗାଁର ଯୁବତୀମାନେ। ଗାଁର ପ୍ରାୟ ୬୦ ଘରେ ୬୦୦ ଆଦିବାସୀ ପରିବାର ଅଛନ୍ତି। କିନ୍ତୁ ଏବେ ଗାଁ ମୁଣ୍ଡରେ ପ୍ରତି ମୁହୂର୍ତ୍ତରେ ଗାଁର ଯୁବତୀମାନେ ଲୋକଙ୍କ ଯିବାଆସିବା ଉପରେ ନଜର ରଖିବା ପାଇଁ ଜଗି ବସିଛନ୍ତି। ଗାଁ ଚାରିପଟେ ବହୁ ସଂଖ୍ୟାରେ ନିମ୍ବ ଏବଂ ଅଶ୍ୱତ୍ଥ ଗଛ ରହିଛି। ଏହା ସହିତ ଗାଁକୁ ଜଗି ରହିଥିବା ଯୁବତୀମାନେ ଗାଁ ଲୋକଙ୍କର ବାହାରକୁ ଯିବାରେ କଟକଣା ଲଗାଇଛନ୍ତି। କେହି ବାହାରକୁ ଯିବାକୁ ଚାହୁଁଥିଲେ ସେମାନଙ୍କୁ ନିର୍ଦ୍ଦିଷ୍ଟ କାରଣ ଦେଖାଇବାକୁ ପଡ଼ିଥାଏ। ଏହା ସହିତ ଫେରିବା ବେଳକୁ ପ୍ରଥମେ ଗାଁ ମୁଣ୍ଡରେ ରହିଥିବା କୂଅରେ ସ୍ନାନ କରି ଗାଁ ଭିତରକୁ ଯିବାକୁ ପଡ଼ିଥାଏ। ସେହିପରି ଅନ୍ୟ ଗାଁରୁ କେହି ଆସିବାକୁ ଚାହୁଁଥିଲେ ଯୁବତୀମାନେ ତାଙ୍କୁ ଆସିବାର କାରଣ ପଚାରିଥା'ନ୍ତି। ନିହାତି ଆବଶ୍ୟକ ଥିଲେ ସେମାନଙ୍କୁ ବି ପ୍ରଥମେ ସ୍ନାନ କରି ଗାଁ ଭିତରକୁ ଯିବାକୁ ଅନୁମତି ଦିଅନ୍ତି। ଏହାଛଡ଼ା ଯୁବତୀମାନେ ସରକାରୀ ଗାଇଡ୍‌ଲାଇନ ଅନୁସାରେ ଗାଁର ସବୁ ଲୋକଙ୍କୁ ଚଳିବା ପାଇଁ ବୁଝାଇଥାନ୍ତି। ଗାଁରେ ପ୍ରତି ପରିବାରରୁ ଜଣେ ପ୍ରତି ଶନିବାର କେବଳ ହାଟରୁ ଜିନିଷପତ୍ର କିଣିବାକୁ ଯାଇଥା'ନ୍ତି। ଏହା ବ୍ୟତୀତ ଗାଁ ଭିତରେ ଥିବା ଦୋକାନରୁ ନିହାତି ଆବଶ୍ୟକ ହେଲେ ଅନ୍ୟ ଜିନିଷ କିଣିଥା'ନ୍ତି। ଏଥିପାଇଁ ଏବେ ଏହି ଗାଁର ଲୋକେ କରୋନା ସଂକ୍ରମଣରୁ ରକ୍ଷା ପାଇଛନ୍ତି। ତେବେ ଗାଁ ମୁଣ୍ଡରେ ଜଗି ରହିବା ପାଇଁ ଯୁବତୀମାନେ ପରସ୍ପର ମଧ୍ୟରେ ଆଲୋଚନା କରି ପାଳି ଯୋଗେ ସବୁ ମୁହୂର୍ତ୍ତରେ ଜଗି ଲୋକଙ୍କୁ କରୋନା କଟକଣା ପାଳନ କରାଉଛନ୍ତି।

# କନ୍‌ଷ୍ଟ୍ରକଶନ୍ କାମ କରୁଛନ୍ତି ଶିଳ୍ପା



କରୋନା ସଂକ୍ରମଣ ଯୋଗୁ ବ୍ୟାପକ ଭାବେ ପ୍ରଭାବିତ ହୋଇଛି ମନୋରଞ୍ଜନ ବା ଏଣ୍ଟରଟେନମେଣ୍ଟ ଇଣ୍ଡଷ୍ଟ୍ରି। ଶୁଟିଂ ବନ୍ଦ ହୋଇଥିବାରୁ ଅନେକ କଳାକାରଙ୍କ ଜୀବନ ଉପରେ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ବିଶେଷ କରି ଟେଲି କଳାକାରଙ୍କ ଜୀବିକା ଏଥିଯୋଗୁ ଦୋହଲି ଯାଇଛି, ଯାହା ନିକଟରେ ବିଗ୍ ବସ୍-୧୧ର ବିଜେତା ଶିଳ୍ପା ଶିନ୍ଦେଙ୍କ କ୍ଷେତ୍ରରେ ମଧ ଦେଖିବାକୁ ମିଳିଛି। ନିକଟରେ ଶିଳ୍ପା ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ଏକ କୁର୍ତ୍ତି-ଜିନ୍ସ ସହ ଟୋପି ପିନ୍ଧି ଏକ ଡ୍ରିଲ୍ ମେଶିନ ଧରି କନ୍‌ଷ୍ଟ୍ରକଶନ ସାଇଟ୍‌ରେ କାମ କରୁଥିବା ଦେଖିବାକୁ ମିଳିଛି। କଷ୍ଟକର ସମୟରେ ସଭିଏଁ ସକାରାତ୍ମକ ରହିବାକୁ ସେ ଏଥିରେ ବାର୍ତ୍ତା ଦେଇଛନ୍ତି। ଭିଡିଓ କ୍ୟାପସନ୍‌ରେ ସେ ଲେଖିଛନ୍ତି, 'ଲକ୍‌ଡାଉନ ହୋଇଯାଇଥିବାରୁ କନ୍‌ଷ୍ଟ୍ରକ୍‌ଶନ କାମ କରୁଛି। ଯାହାଙ୍କ ପାଖରେ ଏବେ କୌଣସି କାମ ନାହିଁ ସେମାନେ ନିଜ ନିଜର କ୍ଷେତ୍ର ପରିବର୍ତ୍ତନ କରି ଅନ୍ୟ କାର୍ଯ୍ୟ କରିପାରିବେ। ସମୟ ସବୁ କିଛି ଠିକ୍ କରିଦେବ। ସକାରାତ୍ମକ ରୁହନ୍ତୁ।' ତାଙ୍କର ଏପରି ଭିଡିଓ ଦେଖି ପ୍ରଶଂସକମାନେ ତାଙ୍କୁ ସମର୍ଥନ ଜଣାଇ କମେଣ୍ଟ କରିଛନ୍ତି। ହିନ୍ଦୀ କମେଡି ସିରିଏଲ 'ଭାବିଜୀ ଘର୍ ପର୍ ହୈ'ରେ 'ଅଙ୍ଗୁରୀ ଭାବି' ଚରିତ୍ରରେ ଶିଳ୍ପାଙ୍କ ଅଭିନୟ ଦର୍ଶକଙ୍କୁ ପସନ୍ଦ ଆସିଛି। ଏହାସହ ଶିଳ୍ପା ଆନ୍ଧୀ, ଆବାଜ୍ ଦିଲ୍ ସେ ଦିଲ୍ ତକ୍, ଭାବି, ହାତିମ୍, ସଞ୍ଜୀବନୀ, ବେଟିୟାଁ ଅପନୀ ୟା ପରାଇ ଧନ୍, ସୋଲା ଶୃଙ୍ଗାର, ମାୟେକା ଆଦି ଶୋ'ରେ ଅଭିନୟ କରିଛନ୍ତି।



# ଚର୍ଚ୍ଚିତ ବ୍ରେକ୍‌ଫାଷ୍ଟ


**ନୂଆଦିଲ୍ଲୀ:** ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନା ମାରିନ୍‌ଙ୍କ ବ୍ୟୟବହୁଳ ଜଳଖିଆକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଏହି ମହିଳା ପ୍ରଧାନମନ୍ତ୍ରୀ ଜଣକ ସରକାରୀ ପାଣ୍ଠିର ଅପବ୍ୟବହାର କରି ପ୍ରାତଃ ଭୋଜନରେ ପରିବାର ସଦସ୍ୟଙ୍କ ଲାଗି ବିପୁଳ ଅର୍ଥ ବ୍ୟୟ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ସାନା ବ୍ରେକ୍‌ଫାଷ୍ଟରେ ପ୍ରତିମାସରେ ହାରାହାରି ସାଢ଼େ ୨୬ ହଜାର ଟଙ୍କା ଖର୍ଚ୍ଚ କରୁଥିବା ସେମାନେ କହିଛନ୍ତି। ଅନ୍ୟପଟେ ଟୁଇଟରରେ ବିରୋଧୀଙ୍କ ଏପରି ଅଭିଯୋଗର ସ୍ପଷ୍ଟୀକରଣ ରଖିଛନ୍ତି ସାନା। ତେବେ ସାନାଙ୍କ ଏହି ଜଳଖିଆ ଖର୍ଚ୍ଚ ଅନ୍ୟ ଦେଶରେ ମିଳୁଥିବା ଦାମୀ ବ୍ରେକ୍‌ଫାଷ୍ଟ ତୁଳନାରେ କିଛି ନୁହେଁ ବୋଲି ଅନେକେ ମତ ଦେଇଛନ୍ତି।

ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଆବୋଟ୍ ନିଜର କାର୍ଯ୍ୟକାଳ ସମୟରେ ଯେଉଁ ଜଳଖିଆ ବରାଦ କରିଥିଲେ, ତାହା ପୃଥିବୀର ସବୁଠାରୁ ମହଙ୍ଗା ଜଳଖିଆ ବୋଲି ବିଚାର କରାଯାଏ। ଟୋନିଙ୍କ ଏହି ଜଳଖିଆ ଥିଲା ଏକ ଟ୍ରେ' ଭର୍ତ୍ତି ଆମ୍ବ, ଯାହାର ଆନୁମାନିକ ମୂଲ୍ୟ ଥିଲା ୨୭ ଲକ୍ଷ ଟଙ୍କା। ଋତୁର ପ୍ରଥମ ଏହି ଆମ୍ବର ମାଲିକ ଥିଲେ ସାମ୍ କୋକୋ। ହେଲେ ସବୁତକ ଆମ୍ବ ଆବୋଟ ଖାଇ ନ ଥିଲେ। ଏହାର ପରଦିନ ଏକ ହସ୍ପିଟାଲର ଶିଶୁ ଅନ୍ତେବାସୀଙ୍କୁ ଆମ୍ବ ବାଣ୍ଟି ଦିଆଯାଇଥିଲା। ଦୈନନ୍ଦିନ ଜୀବନରେ ଏଭଳି ଦାମୀ ଜଳଖିଆ ସାମିଲ କରିବାକୁ ନେଇ ବିବାଦ ଘେରରେ ରହିଥିଲେ ଟୋନି।

କିଛି ବର୍ଷ ତଳେ ନ୍ୟୁୟର୍କର ଟିଫନୀରେ ସ୍ୱତନ୍ତ୍ର ଜଳଖିଆ ପରସା ଯାଉଥିଲା, ଯାହାର ମୂଲ୍ୟ ହାରାହାରି ୨୭ ଲକ୍ଷ ଟଙ୍କା ଥିଲା। ସାଧାରଣ ଭାବେ ନାମୀଦାମି କଳାକାରମାନେ ଏଠାକୁ ଆସି ଜଳଖିଆର ମଜା ନେଉଥିଲେ। ଏହି ଜଳଖିଆରେ ଖାଇବାଯୋଗ୍ୟ ସୁନା, ରୁପାର ମୂଲ୍ୟବାନ ପତଳା ଜରି ଲଗାଯାଉଥିଲା। ଏଥିସହିତ ପୃଥିବୀର ସବୁଠାରୁ ମହଙ୍ଗା କଫି ସାଙ୍ଗକୁ ସାମ୍ପେନ ମଧ ପରସାଯାଉଥିଲା।

୨୦୧୪ରେ ଆମେରିକୀୟ ଡୋନଟ୍ କମ୍ପାନୀ 'କ୍ରସ୍‌ପି କ୍ରିମ୍' ବ୍ରିଟେନରେ ସବୁଠାର ମହଙ୍ଗା ବ୍ରେକ୍‌ଫାଷ୍ଟ ବିକ୍ରି କରିଥିଲା। ଏହି ସ୍ୱତନ୍ତ୍ର ଖାଦ୍ୟରେ ଚକୋଲେଟ ବଦଳରେ ଉଚ୍ଚମାନର ସାମ୍ପେନ୍ ଭର୍ତ୍ତି କରାଯାଇଥିଲା। ଏଥିସହ ୨୪ କ୍ୟାରେଟ ସୁନା ଜରିରେ ସଜାଯାଇଥିଲା। ଏଥିରେ ଖାଇବାଯୋଗ୍ୟ ସୁନା ଏବଂ ହୀରାର ଡଷ୍ଟ ସିଞ୍ଚନ କରାଯାଇଥିଲା। ଅନୁରୂପ ଭାବେ ମେନ୍‌ହଟନର ଏକ ଲୋକପ୍ରିୟ ରେଷ୍ଟୁରାଣ୍ଟରେ ୭୨ ହଜାର ଟଙ୍କାରେ ଏକ ଅଣ୍ଡା ଆମ୍‌ଲେଟ ବିକ୍ରି କରାଯାଇଥିଲା। ଏହାକୁ ଦୁନିଆର ମହଙ୍ଗା ବ୍ରେକ୍‌ଫାଷ୍ଟ ଭିତରେ ପରିଗଣିତ କରାଯାଏ। ଚାହିଦା ବଢ଼ିବା ପରେ ଏହାର ଆକାର ଛୋଟ କରାଯାଇ ବିକ୍ରି କରାଯାଇଥିଲା, ଯାହାର ଦାମ୍ ୭୨୦୦ ଟଙ୍କା ଥିଲା।

# କପ୍‌ରେ ପରିସ୍ରା କଲେ ଏମ୍‌ପି




## ଚାଲିଥିଲା ପାର୍ଲାମେଣ୍ଟ ଅଧିବେଶନ

ଟରୋଣ୍ଟୋ: କାନାଡାରେ ହାଉସ୍ ଅଫ୍ କମନ୍ସର ଭର୍ଚୁଆଲ ପାର୍ଲାମେଣ୍ଟ ଅଧିବେଶନ ଚାଲୁଥିବା ସମୟରେ ଏମ୍‌ପି ୱିଲିୟମ ଏମୋସ୍ କଫି କପ୍‌ରେ ପରିସ୍ରା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କ୍ୟାମେରା ସାମ୍ନାରେ ସେ କପ୍‌ରେ ପରିସ୍ରା କରିବାବେଳେ ସଭିଏଁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏମ୍‌ପି ୱିଲିୟମ ଏହା ପୂର୍ବରୁ ଆଉ ଏକ ବୈଠକ ଚାଲିଥିବାବେଳେ କ୍ୟାମେରା ସମ୍ମୁଖରେ ଉଲଗ୍ନ ହୋଇ ଚାଲିଆସିଥିଲେ। ଦ୍ୱିତୀୟ ବୈଠକରେ ମଧ ତାଙ୍କର ଏପରି କାର୍ଯ୍ୟ ଦେଖିବାକୁ ମିଳିଛି। ବୈଠକରେ ଯୋଡ଼ି ହୋଇଥିବା ସମସ୍ତ ସଦସ୍ୟ ଏଥିପାଇଁ ଲଜ୍ଜିତ ହୋଇଥିଲେ। ଏଥିପାଇଁ ୱିଲିୟମ କ୍ଷମା ପ୍ରାର୍ଥନା କରିଛନ୍ତି। କରୋନା ସଂକ୍ରମଣ ଯୋଗୁ ହାଉସ୍ ଅଫ୍ କମନ୍ସର ଡିଜିଟାଲ ମିଟିଂ ଚାଲିଥିଲା। ୱିଲିୟମ କ୍ୟାମେରା ଅନ୍ ଥିବା ସମୟରେ କଫି କପ୍‌ରେ ପରିସ୍ରା କରିବା ଦୃଶ୍ୟକୁ ଅନ୍ୟମାନେ ଲାଇଭ୍ ଦେଖିଥିଲେ। ଏ ନେଇ ୱିଲିୟମ ଟୁଇଟ୍ କରି ଲେଖିଛନ୍ତି, ବୈଠକରେ ଯାହା ଘଟିଥିଲା ତାହା ତାଙ୍କ ଅଜାଣତରେ ହୋଇଛି। ତାଙ୍କୁ ଜଣା ନ ଥିଲା ଯେ ତାଙ୍କ କ୍ୟାମେରା ଅନ୍ ଅଛି। ଏଥିପାଇଁ ସେ ସମସ୍ତଙ୍କୁ କ୍ଷମା ମାଗୁଛନ୍ତି ବୋଲି ଟୁଇଟ୍‌ରେ କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସି ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିପାରେ। ସୋମବାର ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୮.୧ |
| ଚାନ୍ଦବାଲି | ୩୪.୭ | ୨୭.୧ |
| କଟକ | ୩୫.୮ | ୨୭.୬ |
| ପାରାଦୀପ | ୩୨.୫ | ୨୯.୨ |
| ଭୁବନେଶ୍ୱର | ୩୬.୬ | ୨୮.୭ |
| ଗୋପାଳପୁର | ୩୪.୦ | ୨୭.୮ |
| ପୁରୀ | ୩୩.୬ | ୨୯.୬ |
| ଅନୁଗୋଳ | ୩୮.୧ | ୨୭.୦ |
| ବାରିପଦା | ୩୪.୪ | ୨୫.୫ |
| ଝାରସୁଗୁଡ଼ା | ୩୭.୬ | ୨୪.୮ |
| କେନ୍ଦୁଝର | ୩୪.୮ | ୨୫.୦ |
| ସମ୍ବଲପୁର | ୩୯.୮ | ୨୭.୪ |
| ସୁନ୍ଦରଗଡ଼ | – | ୨୩.୦ |
| ହୀରାକୁଦ | ୩୯.୧ | ୨୫.୮ |
| ତାଳଚେର | ୩୮.୨ | ୨୭.୦ |
| ଭବାନୀପାଟଣା | ୪୧.୫ | ୨୯.୨ |
| ବଲାଙ୍ଗୀର | ୪୧.୨ | – |
| କୋରାପୁଟ | ୩୫.୦ | ୨୧.୨ |
| ଫୁଲବାଣୀ | ୩୮.୦ | – |
| ଟିଟିଲାଗଡ଼ | ୪୨.୦ | ୨୬.୮ |
| ମାଲକାନଗିରି | ୪୧.୦ | ୨୬.୦ |
| ସୋନପୁର | ୪୦.୬ | ୨୭.୨ |
| ଦାରିଙ୍ଗିବାଡ଼ି | ୩୫.୫ | ୨୨.୫ |
| ନୟାଗଡ଼ | ୩୭.୭ | – |
| ବୌଦ୍ଧ | ୪୦.୦ | ୨୪.୦ |
| ଛତ୍ରପୁର | ୩୪.୨ | ୨୭.୮ |
| ପାରଳାଖେମୁଣ୍ଡି | ୩୬.୦ | ୨୫.୫ |
| ରାୟଗଡ଼ା | – | ୨୫.୨ |

ଡିଗ୍ରୀ ସେଲ୍‌ସିୟସ୍

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡଭାନ୍ସ ନେଉନୁ, ଧୋକା ଦେଉନୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପୁଅର ଡିଗ୍ରୀରେ ମାଧୁରୀଙ୍କ ଖୁସି

ମୁମ୍ବାଇ: ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ମାଧୁରୀ ପ୍ରାୟତଃ ତାଙ୍କ ପରିବାରର ଫଟୋ ଏବଂ ଚଳଚ୍ଚିତ୍ର ସମ୍ପର୍କୀୟ ତଥ୍ୟ ତାଙ୍କ ପ୍ରଶଂସକଙ୍କ ସହ ଶେୟାର କରନ୍ତି। ନିକଟରେ ମାଧୁରୀ ଦୀକ୍ଷିତ ତାଙ୍କ ଖୁସିର ମୁହୂର୍ତ୍ତ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ଏବଂ ତାଙ୍କ ସ୍ୱାମୀ ଶ୍ରୀରାମ ନେନେ ଏକ ଫଟୋ ଅପ୍‌ଲୋଡ୍ କରିଛନ୍ତି। ତାଙ୍କ ବଡ଼ ପୁଅ ଆରିନ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଏହି ଫଟୋଟି ନିଆଯାଇଛି। ମାଧୁରୀ ଦୀକ୍ଷିତ ତାଙ୍କ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ସେ ଫଟୋ ସହିତ ଲେଖିଛନ୍ତି, ରାମ ଏବଂ ମୋ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ, କାରଣ ଆରିନ ସ୍ନାତକ ହାସଲ କରିଛନ୍ତି। ଏଥିପାଇଁ ଆରିନଙ୍କୁ ଅଭିନନ୍ଦନ।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲୋକନାଥ ମହାନ୍ତି
ପୂର୍ବତନ ଉପସଚିବ, କୃଷି ବିଭାଗ, ଓଡ଼ିଶା ସରକାର
ପ୍ଲଟ୍ ନଂ: ୨୦୧/୧୦, ୟୁନିଟ୍-୯, ଭୁବନେଶ୍ୱର
ଆବିର୍ଭାବ :୨୧.୦୨.୧୯୩୮
ତିରୋଧାନ :୨୧.୦୫.୨୦୨୧
ଜନ୍ମ ସହ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଆପଣ କେବେ ଆସିଲେ ଏବଂ କେବେ ଚାଲିଗଲେ ସେ ୮୩ ବର୍ଷର କର୍ମମୟ ଜୀବନକାଳ ସେସବୁର କଥା କହୁଛି। ଆପଣଙ୍କ ଅବାଞ୍ଛିତ ବିୟୋଗରେ ଆମେ ସମସ୍ତେ ଭାଙ୍ଗିପଡ଼ିଛୁ। ଆପଣଙ୍କ କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆପଣଙ୍କୁ ସବୁଦିନ ସମସ୍ତଙ୍କ ପାଖରେ ଅବିସ୍ମରଣୀୟ କରି ରଖିବ। ଆପଣଙ୍କ କାର୍ତ୍ତି କାଳଜୟୀ ହେଉ। ପ୍ରଭୁ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
ଶୋକସନ୍ତପ୍ତ:- ପତ୍ନୀ- ବୀଣାପାଣି ମହାନ୍ତି, ଜ୍ୱାଇଁ- ପ୍ରକାଶ ଚନ୍ଦ୍ର ଦାସ, ଝିଅ- ଧରିତ୍ରୀ ଦାସ, ଜ୍ୱାଇଁ- ମନୋଜ ମହାନ୍ତି, ଝିଅ- ଭାରତୀ ମହାନ୍ତି, ନାତି- ପ୍ରତୀକ ଦାସ, ନାତୁଣୀବୋହୂ- ବାସବଦତ୍ତା ପଟ୍ଟନାୟକ, ନାତୁଣୀ- ସମୀକ୍ଷା ମହାନ୍ତି।
ଗୋପବନ୍ଧୁନଗର କଲଚରାଲ ଆସୋସିଏସନ ଏବଂ ସୁଧାନିଧୀଶ୍ୱର ସାଂସ୍କୃତିକ ଅନୁଷ୍ଠାନ
ଧ-୨୦୮୦୭

ସପ୍ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହରିପ୍ରିୟା ମହାନ୍ତି
Qrs No.- IVR-PF-19, Unit-6, BBSR
ଆବିର୍ଭାବ: ଅଗଷ୍ଟ,୧୯୪୬
ତିରୋଧାନ: ୨୦।୦୫।୨୦୧୪
(ଜ୍ୟେଷ୍ଠ କୃଷ୍ଣଷଷ୍ଠୀ ଶ୍ରବଣା ନକ୍ଷତ୍ର)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୦୮୦୫

In Loving Memory



Er. Umesh Chandra Dhall
(Electrical Engineer)
Jubuli Town, Dhenkanal
With profound grief we inform that our dear Er. Umesh Chandra Dhall has passed away on the day of Akshya Tritiya, 15th of May 2021. You will always be remembered for your kindness, love, care and purity of heart. He will always remain in the hearts of all of his family members, friends, and well wishers. Your prayer to the Almighty will bring eternal peace and to rest his soul in the abode of God for ever.
IN GRIEF :
His Spouse Manjulata Dhall & their family members and friends.
ଧ-୭୧୧୦୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଉମେଶ ଚନ୍ଦ୍ର ଦାସ
ତଳମାଳି ସାହି, ପୁରୀ
ଆବିର୍ଭାବ: ୨୯।୧୦।୧୯୪୧
ତିରୋଧାନ: ୨୧।୦୫।୨୦୨୧
ଆପଣଙ୍କର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୮୧୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଅପର୍ତ୍ତି ପାତ୍ର
ଧବଳଗିରି, ମାଳିସାହି, ଯାଜପୁର ରୋଡ୍, ଯାଜପୁର
ଆବିର୍ଭାବ: ୧୫।୦୩।୧୯୫୦
ତିରୋଧାନ: ୦୧।୦୬।୨୦୨୦
ପିତା ଧର୍ମଃ ପିତା ସ୍ୱର୍ଗ ପିତା ହି ପରମ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିଅନ୍ତି ସର୍ବ ଦେବତା ॥
ଆମ ସମସ୍ତଙ୍କୁ ଅଧାବାଟରେ ଛାଡ଼ି ସବୁଦିନ ପାଇଁ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା, ଉପଦେଶ ସବୁଦିନ ଆମ୍ଭମାନଙ୍କ ପାଇଁ ଅଭୁଲା ସ୍ମୃତିହୋଇ ରହିଥିବ। ତୁମର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ରହିଥାଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ତ୍ରୀ: ସୁଭଦ୍ରା, ପୁଅ: ସମୀର, ଅମୀର, ବୋହୂ: ଶୈଳବାଳା, ସୁଲୋଚନା, ନାତି: ରାଜେଶ, ନାତୁଣୀ: ସୁନିତା, ଅମିଷା ଏବଂ ଆଲିଷା
ଧ-୨୦୮୦୮


# ଫଙ୍ଗସ୍ : ଆଉ ଏକ ମହାମାରୀ



ଡା. ଶୁଭବ୍ରତା ପରିଡ଼ା

ଦୁଇ ହଜାର ମସିହା ଆରମ୍ଭରୁ କେବଳ ଆମେ ଓଡ଼ିଶାବାସୀ ଏହି କୋଭିଡ୍-୧୯କୁ ସହ୍ୟ କରି ଚାଲିଛୁ। ବହୁତ ଜଣ ନିଜର ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ହରାଇ ସାରିଲେଣି। ପ୍ରଥମ ଲହର ପରେ ଦ୍ୱିତୀୟ ଲହର କମିବାକୁ ବସିଲାଣି। କିନ୍ତୁ ଏବେଠୁ ଆମେ ତୃତୀୟ ଲହରକୁ ବି ଅନେଇ ବସିଲୁଣି। ଏପରି କି ତୃତୀୟ ଲହର ଆସିବାଟା ନିଶ୍ଚିତ ବୋଲି ବିଶେଷଜ୍ଞମାନେ ମତ ଦେଇ ସାରିଲେଣି। ଗୋଟିଏ ଆଶ୍ୱାସନାର ବିଷୟ ହେଲା, ବହୁମାତ୍ରାରେ ଲୋକ ସୁସ୍ଥ ହେଉଛନ୍ତି। କିଛି ଚିକିତ୍ସା ପରେ, କିଛି ବିନା ଚିକିତ୍ସାରେ ମଧ୍ୟ। ଟିକାକରଣ ମଧ୍ୟ ପୂରାଦମ୍‌ରେ ଚାଲିଛି।





ଏବେ ଦ୍ୱିତୀୟ ଲହର ବେଳକୁ କିଛି ରାଜ୍ୟରେ ବହୁମାତ୍ରାରେ ଫଙ୍ଗସ୍ ସଂକ୍ରମଣ ଦେଖାଦେଇଛି। କେବଳ ସେତିକି ନୁହେଁ, ତାହା ବିଶେଷଜ୍ଞଙ୍କ ସହ ସାଧାରଣ ଲୋକଙ୍କୁ ମଧ୍ୟ ବିବ୍ରତ କରିଛି। ସାଧାରଣତଃ ଫଙ୍ଗସ୍ ଦୁଇ ପ୍ରକାର ଥାଏ-ଇଷ୍ଟ ଏବଂ ମୋଲ୍ଡ। ଏହା ସବୁଆଡ଼େ ଥାଏ- ବାୟୁରେ, ମାଟିରେ। ଆପଣମାନେ ଦେଖିଥିବେ, ଯଦି ରୁଟି, ପାଉଁରୁଟି କିଛି ବି ଖାଦ୍ୟ ବାହାରେ ଦିନେ ଦୁଇଦିନ ରଖିଦେଉଛନ୍ତି ; ଅଥବା କୌଣସି ଓଦା ଜାଗାରେ ବି ଫଙ୍ଗସ୍ (ଫିମ୍ପି) ଲାଗିଯାଉଛି। କୋଭିଡ୍-୧୯ ଭାଇରସ୍ ଭଳି ଫଙ୍ଗସ୍ ନୂଆ ଜୀବାଣୁ ନୁହେଁ। ଏହା ଆମ ସଙ୍ଗେ ସବୁବେଳେ ରହିଛି। ଯଦି କୌଣସି କାରଣରୁ, କୌଣସି ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଏ, ଯେମିତି ଅଙ୍ଗପ୍ରତ୍ୟଙ୍ଗ ପ୍ରତ୍ୟାରୋପଣ, ଶରୀରରେ କେତେକ ଅଙ୍ଗ ଏକାଥରେ ଅକାମୀ ହୋଇଗଲେ, କ୍ୟାନ୍‌ସର ରୋଗୀ କେମୋଥେରାପି ନେଉଥିଲେ, ବହୁତ ଦିନ ଧରି ଜଣେ ରୋଗୀ ଆଇସିୟୁ ଭିତରେ ରହୁଥିଲେ, ଉଚ୍ଚ ରକ୍ତଚାପ ଅଧିକ ବଢ଼ିଗଲେ, ଅକ୍ସିଜେନ୍ ଲାଗିଲେ କିମ୍ବା ହାଇ ଡୋଜ୍ ଷ୍ଟେରଏଡ୍ ନେଲେ- ଏହି ରୋଗୀମାନଙ୍କ ନିକଟରେ ଫଙ୍ଗାଲ ସଂକ୍ରମଣ ଆଶଙ୍କା ଅଧିକ ଥାଏ। ଏହି ସଂକ୍ରମଣ ଦ୍ୱାରା ଆଖି, ନାକ, ମସ୍ତିଷ୍କ, ଫୁସ୍‌ଫୁସ୍ ଇତ୍ୟାଦି ପ୍ରଭାବିତ ହୋଇଥାଏ। ପୂର୍ବରୁ ଏହାର ସଂକ୍ରମଣ ମାତ୍ରା କମ୍ ଥିଲା। ହେଲେ କରୋନାର ଦ୍ୱିତୀୟ ଲହର ପରେ କିଛି ରାଜ୍ୟରେ ଏହା ଅଧିକ ମାତ୍ରାରେ ଦେଖାଦେଇଛି। କିନ୍ତୁ ଡରିବାର କିଛି ନାହିଁ। ଏହି ରୋଗରୁ ଜଣେ ଆରୋଗ୍ୟ ଲାଭ କରିପାରିବ, କାରଣ ଏହି ରୋଗୀର ଚିକିତ୍ସା ପଦ୍ଧତି ଓ ଔଷଧ ରହିଛି। କିନ୍ତୁ ଏହାର ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଏବେ ଫଙ୍ଗସ୍‌ର ପ୍ରକାର ଭେଦ- ବ୍ଲାକ୍, ହ୍ୱାଇଟ୍, ୟେଲୋ ଇତ୍ୟାଦି ବିଷୟରେ ଆପଣମାନେ ଶୁଣୁଛନ୍ତି। ଏହା କେବଳ ଫଙ୍ଗସ୍‌ର ପ୍ରକାର ଭେଦ, ହେଲେ ଚିକିତ୍ସା ପ୍ରଣାଳୀ ସମାନ। ଏବେ କରୋନା ଦ୍ୱାରା ଆକ୍ରାନ୍ତ ହେବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ବହୁତ କମିଯାଉଛି। ଯେଉଁ ବ୍ୟକ୍ତିମାନଙ୍କର ଡାଇବେଟିସ୍ ନିୟନ୍ତ୍ରଣରେ ରହୁନାହିଁ, ଅନ୍ୟାନ୍ୟ ଗୁରୁତର ରୋଗ ସହ ଆକ୍ରାନ୍ତ ଏବଂ ହାଇ ଷ୍ଟେରଏଡ୍ ନେଉଛନ୍ତି, ସେମାନଙ୍କୁ ଏହି ଫଙ୍ଗସ୍ ସାଙ୍ଗେ ସାଙ୍ଗେ ଆକ୍ରମଣ କରୁଛି। ଆମ ପାଖରେ ଏହାର ସଠିକ ଚିକିତ୍ସା ପ୍ରଣାଳୀ ଉପଲବ୍ଧ ରହିଛି। ତେଣୁ ଏପରି ଫଙ୍ଗସ୍ ସଂକ୍ରମଣର ଶିକାର ହେଲେ ଆଦୌ ଭୟଭୀତ ନ ହୋଇ ଚିକିତ୍ସା କରାଇପାରିଲେ ଆପଣ ଆରୋଗ୍ୟଲାଭ କରିପାରିବେ।

**ଲକ୍ଷଣ:** ଫଙ୍ଗସ୍ ସଂକ୍ରମଣର କେତେକ ଲକ୍ଷଣ ରହିଛି। ଏସବୁ ସଂକ୍ରମଣର ଆରମ୍ଭରେ ହିଁ ଦେଖାଦେଇଥାଏ। କରୋନା ରୋଗୀ, ବିଶେଷତଃ ଡାଇବେଟିସ୍ ରୋଗୀ, ଯେଉଁମାନେ ଅଧିକ ଷ୍ଟେରଏଡ୍ ନେଉଛନ୍ତି, ସେମାନେ ଏ ନେଇ ବେଶି ସତର୍କ ରହିବା ଆବଶ୍ୟକ। ଏପରି କି କରୋନାରୁ ଆରୋଗ୍ୟ ହୋଇ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବାର ତିନି ମାସ ପର୍ଯ୍ୟନ୍ତ ଏହାର ରିସ୍କ ରହୁଛି। ଯଦି କେବେ ଆପଣ ଦେଖିଲେ ସବୁ ଠିକ୍ ଥିଲା, କିନ୍ତୁ ହଠାତ୍ ଗୋଟେ ପଟ ଆଖି ଫୁଲି ଯାଉଛି, ଲାଲ୍ ପଡୁଛି, ଆଖି ବାହାରକୁ ବାହାରିଲା ପରି ଲାଗୁଛି, ଆଖି ବୁଲୁ ନାହିଁ, ପତା ଘୋଡ଼େଇ ହୋଇଯାଉଛି, ଦୃଷ୍ଟିଶକ୍ତି କମିଯାଉଛି, ପତା ସିଝି ଯାଉଛି, ନାକ ରୁଣ୍ଡି ହେଉଛି, ହଳଦିଆ, କଳା ରଙ୍ଗର ଡିସ୍‌ଚାର୍ଜ ହେଉଛି, ପ୍ରବଳ ମୁଣ୍ଡବ୍ୟଥା ହେଉଛି, ପୁଣି ଜ୍ୱର ଲେଉଟୁଛି, ନିଃଶ୍ୱାସ ନେବାରେ କଷ୍ଟ ହେଉଛି ଆଦି ଲକ୍ଷଣ ଦେଖାଦେଲେ ଆମେ ତାହାକୁ ଫଙ୍ଗସ୍ ସଂକ୍ରମଣ ହେଲା ବୋଲି ସନ୍ଦେହ କରିବା। ତେବେ ବିଳମ୍ବ ନ କରି ନିକଟସ୍ଥ ଡାକ୍ତରଖାନାକୁ ଯାଇ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ସେ ନାକ ଭିତରୁ ଡିସ୍‌ଚାର୍ଜ ବା ଟିସୁ ନେଇ ତାହାକୁ ପରୀକ୍ଷା କରି ଜାଣିପାରିବେ ତାହା ଫଙ୍ଗସ୍ ସଂକ୍ରମଣ ନା ଆଉ କିଛି। ଯଦି ଫଙ୍ଗସ୍ ସଂକ୍ରମଣ ବୋଲି ଡାକ୍ତର ମାଇକ୍ରୋବାୟୋଲୋଜି ପରୀକ୍ଷା ଦ୍ୱାରା ନିଶ୍ଚିତ ହୋଇଯାଆନ୍ତି, ତା'ପରେ ତାଙ୍କର ଚିକିତ୍ସା ସାଙ୍ଗେ ସାଙ୍ଗେ ଆରମ୍ଭ ହୋଇଥାଏ। ଏଣୁ ସେଥିପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଆଡ୍‌ମିଶନ ହୋଇ ରହିବାକୁ ପଡ଼େ। ଦୁଇ-ତିନି ସପ୍ତାହ ପର୍ଯ୍ୟନ୍ତ ଇଞ୍ଜେକ୍ସନ ନେଲେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ। ଯଦି ଦରକାର ପଡ଼େ, ରୋଗ ବ୍ରେନ୍‌କୁ ବ୍ୟାପିଛି ବା ଅନ୍ୟଆଡ଼କୁ କେତେ ମାଡ଼ିଯାଇଛି, ତାହା ଜାଣିବା ପାଇଁ ସିଟି ସ୍କାନ୍, ଏମ୍‌ଆରଆଇ ଏବଂ ଅର୍ବିଟ ସିନ୍‌ସେସ କରାଯାଏ।

> "ଏବେ ଫଙ୍ଗସ୍‌ର ପ୍ରକାର ଭେଦ-ବ୍ଲାକ୍, ହ୍ୱାଇଟ୍, ୟେଲୋ ଇତ୍ୟାଦି ବିଷୟରେ ଆପଣମାନେ ଶୁଣୁଛନ୍ତି। ଏହା କେବଳ ଫଙ୍ଗସ୍‌ର ପ୍ରକାର ଭେଦ, ହେଲେ ଚିକିତ୍ସା ପ୍ରଣାଳୀ ସମାନ। ଏବେ କରୋନା ଦ୍ୱାରା ଆକ୍ରାନ୍ତ ହେବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ବହୁତ କମିଯାଉଛି। ଯେଉଁ ବ୍ୟକ୍ତିମାନଙ୍କର ଡାଇବେଟିସ୍ ନିୟନ୍ତ୍ରଣରେ ରହୁନାହିଁ, ଅନ୍ୟାନ୍ୟ ଗୁରୁତର ରୋଗ ସହ ଆକ୍ରାନ୍ତ ଏବଂ ହାଇ ଷ୍ଟେରଏଡ୍ ନେଉଛନ୍ତି, ସେମାନଙ୍କୁ ଏହି ଫଙ୍ଗସ୍ ସାଙ୍ଗେ ସାଙ୍ଗେ ଆକ୍ରମଣ କରୁଛି। ଆମ ପାଖରେ ଏହାର ସଠିକ ଚିକିତ୍ସା ପ୍ରଣାଳୀ ଉପଲବ୍ଧ ରହିଛି।"

ଠିକ୍ ସମୟରେ ସଠିକ୍ ଚିକିତ୍ସା କରାଇପାରିଲେ ରୋଗୀ ରୋଗମୁକ୍ତ ହୋଇଥାଏ। କରୋନାରୁ ଆରୋଗ୍ୟ ହେବା ପରେ ସୁଷମ ଖାଦ୍ୟ ଖାଆନ୍ତୁ। ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ। ଯଦି ଡାଇବେଟିସ୍ ଅଛି, ତେବେ ତାହା କିପରି ନିୟନ୍ତ୍ରଣରେ ରହିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଖାଦ୍ୟପେୟରେ ଆଦୌ ଅବହେଳା କରନ୍ତୁ ନାହିଁ। ଯଦି ଆପଣ କରୋନା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି ଏବଂ ପରେ ସୁସ୍ଥ ଅଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ବିନା ଷ୍ଟେରଏଡ୍ ସେବନ କରନ୍ତୁ ନାହିଁ। ତା'ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ହାୟର ଆଣ୍ଟିବାୟୋଟିକ୍ ଖାଆନ୍ତୁ। ତାଙ୍କର ପରାମର୍ଶ ନ ନେଇ ନାକରେ କୌଣସି ଔଷଧ ପକାନ୍ତୁ ନାହିଁ। ଅତ୍ୟଧିକ ଷ୍ଟିମ୍ ନିଅନ୍ତୁ ନାହିଁ। ଷ୍ଟିମ୍ ନେଉଥିବା ପାଣି ଏବଂ ବାସନକୁସନ ପରିଷ୍କାର ଥିବା ନିହାତି ଦରକାର। ଉପରୋକ୍ତ ବିଷୟଗୁଡ଼ିକୁ ମାନି ଚଳିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଆପଣ ନିଜକୁ ଫଙ୍ଗସ୍ ଇନ୍‌ଫେକ୍ସନଠାରୁ ଦୂରେଇ ରଖିପାରିବେ। ଯଦି ଏ ନେଇ କୌଣସି ଲକ୍ଷଣ ଜଣାପଡ଼ିଲା, ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରମର୍ଶ କରନ୍ତୁ। ଯଦି ଠିକ୍ ସମୟରେ ଆପଣ ଉପଯୁକ୍ତ ଚିକିତ୍ସା କରାଇପାରିଲେ, ତେବେ ଏପରି ସମସ୍ୟାରୁ ନିଜକୁ ଆରୋଗ୍ୟ କରାଇପାରିବେ। ଏହାକୁ ନେଇ ମନରେ ଆଦୌ ଭୟ ଆଣନ୍ତୁ ନାହିଁ କି ଡାକ୍ତରଙ୍କ ବ୍ୟତୀତ ଅନ୍ୟ କାହା କଥାକୁ ଅନୁସରଣ କରନ୍ତୁ ନାହିଁ। କାରଣ ଏ ନେଇ କେବଳ ଡାକ୍ତର ନୁହନ୍ତି, ଆମ ସରକାର ବେଶ୍ ସଜାଗ ଅଛନ୍ତି।

ଏବେ ତ କରୋନାର ଦ୍ୱିତୀୟ ଲହର ଚାଲିଛି। ତେଣୁ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ। ମାସ୍କ ପିନ୍ଧନ୍ତୁ। ହାତକୁ ପରିଷ୍କାର ରଖି କରୋନାରୁ ନିଜକୁ ବଞ୍ଚାନ୍ତୁ। ଆଉ ଏକ କଥା, ନିଜ ପାଳି ଆସିଲେ କରୋନାଟିକା ନିଶ୍ଚୟ ନିଅନ୍ତୁ। ସୁସ୍ଥ ରୁହନ୍ତୁ, ନିରାପଦ ରୁହନ୍ତୁ।

- ବିଭାଗୀୟ ମୁଖ୍ୟ, ଚକ୍ଷୁ ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ
ଆଣ୍ଡ ହସ୍ପିଟାଲ, କଟକ
ମୋ : ୯୯୩୭୦୪୧୫୬୦



# ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ

ଯଦି ଆପଣ ଉଚ୍ଚ ରକ୍ତଚାପ ଦ୍ୱାରା ପୀଡ଼ିତ, ତେବେ ରକ୍ତଚାପ କେତେ ଅଛି ତାହା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାପି ନିଅନ୍ତୁ। ବିଶେଷଭାବରେ ବୟସ ବଢ଼ିଲେ ଏହି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ଯଦି ଥରେ ଆପଣଙ୍କର ରକ୍ତଚାପରେ ଅସନ୍ତୁଳନ ଦେଖାଦେଲା, ତେବେ ପରବର୍ତ୍ତୀ ସମୟରେ ତାହା କିପରି ରହୁଛି ତାହା ମାପି ଦେଖିନିଅନ୍ତୁ। ରକ୍ତଚାପକୁ ସନ୍ତୁଳିତ ରଖିବାକୁ ହେଲେ କେବଳ ଔଷଧ ନୁହେଁ, ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତିଦିନ କିଛି ସମୟ ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଶାଦ୍ରବ୍ୟ ସେବନ ଯୋଗୁଁ ରକ୍ତଚାପଜନିତ ସମସ୍ୟା ଆଶଙ୍କା ଅଧିକ ଥାଏ। ତା'ସହ ଯଦି ଆପଣ ଏଭଳି ଅଭ୍ୟାସ ସହ ଜଡିତ, ତେବେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ।



ରକ୍ତଚାପ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ଆପଣଙ୍କର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ରକ୍ତଚାପରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। କାରଣ ସେ ରକ୍ତଚାପର ଅବସ୍ଥା ଦେଖି ଔଷଧର ଡୋଜ୍ ସ୍ଥିର କରିଥାଆନ୍ତି।

# ସତର୍କତା ହିଁ ଜରୁରୀ





ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ବିଶ୍ୱରେ ମାନବ ସଭ୍ୟତା ବହୁ ଘାତପ୍ରତିଘାତ ସହ ମୁକାବିଲା କରି ପୃଥିବୀପୃଷ୍ଠରେ ବଞ୍ଚି ରହିବା ନିମନ୍ତେ ପ୍ରୟାସ ଜାରି ରଖିଆସିଛି। ସମାଜରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଏବଂ ବୟସ୍କ ବ୍ୟକ୍ତି ମଧ୍ୟ ଦୈନନ୍ଦିନ ବିଡ଼ି, ସିଗାରେଟ୍, ପିକା, ହୁକା, ଖଇନି, ପୁଡ଼ିଆ ଆଦି ଧୂଆଁପତ୍ରରୁ ପ୍ରସ୍ତୁତ ବିଭିନ୍ନ ନିଶାଦ୍ରବ୍ୟ କଞ୍ଚା ତଥା ଧୂଆଁ ଆକାରରେ ସିଧାସଳଖ ସେବନ କରିଥାଆନ୍ତି, ଯାହାକି ପରବର୍ତ୍ତୀ ସମୟରେ ଏହା ମୁଖ କର୍କଟ, ଗଳା କର୍କଟ, ରାଜଯକ୍ଷ୍ମା ତଥା ଫୁସ୍‌ଫୁସ୍‌ଜନିତ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି ହୋଇଥାଏ। ଫଳରେ ସୁସ୍ଥ ମଣିଷ ବିପୁଳ ଅର୍ଥ ଖର୍ଚ୍ଚ କରି ଶାରୀରିକ ଓ ମାନସିକ କଷ୍ଟ ଭୋଗ କରି ଶେଷରେ ମୃତ୍ୟୁମୁଖରେ ପଡ଼ିଥାଏ। ଏହି ଅକାଳ ମୃତ୍ୟୁକୁ ରୋକ ଲଗାଇବ ନିମନ୍ତେ ତମାଖୁ (Tobacco) ସେବନରୁ ଦୂରେଇ ରହିବା ଉଚିତ।

ତମାଖୁ ସେବନକୁ ପ୍ରତିରୋଧ କରିବା ପାଇଁ ଜନସଚେତନତା ସୃଷ୍ଟି ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ୧୯୮୭ ମେ ୩୧ ତାରିଖକୁ 'ଅନ୍ତର୍ଜାତୀୟ ତମାଖୁ ନିରୋଧୀ ଦିବସ' (World No Tobacco Day)ଭାବେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏ ନେଇ ସ୍ଲୋଗାନ୍ ରହିଛି 'ତମାଖୁ ବର୍ଜନ ପାଇଁ ପ୍ରତିଜ୍ଞାବଦ୍ଧ ହେବା'। ସାମ୍ପ୍ରତିକ ପରିସ୍ଥିତରେ ବିଶ୍ୱ କରୋନା ଭଳି ଏକ ମାରାତ୍ମକ ପ୍ରଭାବକୁ ପ୍ରତିରୋଧ ନିମନ୍ତେ ଚେଷ୍ଟା ଜାରି ରଖିଥିବା ବେଳେ ତମାଖୁ ସେବନ ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ ନିମନ୍ତେ ସବୁବର୍ଗର ବ୍ୟକ୍ତି ବିଶେଷଙ୍କ ସହଯୋଗର ଆବଶ୍ୟକତା ରହିଛି। ଏହାଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ଜୀବନ ସୁରକ୍ଷା ନିମନ୍ତେ ସହାୟକ ହୋଇପାରିବ। ସର୍ବସାଧାରଣ ସ୍ଥାନରେ କିମ୍ବା ବସ୍, ଟ୍ରେନରେ ତମାଖୁ ସେବନ କରିବା ତଥା ଦୋକାନଗୁଡ଼ିକରେ 'ତମାଖୁ' ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରୟ ନିମନ୍ତେ ସରକାର ଆଇନ ଦୃଷ୍ଟିରୁ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିଛନ୍ତି। ତେଣୁ ତମାଖୁ ସେବନ ପ୍ରତିରୋଧ ନିମନ୍ତେ ଆମେ ସମସ୍ତେ ମାନସିକ ସ୍ତରରେ ଏକାଠି ହୋଇ ସହଯୋଗ କରିବାର ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଓ ଦେଶରେ ମଧ୍ୟ ପ୍ରତିବର୍ଷ "ମେ ମାସ" ୩୧ ତାରିଖକୁ ବିଶ୍ୱ ତମାଖୁ ନିବାରଣ ଦିବସ ଭାବେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ଓ ରାଜ୍ୟସ୍ତରରେ ପାଳନ କରାଯାଇଥାଏ। ଏ ନେଇ ଆମେ ସତର୍କ ରହିଲେ ତମାଖୁ କବଳରୁ ନିଜକୁ ରକ୍ଷା କରିପାରିବା। ଏଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି।


- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ଆଜି ବିଶ୍ୱ ତମାଖୁ ନିରୋଧୀ ଦିବସ




# ବ୍ରେନ୍ ଷ୍ଟ୍ରୋକ୍

ଜଣେ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାଗୁଡିକ ମଧ୍ୟରୁ ବ୍ରେନ୍ ଷ୍ଟ୍ରୋକ୍ ଅନ୍ୟତମ। ତେବେ ଏହାର କାରଣ ସମ୍ପର୍କରେ ଆମେ ଅବଗତ ହେବା ନିହାତି ଦରକାର। ଅଧିକାଂଶ ସମୟ ଟେନସନରେ ରହିବା, ଡାଇବେଟିସ୍, ନିଶାଦ୍ରବ୍ୟ ସେବନ, ମେଦବହୁଳତା, କୋଲେଷ୍ଟରଲ ପରିମାଣ ଅସନ୍ତୁଳିତ ହେବା ଏହାର ପ୍ରମୁଖ କାରଣ। ବ୍ରେନ୍ ଷ୍ଟ୍ରୋକର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। ଆପଣଙ୍କ ହାତଗୋଡ ବଳହୀନ ଲାଗୁଛି କି ? ଏହି ସମୟରେ ଏପରି ଅନୁଭବ ହୁଏ ଯେ, ସତେଯେମିତି ସମଗ୍ର ଶରୀର ଶକ୍ତିହୀନ ହୋଇପଡୁଛି। ଏପରି ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ରେନ୍ ଷ୍ଟ୍ରୋକ୍ ହେବା ମାତ୍ରେ କଥା କହିବା ଶକ୍ତି ଧୀରେ ଧୀରେ ଦୁର୍ବଳ ହୋଇପଡେ। ସଂପୃକ୍ତ ବ୍ୟକ୍ତିଙ୍କର ମୁଖ ମଣ୍ଡଳ ଗାମ୍ଭୀର୍ଯ୍ୟ ଦେଖାଯାଏ। ସେ ହସିବାକୁ ଚେଷ୍ଟା କଲେ ମଧ୍ୟ ହସି ପାରି ନଥାନ୍ତି। ବ୍ରେନ୍ ଷ୍ଟ୍ରୋକ୍ ହେବା ମାତ୍ରେ ଜଣେ ବ୍ୟକ୍ତି ଆଦୌ ଚାଲି ପାରନ୍ତି ନାହିଁ। ଏପରି କି ସେ ସିଧା ଠିଆ ହୋଇପାରି ନଥାନ୍ତି। ଏଭଳି ସମସ୍ୟା ଦେଖାଦେଲେ ତୁରନ୍ତ ମୁଣ୍ଡବିନ୍ଧା ଆରମ୍ଭ ହୋଇଯାଏ। ଯଦି ସେଥିରୁ ଉପଶମ ନ ମିଳେ ଏବଂ ତାହା ବଢ଼ି ବଢ଼ି ଚାଲେ ତେବେ ତାହାକୁ ବ୍ରେନ୍ ଷ୍ଟ୍ରୋକ୍‌ର ଲକ୍ଷଣ ଭାବରେ ନିଆଯାଇଥାଏ। ତେବେ ଉପରୋକ୍ତ ଲକ୍ଷଣ ଜାଣିବା ମାତ୍ରେ ତୁରନ୍ତ ନିକଟସ୍ଥ ହସ୍‌ପିଟାଲକୁ ଯାଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।





# ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ନିଜର ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଖାଦ୍ୟପେୟ, ଶୋଇବା ସମୟ, ବ୍ୟାୟାମ, ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।
- ଟେନସନ ଏପରି ଏକ ସମସ୍ୟା, ଯାହା ଧୀରେ ଧୀରେ ଆପଣଙ୍କ ସ୍ୱାସ୍ଥ୍ୟକୁ ବିଗାଡି ଦେଇଥାଏ। ତେଣୁ ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
- ବିଶେଷଭାବରେ ବୟସ୍କ ବ୍ୟକ୍ତିମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ନଜର ଦେବା ଦରକାର। ବୟସ ୪୦ ଟପିଲେ ରକ୍ତରେ ସୁଗାର ପରିମାଣ, ବ୍ଲଡପ୍ରେସର, କୋଲେଷ୍ଟରଲ, ମେଦବହୁଳତା କେତେ ରହୁଛି ତାହା ଜାଣି ନିଅନ୍ତୁ। ଏହି ସମୟରେ କୌଣସି ଛୋଟ ସ୍ୱାସ୍ଥ୍ୟ ସମସ୍ୟାକୁ ହେୟ ମନେ କରନ୍ତୁ ନାହିଁ।
- ଯଦି ଆପଣଙ୍କୁ ଏକୁଟିଆ ଲାଗୁଛି ତେବେ କିଛି ଲେଖାଲେଖି କରନ୍ତୁ। ଏହାଦ୍ୱାରା ମନୋଭାବରେ ପରିବର୍ତ୍ତନ ଆସିଥାଏ।
- ଯଦି ଆପଣ ଦୀର୍ଘ ଦିନ ପାଇଁ ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି, ତେବେ ତାହା ପୂର୍ବରୁ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଭଲ।
- ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। କାରଣ ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୩୧/୨୦୨୧ Bhubaneswar, Monday, May 31/ 2021

# ବିପର୍ଯ୍ୟୟ ଘଟାଇଲେ ଆନେଲିନା



ପରାଜୟ ପରେ ଆଞ୍ଜେଲିକ୍ କର୍ବର।



ବିଜୟୀ ଆନେଲିନା କାଲିନିନାଙ୍କ ପ୍ରତିକ୍ରିୟା।

**ପ୍ୟାରିସ, ୩୦।୫**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଏବଂ ପୂର୍ବତନ ନମ୍ବର ୱାନ ଆଞ୍ଜେଲିକ୍ କର୍ବରଙ୍କୁ ହରାଇ ମହିଳା ସିଙ୍ଗଲ୍ସରେ ବିପର୍ଯ୍ୟୟ ଘଟାଇଛନ୍ତି ଆନେଲିନା କାଲିନିନା। ଆନେଲିନା ଜଣେ କ୍ୱାଲିଫାୟର ଖେଳାଳି ଏବଂ ପ୍ରଥମଥର ପାଇଁ ଫ୍ରେଞ୍ଚ ଓପନ ଖେଳିବା ସୁଯୋଗ ପାଇଛନ୍ତି।

### ଫ୍ରେଞ୍ଚ୍ ଓପନ ଟେନିସ ପ୍ରଥମ ରାଉଣ୍ଡରୁ କର୍ବର ବିଦା

ତେବେ ଏହି ୧୩୯ ର୍ୟାଙ୍କପ୍ରାପ୍ତ ୟୁକ୍ରେନ ଟେନିସ ପ୍ରତିଭା ୬-୨, ୬-୪ ସେଟ୍‌ରେ ଜର୍ମାନୀର କର୍ବରଙ୍କୁ ପରାସ୍ତ କରି ପ୍ରଥମ ଦିବସରୁ ହିଁ ବିପର୍ଯ୍ୟୟ ଆରମ୍ଭ କରିଛନ୍ତି। ୨୦୧୬ରେ ଅଷ୍ଟ୍ରେଲିଆନ ଓପନ, ୟୁଏସ୍ ଓପନ ଏବଂ ୨୦୧୮ରେ ୱିମ୍ବଲଡନ ଟାଇଟଲ ଜିତିଥିବା କର୍ବର କେବେହେଲେ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ସେ ୨୦୧୨ ଓ ୨୦୧୮ରେ ସର୍ବାଧିକ ଫ୍ରେଞ୍ଚ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ। ମହିଳା ସିଙ୍ଗଲ୍ସର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପେଟ୍ରା କ୍ୱିଟୋଭା ୬-୭(୩/୭), ୭-୬(୭/୫), ୬-୧ ସେଟ୍‌ରେ ଗ୍ରିଟ୍ ମିନେନ, ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା ୬-୪, ୬-୦ ସେଟ୍‌ରେ ଖ୍ରିଷ୍ଟିନା ମ୍ୟାକହାଲେ, ନାଓମି ଓସାକା ୬-୪, ୭-୬(୭/୪) ସେଟ୍‌ରେ ପ୍ୟାଟ୍ରିସିଆ ମାରିଆ ଟିଗ୍, ଡାନିଏଲ ରୋଜ୍ କଲିନ୍ସ ୬-୨, ୪-୬, ୬-୪ ସେଟ୍‌ରେ ଜିୟୁ ୱାଙ୍ଗ୍ ଏବଂ ଏଲିନା ର୍ୟାବକିନା ୬-୪, ୬-୧ ସେଟ୍‌ରେ ଏଲିସା ଜ୍ୟାକମୋଟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଫୋଗନିନି, ଅଗୁଟଙ୍କ ବିଜୟ ଅଭିଯାନ

ପୁରୁଷ ସିଙ୍ଗଲ୍ସରେ ଫାବିଓ ଫୋଗନିନି ୬-୪, ୬-୧, ୬-୪ ସେଟ୍‌ରେ ଗ୍ରେଗୋରି ବାରେରେ, ରବର୍ଟୋ ବାଉଟିଷ୍ଟା ଅଗୁଟ ୬-୪, ୬-୪, ୬-୨ ସେଟ୍‌ରେ ମାରିଓ ଭିଲେଲା ମାର୍ଟିନେଜ, ଗୁଇଡୋ ପେଲ୍ଲା ୬-୩, ୭-୬(୭/୪), ୭-୫ ସେଟ୍‌ରେ ଡାନିଏଲ ଇଲାହି ଗଲନ, ମିଓମିର କେକ୍‌ମାନୋଭିଚ୍ ୧-୬, ୬-୩, ୬-୪, ୬-୪ ସେଟ୍‌ରେ ଡାନ୍ ଇଭାନ୍ସଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

# ଦୁର୍ଘଟଣାରେ ମୋଟର ସାଇକ୍ଲିଷ୍ଟ ଡୁପାସ୍କିଅର୍‌ଙ୍କ ମୃତ୍ୟୁ

**ଫ୍ଲୋରେନ୍ସ, ୩୦।୫ (ଏପି):** ଇଟାଲିଆନ ଗ୍ରାଁ ପ୍ରି ପାଇଁ ମୋଟୋ-୩ କ୍ୱାଲିଫାଇଂ ବେଳେ ଏକ ଦୁର୍ଘଟଣାରେ ସୁଇଜରଲାଣ୍ଡ ମୋଟରସାଇକ୍ଲିଷ୍ଟ ଜାସନ ଡୁପାସ୍କିଅର୍‌ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ଶନିବାର କ୍ୱାଲିଫାଇଂ ରେସ୍ ଶେଷ ଭାଗରେ ଆୟୁମୁ ସାସାକି ଓ ଜେରେମି ଆଲ୍‌କୋବାଙ୍କ ସହ ଡୁପାସ୍କିଅର୍‌ଙ୍କ ଧକ୍କା ହୋଇଥିଲା। ରେଡ୍‌ଫ୍ଲାଗ୍ ପ୍ରଦର୍ଶନ ସହ ରେସ୍‌କୁ ତୁରନ୍ତ ସ୍ଥଗିତ ରଖାଯାଇଥିଲା। ଡୁପାସ୍କିଅର୍‌ଙ୍କ ଉପରେ ତାଙ୍କ ନିଜର ଓ ସାସାକିଙ୍କ ମୋଟରସାଇକେଲ ପଡ଼ିଯାଇଥିଲା। ସେ ତଳେ ପଡ଼ିଯାଇଥିଲେ। ଆଲ୍‌କୋବାଙ୍କ ମୋଟରସାଇକେଲ ସୁଇସ୍ ଡ୍ରାଇଭରଙ୍କ ଗୋଡ଼ ଉପରେ ଚଢ଼ି ଯାଇଥିଲା।

# ଫିଡେ ବିଶ୍ୱକପ୍ ପାଇଁ ଇନିୟାନଙ୍କୁ ଯୋଗ୍ୟତା

**ଚେନ୍ନାଇ, ୩୦।୫ (ପି.ଟି.):** ଏଆଇସିଏଫ୍ ୱାର୍ଲ୍ଡ କପ୍ କ୍ୱାଲିଫାୟର ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ଜିତିବା ଦ୍ୱାରା ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ଇନିୟାନ ଫିଡେ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟ ଜୁଲାଇରେ ହେବ। ୧୭ ରାଉଣ୍ଡ ଖେଳ ପରେ ତାମିଲନାଡୁର ଇନିୟାନ ଓ ତାଙ୍କ ରାଜ୍ୟର ଅନ୍ୟ ଜଣେ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଉଭୟେ ୧୨.୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ମାତ୍ର ଦୁଇ ଖେଳାଳିଙ୍କ ମଧ୍ୟରେ ୧୪ତମ ରାଉଣ୍ଡରେ ଖେଳାଯାଇଥିବା ଗେମ୍‌ରେ ବିଜୟ ଲାଭ କରିଥିବାରୁ ଇନିୟାନଙ୍କୁ ଚାମ୍ପିୟନ ଘୋଷଣା କରାଯାଇଥିଲା।

# ବର୍ନାଲ ଜିତିଲେ ଗିରୋ ଡି' ଇଟାଲିଆ ଟାଇଟଲ୍



ଟ୍ରଫି ସହ ଇଗାନ ବର୍ନାଲ

**ରୋମ୍, ୩୦।୫**

ଗିରୋ ଡି' ଇଟାଲିଆ ସାଇକେଲ ରେସ୍ ଉଦ୍‌ଯାପିତ ହୋଇଯାଇଛି। ରବିବାର ସେନାଗୋଠାରୁ ମିଲାନ ପର୍ଯ୍ୟନ୍ତ ୩୦. ୩ କିଲୋମିଟର ବିଶିଷ୍ଟ ଅନ୍ତିମ ରେସ୍‌ରେ ଇଟାଲୀର ତଥା ଇନୋସ୍ ଗ୍ରେନାଡିଅର୍ସ ଟିମ୍‌ର ଫିଲିପୋ ଗାନା ବିଜୟ ଲାଭ କରିଛନ୍ତି। ତାଙ୍କ ଟିମ୍‌ମେଟ ତଥା କଲମ୍ବିଆର ଇଗାନ ବର୍ନାଲ ଜେନେରାଲ କ୍ଲାସିଫିକେଶନରେ ପ୍ରଥମ ସ୍ଥାନ ଅଧିକାର କରି ଟାଇଟଲ ବିଜୟୀ ହୋଇଛନ୍ତି। ଗାନା ୩୩-୪୮ ଟାଇମିଂରେ ରେସ୍ ଶେଷ କରିଥିବାବେଳେ ତାଙ୍କଠାରୁ ୧୨ ସେକେଣ୍ଡ ପଛରେ ଫ୍ରାନ୍ସର ରେମି କାଭାଗ୍ନା (ଡେସିଉନିକ୍ କୁଇକ୍ ଷ୍ଟେପ୍)ଦ୍ୱିତୀୟ ସ୍ଥାନରେ ରହିଥିଲେ। ଇଟାଲୀର ଏଡୋଆର୍ଡୋ ଆଫିନି (ଜୁମ୍ବୋ-ଭିଷ୍ମା) ୧୩ ସେକେଣ୍ଡ ପଛରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରେସ୍‌ରେ ଚତୁର୍ଥରୁ ୧୦ମ ସ୍ଥାନ ପର୍ଯ୍ୟନ୍ତ ଯଥାକ୍ରମେ ରହିଥିଲେ ଇଟାଲିର ମାଟେଓ ସବରେରୋ (ଅଷ୍ଟାନା ପ୍ରିମିୟର ଟେକ୍), ପର୍ତ୍ତୁଗାଲର ଜୋଆଓ ଆଲ୍‌ମିଦା (ଡେସିଉନିକ୍ କୁଇକ୍ ଷ୍ଟେପ୍), ଜର୍ମାନୀର ମ୍ୟାକ୍ସ ୱାଲସ୍କିଡ୍ (ଖୁବେକା ଆସୋସ, ଇଟାଲିର ଆବର୍ଟୋ ବେଟିଅଲ୍ (ଇଏଫ୍ ଏଜୁକେଶନ ନିପ୍ପୋ), ସ୍ଲୋଭେନିଆର ଜାନ୍ ଟ୍ରାଟ୍‌ନିକ୍ (ବାହାରିନ୍ ଭିକ୍ଟୋରିଅସ), ଇଟାଲିର ଜିଆନି ମୋସ୍କୋନ (ଇନୋସ ଗ୍ରେନାଡିଅର୍ସ ଓ ବେଲଜିୟମର ଇଲ୍‌ଜୋ କିସେ (ଡେସିଉନିକ୍ କୁଇକ୍ ଷ୍ଟେପ୍)। ଅନ୍ୟପକ୍ଷରେ ଫାଇନାଲ ଜେନେରାଲ କ୍ଲାସିଫିକେଶନରେ ବର୍ନାଲଙ୍କ ପଛକୁ ଇଟାଲିର ଡାମିଆନୋ କାରୁସୋ (ବାହାରିନ୍-ଭିକେଟାରିଅସ) ଦ୍ୱିତୀୟ ଏବଂ ଗ୍ରେଟ ବ୍ରିଟେନର ସିମନ ୟେଟ୍ସ (ବାଇକ୍ ଏକ୍ସଚେଞ୍ଜ) ତୃତୀୟ ସ୍ଥାନରେ ରହିଥିଲେ।

# ମାଞ୍ଚେଷ୍ଟର ସିଟିକୁ ହରାଇ ଚେଲ୍‌ସି ଚାମ୍ପିୟନ

**ପୋର୍ଟୋ (ପର୍ତ୍ତୁଗାଲ), ୩୦।୫(ଏପି)**

ହାଇପ୍ରୋଫାଇଲ ଫୁଟ୍‌ବଲ ପ୍ରତିଯୋଗିତା ଚାମ୍ପିୟନ୍ସ ଲିଗ୍‌ରେ ଦ୍ୱିତୀୟଥର ପାଇଁ ଚେଲ୍‌ସି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ସ୍ଥାନୀୟ ଇଷ୍ଟାଡିଓ ଡୋ ଡ୍ରାଗାଓ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଚେଲ୍‌ସି ୧-୦ ଗୋଲରେ ମାଞ୍ଚେଷ୍ଟର ସିଟିକୁ ପରାସ୍ତ କରି ବାଜି ମାରିଛି। ପୂର୍ବରୁ ୯ ବର୍ଷ ତଳେ ଚେଲ୍‌ସି ଏହି ଟାଇଟଲ ହାସଲ କରିଥିଲା। କ୍ଲବରେ କୋଚ୍ ଥୋମାସ ଟୁଚେଲ ଯୋଗ ଦେବାର ଠିକ୍ ୧୨୩ ଦିନ ପରେ ଚେଲ୍‌ସିକୁ ଏହି ଐତିହାସିକ ସଫଳତା ମିଳିଛି। ୨୦୧୨ରେ ଚେଲ୍‌ସି ଏହି ଲିଗ୍‌ରେ ଚାମ୍ପିୟନ ହୋଇଥିଲା।

ପାଖାପାଖି ୧୪ ହଜାର ଦର୍ଶକଙ୍କ ସମ୍ମୁଖରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଉକ୍ତ ମ୍ୟାଚ୍‌ରେ ଇଂଲଣ୍ଡର ଏହି ଦୁଇ କ୍ଲବ ମଧ୍ୟରେ ଜବରଦସ୍ତ

### ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ

ରୋମାଞ୍ଚ ଦେଖିବାକୁ ମିଳିଥିଲା। ଫାଇନାଲରେ ଚେଲ୍‌ସିର ୬ ହଜାର ଦର୍ଶକ ମଧ୍ୟ ଉପସ୍ଥିତ ଥିଲେ। ଜର୍ମାନୀ ଫରୱାର୍ଡ କାଇ ହାଭର୍ଜ ୪୨ତମ ମିନିଟ୍‌ରେ ଏହି ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଏଥିସହିତ ମାଞ୍ଚେଷ୍ଟର ସିଟିର ଟାଇଟଲ ଆଶା ଧୂଳିସାତ୍ ହୋଇଛି। ମାଞ୍ଚେଷ୍ଟର ସିଟି ଟାଇଟଲ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ଶେଷରେ ନିରାଶ ହୋଇଛି। ପ୍ରଥମେ ଏହି ଫାଇନାଲ ମ୍ୟାଚ୍ ତୁର୍କୀ ଇସ୍ତାନବୁଲ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କୋଭିଡ୍-୧୯ ପାଇଁ ସେଠାରେ ଯାତ୍ରାଜନିତ କଟକଣା ଜାରି କରାଯାଇଥିବାରୁ ଶେଷରେ ଏହି ମ୍ୟାଚ ପୋର୍ଟୋରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏହାପୂର୍ବରୁ ସେମିଫାଇନାଲରେ ଚେଲ୍‌ସି ୧୩ଥର ଚାମ୍ପିୟନ୍ସ ଲିଗ୍ ସେମିଫାଇନାଲରେ ପ୍ରବେଶ କରିଥିବା ରିୟଲ ମାଡ୍ରିଡ୍‌କୁ ହରାଇ ଫାଇନାଲକୁ ଉଠିଥିଲା।

# ପୂଜାଙ୍କୁ ସ୍ୱର୍ଣ୍ଣ, ମେରୀକମ୍‌ଙ୍କୁ ରୌପ୍ୟ

**ଦୁବାଇ, ୩୦।୫ (ପି.ଟି.):** ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ଉଜ୍‌ବେକିସ୍ତାନର ମାଭଲୁଦା ମଭଲୋନୋଭାଙ୍କୁ ପରାସ୍ତ କରି ଗତଥରର ଚାମ୍ପିୟନ ଭାରତର ପୂଜା ରାଣୀ (୭୫କେଜି) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ୬ଥର ବିଶ୍ୱ ଚାମ୍ପିୟନ ଏମ୍‌ସି ମେରୀକମ୍ (୫୧କେଜି) ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ କାଜାଖସ୍ତାନର ନାଜିମ କିଜାଇବେ ଜଜ୍‌ଙ୍କ ବିଭାଜିତ ୩-୨ ରାୟରେ ତାଙ୍କୁ ହରାଇ ଦେଇଥିଲେ। ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ୭ମ ପଦକ। ୨୦୦୩ ସଂସ୍କରଣରେ ସେ ପ୍ରଥମେ ଏହି ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ମେରୀକମ୍‌ଙ୍କୁ ଏବେ ୩୮ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତାଙ୍କଠାରୁ ୧୧ବର୍ଷ ସାନ ଥିଲେ।

# ୯୦ ଦଶକର ଜର୍ସି ପିନ୍ଧିବେ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ,୩୦।୫**

ପୁରୁଣା ଜର୍ସି ପିନ୍ଧିବା ନେଇ ଭାରତୀୟ ଦଳର ଉତ୍ସାହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତବର୍ଷ ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟରମାନେ ସୀମିତ ଓଭର ସିରିଜରେ ୧୯୯୨ ବିଶ୍ୱକପ୍‌ର ଜର୍ସି ପିନ୍ଧିଥିଲେ। ଏବେ ଏହା ଟେଷ୍ଟ କ୍ରିକେଟରେ ମଧ୍ୟ ଏହି ପ୍ରକ୍ରିୟା ଦେଖିବାକୁ ମିଳିବ।

ସାଉଥାମ୍ପଟନରେ ଜୁନ୍ ୧୮ ତାରିଖରୁ ଆରମ୍ଭ ହେବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ପୁରୁଣା ଜର୍ସି ପିନ୍ଧିବେ। ଖେଳାଳିମାନେ ୯୦ ଦଶକର ଜର୍ସି ପିନ୍ଧି ପଡିଆକୁ ଓହ୍ଲାଇବେ। ଭାରତୀୟ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଏହି ଜର୍ସିର ଝଲକ ସୋସିଆଲ ମିଡିଆରେ ଦେଖାଇଛନ୍ତି। ଜାଡେଜା ଯେଉଁ ସ୍ୱେଟର ପିନ୍ଧିଛନ୍ତି



୯୦ ଦଶକ ଅନୁରୂପ ଜର୍ସି ପରିହିତ ରବୀନ୍ଦ୍ର ଜାଡେଜା (ବାମ)।

ତାହାର ବେକ ବା ଗଳା ନୀଳ ରଙ୍ଗର ଭି ଶେପରେ ରହିଛି। ୯୦ ଦଶକରେ ଭାରତୀୟ ଖେଳାଳିମାନେ ଏହି ଜର୍ସି ପିନ୍ଧି ଟେଷ୍ଟ ଖେଳୁଥିଲେ। ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍ ସାଉଥାମ୍ପଟନରେ ଜୁନ୍ ୧୮ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଜାଡେଜା ଏହି ଜର୍ସି ପିନ୍ଧି ଫଟୋ ଟୁଇଟରରେ ଶେୟାର କରିଛନ୍ତି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ଯଥାକ୍ରମେ ୨-୧ ଓ ୩-୧ ବ୍ୟବଧାନରେ ଟେଷ୍ଟ ସିରିଜରେ ପରାସ୍ତ କରି ଭାରତ ଡବ୍ଲ୍ୟୁଟିସି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଫାଇନାଲ ଖେଳିବାକୁ ଭାରତ ଜୁନ୍ ୨ରେ ୟୁକେ ଯାତ୍ରା କରିବ।

# ସିପିଏଲ୍ ଆଗୁଆ ଆୟୋଜନ ପାଇଁ ଅନୁରୋଧ କରାଯିବ

**ନୂଆଦିଲ୍ଲୀ, ୩୦।୫(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେପ୍ଟେମ୍ବର ମଧ୍ୟଭାଗରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ପାଇଁ ପ୍ରସ୍ତୁତ ହେଉଛି। ଏହାକୁ ଦୃଷ୍ଟିରେ ରଖି କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍)କୁ ଏକ ସପ୍ତାହ କିମ୍ବା ୧୦ ଦିନ ପୂର୍ବରୁ ଆରମ୍ଭ କରିବାକୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡକୁ ବୁଝାଇବ ବିସିସିଆଇ। ଫଳରେ ଖେଳାଳିମାନେ ଗୋଟିଏ ବାୟୋ-ବବ୍‌ଲରୁ ଆଉ ଏକ ବାୟୋ-ବବ୍‌ଲକୁ ଆସିପାରିବେ। କୋଭିଡ୍-୧୯ ମହାମାରୀ ପାଇଁ ଅଧାରୁ ସ୍ଥଗିତ ଥିବା ଆଇପିଏଲ୍‌ର ୧୪ତମ ସଂସ୍କରଣକୁ ୟୁଏଇରେ ଆୟୋଜନ ପାଇଁ ବିସିସିଆଇ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ହୋଇଛି।

ସିପିଏଲ୍ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ ଆୟୋଜନ ହେବାର କାର୍ଯ୍ୟସୂଚୀ ରହିଛି। ଅନ୍ୟପକ୍ଷରେ ବିସିସିଆଇ ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧୦ ମଧ୍ୟରେ ଆଇପିଏଲ୍‌ର ଅବଶିଷ୍ଟାଂଶ ଆୟୋଜନ ଯୋଜନା ରଖିଛି। "ଆମେ କ୍ରିକେଟ ୱେଷ୍ଟଇଣ୍ଡିଜ ସହିତ ଆଲୋଚନା କରିବୁ। ସିପିଏଲ୍ ଧାର୍ଯ୍ୟ ତାରିଖରୁ କିଛିଦିନ ପୂର୍ବରୁ ଶେଷ ହେବ ବୋଲି ଆଶା ରଖିଛୁ। ଫଳରେ ଖେଳାଳିମାନେ ଗୋଟିଏ ବବ୍‌ଲରୁ ଆଉ ଗୋଟିଏ ବବ୍‌ଲକୁ ଆସି ଦୁବାଇରେ ବାଧ୍ୟତାମୂଳକ ୩ ଦିନିଆ କ୍ୱାରାଣ୍ଟାଇନରେ ରହିପାରିବେ" ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ନିଜ ନାମ ଗୋପନରଖି ପ୍ରକାଶ କରିଛନ୍ତି। ଯଦି ବିସିସିଆଇ ଓ କ୍ରିକେଟ ୱେଷ୍ଟଇଣ୍ଡିଜ ମଧ୍ୟରେ ଚୁକ୍ତି ହୋଇ ନ ପାରିବ ତେବେ କେତେକ ନାମୀ ଖେଳାଳି ଆଇପିଏଲ୍‌ର ପ୍ରାରମ୍ଭିକ କେତେକ ମ୍ୟାଚ କିମ୍ବା ପ୍ରଥମାର୍ଦ୍ଧ ମିସ୍ କରିପାରନ୍ତି। ଆଇପିଏଲ୍‌ର ବିଭିନ୍ନ ଫ୍ରାଞ୍ଚାଇଜ୍‌ରେ ଥିବା ନାମୀ ୱେଷ୍ଟଇଣ୍ଡିଜ ଖେଳାଳିମାନେ ହେଲେ ଅଲରାଉଣ୍ଡର କିରନ ପୋଲାର୍ଡ, କ୍ରିସ୍ ଗେଲ୍, ଡ୍ୱେନ ବ୍ରାଭୋ, ଶିମରନ ହେଟମେର, ଜାସନ ହୋଲ୍ଡର, ନିକୋଲାସ ପୁରନ, ଫାବିଆନ ଆଲେନ, କିମୋ ପଲ୍ ଓ ସୁନୀଲ ନାରିନ। ତ୍ରିନିଦାଦ୍ ଆଣ୍ଡ ଟବାଗୋ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଆଇପିଏଲ୍‌ରେ କୋଲକାତା ନାଇଟ ରାଇଡର୍ସ ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଅଛନ୍ତି। ତେଣୁ ଠିକ୍ ସମୟରେ ତାଙ୍କ ଯୋଗଦାନକୁ ନେଇ ମଧ୍ୟ ସମସ୍ୟା ସୃଷ୍ଟି ହେବ।

### ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ସହିତ ଆଲୋଚନା କରିବ ବିସିସିଆଇ


# ୟୁଏଇରେ ଆଇପିଏଲ୍: ଓହରିଲେ କୁମିନ୍ସ

**ସିଡ୍‌ନୀ, ୩୦।୫ (ପି.ଟି.):** ଆଇପିଏଲ୍‌ର ଅବଶିଷ୍ଟାଂଶରେ ନ ଖେଳିବା ଲାଗି କରିଛନ୍ତି କୋଲକାତା ନାଇଟ ରାଇଡର୍ସ (କେକେଆର୍) ପେସ୍ ବୋଲର ପ୍ୟାଟ କୁମିନ୍ସ ବ୍ୟକ୍ତିଗତ ସ୍ଥିର କରିଛନ୍ତି। ସ୍ଥାନୀୟ ଏକ ଖବର କାଗଜ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଏହି ଟି୨୦ ଲିଗ୍ ସହ ସମ୍ପୃକ୍ତ ଅନ୍ୟ ଖେଳାଳିମାନଙ୍କ ସମ୍ପର୍କରେ ଦେଶର କ୍ରିକେଟ ବୋର୍ଡ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ନିଷ୍ପତ୍ତି ନେବ। ବାରମ୍ବାର ବାୟୋବବଲରେ ରହିବା ଦ୍ୱାରା ଅଷ୍ଟ୍ରେଲିଆ କ୍ରିକେଟରଙ୍କ ନିକଟରେ ମାନସିକ ବିଷାଦ ପରିଲକ୍ଷିତ ହେଉଛି। ଅକ୍ଟୋବର-ନଭେମ୍ବରରେ ଭାରତରେ ଟି୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଏହାର ଖେଳାଳିମାନଙ୍କୁ ଉଭୟ ଶାରିରୀକ ଓ ମାନସିକ ସ୍ଥରରେ ଫିଟ୍ ରଖିବାକୁ ଚାହୁଁଛି। କୋଭିଡ୍ ଯୋଗୁ ଆଇପିଏଲ୍ ଅଧାରୁ

### ଖେଳାଳିଙ୍କ ସମ୍ପର୍କରେ ନିଷ୍ପତ୍ତି ନେବ କ୍ରିକେଟ ଅଷ୍ଟ୍ରେଲିଆ



ସସ୍‌ପେଣ୍ଡ କରାଯାଇଥିଲା। ଗସ୍ତ କଟକଣା ଯୋଗୁ ଅଷ୍ଟ୍ରେଲିଆ ଖେଳାଳିମାନେ ମାଳଦ୍ୱୀପ ବାଟ ଦେଇ ନିଜ ଦେଶକୁ ଫେରିବା ବେଳେ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ କୋଭିଡ୍ କାରଣରୁ ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍ ୟୁଏଇକୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ତେଣୁ ଅଷ୍ଟ୍ରେଲିଆ ଖେଳାଳିମାନେ ଯଦି ଆଇପିଏଲ୍‌ରେ ଭାଗ ନିଅନ୍ତି ତେବେ ବିଶ୍ୱ କପ୍ ପାଇଁ ସେମାନେ ପରିବେଶ ସହ ଆଗୁଆ ନିଜକୁ ଅଭ୍ୟସ୍ତ କରିପାରିବେ। ତେଣୁ କୌଣସି ନିଷ୍ପତ୍ତି ନେବାପୂର୍ବରୁ ସବୁଦିଗରୁ ବିଚାର କରି ଦେଖିବାକୁ ହେବ। ଅପରପକ୍ଷରେ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି)ର କ୍ରିକେଟ ନିର୍ଦ୍ଦେଶକ ପୂର୍ବରୁ କହି ସାରିଛନ୍ତି ଯେ, ଜୁନ୍‌ରୁ ଆଗକୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଇଂଲଣ୍ଡ ଖେଳାଳିମାନେ ଆଇପିଏଲ୍‌ର ଅବଶିଷ୍ଟ ପାଇଁ ଉପଲବ୍ଧ ହେବେ ନାହିଁ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଆଜି ୨୫ ସେଣ୍ଟରରେ କୋଭିଡ୍ ଟିକାକରଣ**

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାର ୨୫ ସେଣ୍ଟରରେ କୋଭିଡ୍ ଟିକା ସୋମବାର ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ନୂଆଗାଁ ତହସିଲ ପାରାଡ଼ିପି ପଞ୍ଚାୟତ ମସ୍କାବାରି ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ରବିବାର ଭୋର ୪ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି ବୋଲି ତହସିଲଦାର କହିଛନ୍ତି। ରବିବାର ରିପୋର୍ଟରେ ନୟାଗଡ଼ ଜିଲାରେ ୨୩୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାପୁର ବ୍ଲକରେ ୧୦, ଦଶପଲ୍ଲା ବ୍ଲକରେ୧୭, ଗଣିଆ ବ୍ଲକରେ ୨୯, ଖଣ୍ଡପଡ଼ା ବ୍ଲକରେ ୨୯, ନୟାଗଡ ବ୍ଲକରେ ୨୫, ନୂଆଗାଁ ବ୍ଲକରେ ୪୮, ଓଡ଼ଗାଁ ବ୍ଲକ ୨୭, ରଣପୁର ବ୍ଲକ ୩୪, ନୟାଗଡ ପୌରାଞ୍ଚଳରୁ ୧ଜଣ ଅଛନ୍ତି। ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୭୨୦ରେ ପହଞ୍ଚିଛି। କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ ଜିଲାରୁ ୫୦ ଜୀବନ ଯାଇଛି।

## ସଂକ୍ଷେପରେ

### ୪ମାସ ହେଲା କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ଖାଲି

**ଖଣ୍ଡପଡ଼ା,୩୦ା୫(ସ୍ୱ.ପ୍ର.):** ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ-୧ କାର୍ଯ୍ୟାଳୟରେ ୪ମାସ ହେଲା କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ଖାଲି ପଡିଛି। ସେଠାରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଜୟନ୍ତ କୁମାର ସେଠଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଆଉ କୌଣସି ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଭାପୁର ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଖଣ୍ଡପଡ଼ା ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ଅଧିକାଂଶ ସମୟରେ ପରିଚାଳନାଗତ ଅଚଳାବସ୍ଥା ଦେଖା ଦେଉଛି। ତେଣୁ ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

### ବସନ୍ତ ଦାସଙ୍କ ସ୍ମୃତିସଭା

**ଖଣ୍ଡପଡ଼ା,୩୦ା୫(ସ୍ୱ.ପ୍ର.):** ବରିଷ୍ଠ ଖବରଦାତା ବସନ୍ତ ଦାସଙ୍କ ବିୟୋଗରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଏକ ସ୍ମୃତିସଭା ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ସଂଘ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦାସଙ୍କ ବିୟୋଗରେ ସାମ୍ବାଦିକତା କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଏହି ସଭାରେ ମତ ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, ବରିଷ୍ଠ ସଭ୍ୟ ଶାନ୍ତି ଶେଖର ରଥ, ବିନୋଦ କୁମାର ମହାପାତ୍ର, ରାମଚନ୍ଦ୍ର ଦାଶ, ଜିତେନ୍ଦ୍ର କୁମାର ସାହୁ, ନିରଞ୍ଜନ ଦାସଙ୍କ ସମେତ ଅନ୍ୟ ସଭ୍ୟମାନେ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ।

### ନିଆଁରେ ପୋଡ଼ି ହୋଇ ମହିଳା ଗୁରୁତର

**ନୟାଗଡ଼ ଅଫିସ,୩୦ା୫:** ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ବଡ ଗଉଡସାହିର ସୁନିତା ନାୟକ(୨୫) ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ନରେ ସେ ରୋଷେଇ କରୁଥିବାବେଳେ ଏହି ଘଟଣା ଘଟିଛି। ତାଙ୍କ ଶରୀର ପ୍ରାୟ ୯୦% ପୋଡ଼ିଯାଇଛି। ପ୍ରଥମେ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସୁନିତା ବଡ ଗଉଡସାହି ମିନି ଅଙ୍ଗନୱାଡି କର୍ମୀ ଭାବେ କାମ କରୁଛନ୍ତି। ତାଙ୍କର ୩ ବର୍ଷର ପୁଅଟିଏ ଅଛି।

### ନବଜାତ ଶିଶୁକନ୍ୟାର ମୃତଦେହ ଜବତ

**ନୟାଗଡ଼ ଅଫିସ,୩୦ା୫:** ନୟାଗଡ଼ ସଦର ଥାନା ପୋଲିସ ଜାମୁସାହି ପୋଖରୀ ନିକଟରୁ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଜବତ କରିଛି। ମୃତଦେହର କିଛି ଅଂଶ କୁକୁର ଖାଇ ଦେଇଛି। ରବିବାର ସନ୍ଧ୍ୟାରେ ଜାମୁସାହିରେ ଏକ ଶିଶୁର ମୃତଦେହକୁ କୁକୁର ଖାଉଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୧୧ଗ୍ରାମ୍ ବ୍ରାଉନସୁଗାର ଜବତ

**ନୟାଗଡ଼ ଅଫିସ/ ରଣପୁର, ୩୦ା୫(ସ୍ୱ.ପ୍ର.):** ରଣପୁର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଦର୍ପନାରାୟଣପୁରରୁ ୧୧ ଗ୍ରାମ ବ୍ରାଉନସୁଗାର ରବିବାର ଜବତ ହୋଇଛି। କଟକ ଓ ନୟାଗଡର ଦୁଇ ଯୁବକ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ନୟାଗଡ଼ରେ ବିକ୍ରି କରୁଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି। ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସେମାନେ ବ୍ୟବହାର କରୁଥିବା ଏକ ସ୍କୁଟିକୁ ପୋଲିସ ଜବତ କରିଛି।

### କୋଭିଡ୍-୧୯ ଷ୍ଟିକର ଲଗାଇ ଗାଡ଼ି ବ୍ୟବହାର

**ପାରଳାଖେମୁଣ୍ଡି,୩୦ା୫(ଡି.ଏନ୍.ଏ.):** ଏକ ବିବାହ ଉତ୍ସବରେ କୋଭିଡ୍-୧୯ ଷ୍ଟିକର ଲଗାଯାଇ ବ୍ୟବହାର ହେଉଥିବା ଏକ ଗାଡ଼ିକୁ ରବିବାର ପୋଲିସ ଧରିଛି। କୋଭିଡ୍-୧୯ ଷ୍ଟିକର ଲଗାଇ ବର ପାର୍ଟି ବିବାହ ଉତ୍ସବରେ ଯୋଗ ଦେବାକୁ ଆନ୍ଧ୍ରପ୍ରଦେଶ ଯାଉଥିଲେ। ଶନିବାର ପାତପାଟନମ ନାକା ଚେକ୍ ପୋଷ୍ଟରୁ ଗାଡ଼ିଟି ଖସି ପଳାଇଥିଲା। ରବିବାର ପୁଣି ଉକ୍ତ ଗାଡ଼ି କୋଭିଡ୍ ଷ୍ଟିକର ଲଗାଇ ଆସୁଥିବା ବେଳେ ପୋଲିସ ଅଟକାଇ ତଦନ୍ତ ଚଳାଇଛି।

### ୫ ହଜାର ଗଣିଲେ ଭୋଜି ଆୟୋଜକ

**ହିଞ୍ଜିଳିକାଟୁ ୩୦ା୫(ଡି.ଏନ୍.ଏ.):** ହିଞ୍ଜିଳି ଗିରିଆ ଗ୍ରାମରେ ରବିବାର କୋଭିଡ୍ ନିୟମ ଉଲ୍ଲଂଘନ କରି ଏକ ବିବାହ ଭୋଜି ଆୟୋଜନ କରାଯାଇଥିଲା। ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡିଓ ସୁବ୍ରତ କୁମାର ଜେନା ଓ ଆଇଆଇସି ଅଭିମନ୍ୟୁ ଦାସ ଉକ୍ତ ଗାଁରେ ଚଢ଼ାଉ କରି ଭୋଜି ବନ୍ଦ କରିବା ସହ ଆୟୋଜକଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

# ଗୋଚାଲାଣ ର୍ୟାକେଟ୍ ସକ୍ରିୟ

■ ଅବାଧରେ ରାଜ୍ୟ ବାହାରକୁ ଯାଉଛନ୍ତି ଗୋରୁ
■ ପୋଲିସ ଧରପଗଡ଼ ବି ରୋକି ପାରୁନି

**ନୟାଗଡ଼ ଅଫିସ,୩୦ା୫**

ନୟାଗଡ଼ ଜିଲାରେ ଆନ୍ତଃରାଜ୍ୟ ଗୋଚାଲାଣ ର୍ୟାକେଟ୍ ସକ୍ରିୟ ରହିଛି। ଜିଲାରୁ ମାସକରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗୋରୁ ବେଆଇନ ଭାବେ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛନ୍ତି। ଏହାକୁ ରୋକିବାକୁ ପ୍ରିଭେନ୍ସନ ଅଫ୍ କ୍ରୁଏଲିଟି ଟୁ ଆନିମଲ ଆଇନ ରହିଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ନୟାଗଡ଼ର କେତେଜଣ ବ୍ୟବସାୟୀ ଗୋରୁ ନେଇ ଖୋର୍ଦ୍ଧା ଜିଲାର ବେଗୁନିଆକୁ ଯାଉଛନ୍ତି। ସେଠାରେ ବଡ ବ୍ୟବସାୟୀଙ୍କୁ ଗୋରୁ ବିକ୍ରି କରୁଛନ୍ତି। ଆଉ କେତେଜଣ ବ୍ୟବସାୟୀ ସିଧା ସଳଖ କୋଲକତା ଚାଲାଣ କରୁଛନ୍ତି। ଜିଲାର ବିଭିନ୍ନ ରାସ୍ତାରେ ଗୋଚାଲାଣ ଚାଲିଛି। ଅଧିକାଂଶ ଗୋରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ, ନୂଆ ଜଗନ୍ନାଥ ସଡ଼କ ଓ ଖଣ୍ଡପଡା-ବାଘମାରୀ ରାସ୍ତାରେ ଚାଲାଣ ହେଉଛନ୍ତି। ଯାହାର ପ୍ରମାଣ ଗତ ଜୁନ ୨୫ ତାରିଖ ରାତିରେ ମିଳିଛି। ଖଣ୍ଡପଡ଼ା ଥାନା ବଡବାଣପୁର ଅଞ୍ଚଳର ବାରଖୋଲ ଜଙ୍ଗଲରୁ ଗୋରୁ ବୋଝେଇ ୮ ଟ୍ରକକୁ ସ୍ଥାନୀୟ ଲୋକ ଅଟକ ରଖି କଣ୍ଟିଲୋ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଏହି ଘଟଣା ପରେ ଗୋଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାସ ହୋଇଛି। ପୋଲିସ ଘଟଣାସ୍ଥଳରୁ ୨ଟ୍ରକ ଚାଳକଙ୍କୁ ଅଟକ ରଖିଥିବା ବେଳେ ଅନ୍ୟମାନେ ଖସି ଯାଇଛନ୍ତି। ଏହି ୮ ଟ୍ରକ ଆଗରେ ଓ ପଛରେ ଏସ୍କର୍ଟ କରି ୨ଟି ଗାଡ଼ି ଯାଉଥିବା ଖବର ମିଳିଛି। ଏସ୍କର୍ଟ ଦାୟିତ୍ୱରେ କେତେଜଣ ଗୁଣ୍ଡାଶ୍ରେଣୀୟ ଯୁବକ ରହୁଛନ୍ତି। ସେମାନଙ୍କ ପାଖରେ ବୋମା, ମାରଣାସ୍ତ୍ର ଓ ବନ୍ଧୁକ ରହୁଛି। ଏସକର୍ଟ ଦଳର ସିଗ୍‌ନାଲ ମିଳିବା ପରେ ଗୋରୁ ଟ୍ରକ ଆଗକୁ ବଢ଼େ ବୋଲି ଜଣେ ଗୋଚାଲାଣକାରୀ ନିଜର ନାମ ଗୋପନ ରଖି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, କରୋନା ସମୟରେ ଭଲ ଗୋଚାଲାଣ ହୋଇଛି। ରୋଜଗାର ବଢ଼ିଛି। ପୋଲିସର ଟେନସନ ନାହିଁ। ବେଳେ ବେଳେ ପୋଲିସର ଧରପଗଡ଼ ହେଉଛି। ତଥାପି ଆମକୁ କେହି ରୋକି ପାରୁନାହାନ୍ତି। କାରଣ ଆମର ବିଭିନ୍ନ ସ୍ଥାନରେ ସୂଚନା ପ୍ରଦାନକାରୀ ଅଛନ୍ତି। କେତେକ ଥାନା ଓ ଫାଣ୍ଡି ପୋଲିସକୁ ଆମେ ଖର୍ଚ୍ଚ ବି ଦେଉଛୁ। ଅନ୍ୟପକ୍ଷେ ଚଳିତ ମାସରେ ଶରଣକୁଳ, ରଣପୁର ଓ ଚାନ୍ଦପୁର ଥାନା ପୋଲିସ ଏକାଧିକ ଗୋରୁ ଗାଡି ଜବତ କରିଥିବା ଖବର ମିଳିଛି। ଏ ସଂକ୍ରାନ୍ତରେ ନୟାଗଡ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ଓ ଶରଣକୁଳ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ କୁହନ୍ତି ବେଆଇନ ଗୋଚାଲାଣ ଉପରେ ଆମେ ନଜର ରଖିଛୁ। ବିଭିନ୍ନ ସମୟରେ ଚଢ଼ାଉ କରି ସଫଳ ହୋଇଛୁ।

ସୂଚନାଯୋଗ୍ୟ, ନୟାଗଡ଼ ଏକ କୃଷି ପ୍ରଧାନ ଜିଲା। ଅଧିକାଂଶ ଲୋକ ଗୋରୁ ପାଳନ କରନ୍ତି। କେତେଜଣ ଲୋକ ଗୋବର ଓ କ୍ଷୀର ବିକ୍ରି କରି ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ହେଲେ ଧିରେ ଧିରେ ବଦଳି ଯାଇଛି ଗାଁର ପରିବେଶ। ଗୋରୁ ଚରିବାକୁ ଚାରଣ ଭୂମିର ଅଭାବ ଏବେ ସମସ୍ୟା ହୋଇ ଠିଆ ହୋଇଛି। ଗାଈ ଚରାଳୀ ବି ନାହାନ୍ତି। ଏଥିପାଇଁ ଲୋକେ ଗୋରୁ ବିକ୍ରି କରିବା ଆରମ୍ଭ କରିଛନ୍ତି। ଏହାର ଫାଇଦା ଦଲାଲମାନେ ନେଉଛନ୍ତି। ଗୋ ସମ୍ପଦ କମୁଥିବାବେଳେ ଗୋପାଳନ ପାଇଁ ସରକାର ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ ପ୍ରୋତ୍ସାହନ ରାଶି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି।

# ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଅଚଳ



ବାଇପାସ୍ ରାସ୍ତାରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଅଚଳ ରହିଛି।

**ଖଣ୍ଡପଡ଼ା,୩୦ା୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ଆବଶ୍ୟକ ଅର୍ଥ ପ୍ରଦାନ କରିଛନ୍ତି। ସେହି ଅର୍ଥରେ ସହରର ଗଳିକନ୍ଦି ସମେତ ବାଇପାସ ରାସ୍ତା, ସୁନାମୁହିଁ ପର୍ଯ୍ୟଟନସ୍ଥଳୀ, ଗୋଳାପୋଖରୀ ରାସ୍ତାରେ ନୂତନ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇ ଏଲଇଡି ଲାଇଟର ବ୍ୟବସ୍ଥା କରାଯାଇଥିଲା। ହେଲେ କିଛିଦିନ ହେବ ସେହି ବ୍ୟବସ୍ଥା ଅଚଳ ହୋଇପଡିଛି। ଫଳରେ ସୂର୍ଯ୍ୟ ନଇଁଲେ ବାଇପାସ ରାସ୍ତା ସମେତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟସ୍ଥ ମଣିକର୍ଣ୍ଣିକା ସାହିକୁ ସଂଯୋଗ କରୁଥିବା ରାସ୍ତା ଅନ୍ଧକାର ରହୁଛି। ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି।

# ଅସହାୟ ବ୍ୟକ୍ତିଙ୍କ ପାଇଁ ଆହାର ବ୍ୟବସ୍ଥା

**ଖଣ୍ଡପଡ଼ା,୩୦ା୫(ସ୍ୱ.ପ୍ର.)**

କରୋନା କଟକଣା ସହିତ ସମ୍ପ୍ରତି ତାଲାବନ୍ଦ ଚାଲିଛି। ଏପରି ପରିସ୍ଥିତିରେ ଲୋକେ କାମଧନ୍ଦା ଅଭାବରୁ ଘରେ ବସିଛନ୍ତି। ଫଳରେ ଅସହାୟ ବ୍ୟକ୍ତି, ଭିନ୍ନକ୍ଷମ ଓ ଦିନ ମଜୁରିଆମାନେ ଦିନକୁ ଦୁଇଓଳି ଠିକ୍ ଭାବେ ଖାଇବାକୁ ପାଉନାହାନ୍ତି। ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ୱାର୍ଡରେ ଥିବା ଏପରି ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଏନ୍ଏସି ପକ୍ଷରୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଇଛି। ସେହିପରି ବୁଲା ଗୋରୁ, କୁକୁର ଓ ଅନ୍ୟ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଏନ୍ଏସି କର୍ତ୍ତୃପକ୍ଷ ବ୍ୟବସ୍ଥା କରାଯାଇଛି। ଦାୟିତ୍ୱରେ ଥିବା କର୍ମଚାରୀମାନେ ସାହିକୁ ସାହି ବୁଲି ଖାଦ୍ୟ ଯୋଗାଣ କରୁଛନ୍ତି।



ଜଣେ ଅସହାୟ ବୃଦ୍ଧାଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି।

# ପିଇଓ, ସରପଞ୍ଚ ଭାଇଙ୍କ ସମେତ ୪ଜଣଙ୍କ ନାଁରେ ମାମଲା

## ଗୋଦାମ ଘରୁ ପିଡିଏସ୍ ସାମଗ୍ରୀ ଚୋରି ଘଟଣା

**ନୟାଗଡ଼ ଅଫିସ/ ରଣପୁର,୩୦ା୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗୀ ପଞ୍ଚାୟତ ଗୋଦାମ ଘରୁ ରାତି ଅଧରେ ପିଡିଏସ୍ ସାମଗ୍ରୀ ଚୋରି ଘଟଣାକୁ ନେଇ ବିଳମ୍ବରେ ହେଲେ ବି ମାମଲା ରୁଜୁ ହୋଇଛି। ରଣପୁର ବିଡିଓ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ଅଭିଯୋଗ ପରେ ଚାନ୍ଦପୁର ଥାନା ପୋଲିସ ଏକ ମାମଲା(ନଂ.୭୭/୨୧) ରୁଜୁ କରିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସୁନୀଲ ବେହେରା, ସରପଞ୍ଚ ଜିତେନ୍ଦ୍ର ପ୍ରଧାନଙ୍କ ଭାଇ ଧୀରେନ୍ଦ୍ର ପ୍ରଧାନ, ଚାଉଳ ବେପାରୀ ପୂର୍ଣ୍ଣଚନ୍ଦ୍ର ଦଳେଇ ଓ କେଦାର ସ୍ୱାଇଁଙ୍କ ନାଁରେ ଏହି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଭାଇରାଲ ଭିଡିଓରେ ପିଡିଏସ୍ ସାମଗ୍ରୀ ଚୋରି ବେଳେ ସ୍ଥାନୀୟ କେରେଣ୍ଡାଟାଙ୍ଗୀ ପଞ୍ଚାୟତର ସରପଞ୍ଚଙ୍କ ଭାଇ ଓ ଅନ୍ୟ କେତେଜଣ ଲୋକ ବାଇକ୍‌ରେ ପିଡିଏସ୍ ସାମଗ୍ରୀ ନେଉଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତର ଜଣେ କର୍ମଚାରୀ ମଧ ଘଟଣାସ୍ଥଳରେ ଥିବା ଦୃଶ୍ୟ ରହିଥିଲା। ପଞ୍ଚାୟତର ଖାଉଟିମାନେ ପିଡିଏସ୍ ସାମଗ୍ରୀ ପାଉ ନ ଥିବାବେଳେ ରାତି ଅଧରେ ତାହା ଚୋରି କରାଯାଉଥିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଥିଲା। ପଞ୍ଚାୟତ ଗୋଦାମ ଘରର ଚାବି ନିର୍ବାହୀ ଅଧିକାରୀଙ୍କ ପାଖରେ ଥିଲା। ଏହାପରେ ବି ଚାବି ଖୋଲି ପିଡିଏସ୍ ସାମଗ୍ରୀ ଚୋରି କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ନିର୍ବାହୀ ଅଧିକାରୀ, ପଞ୍ଚାୟତ କର୍ମଚାରୀ ସମେତ ଯୋଗାଣ ବିଭାଗର ଏକାଧିକ କର୍ମଚାରୀ ସଂପୃକ୍ତ ଥିବା ଅଭିଯୋଗ ଉଠିଥିଲା। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଘୂରି ବୁଲିବା ପରେ ନୟାଗଡ଼ ଜିଲାପାଳଙ୍କ ନିକଟରେ ଖାଉଟିମାନେ ଫେରାଦ୍ ହୋଇଥିଲେ। ପରେ ଜିଲାପାଳ ପୋମା ଟୁଡୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଜେନା ଓ ସବ୍‌ଡିଭିଜନାଲ ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ତଦନ୍ତ କରି ରିପୋର୍ଟ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରିବାକୁ ଜିଲାପାଳ ରଣପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଚାନ୍ଦପୁର ପୋଲିସ ଏତଲା ନ ରଖି ବାରମ୍ବାର ଫେରାଇ ଦେଇଥିଲା। ଶେଷରେ ରଣପୁର ବିଡିଓଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରିଛି।

# ଗୋରୁ, କୁକୁରଙ୍କୁ ଖାଦ୍ୟ ବିତରଣ

**ନୟାଗଡ଼ ଅଫିସ/ ରଣପୁର,୩୦ା୫(ସ୍ୱ.ପ୍ର.)**

ଶଟ୍‌ଡାଉନକୁ ଆଖିଆଗରେ ରଖି ସରକାର ସହରାଞ୍ଚଳର ଗୋରୁ, କୁକୁରଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଛନ୍ତି। ହେଲେ କେତେକ ଗ୍ରାମାଞ୍ଚଳରେ ବୁଲୁଥିବା ଗୋରୁ, କୁକୁର ଭୋକିଲା ରହୁଛନ୍ତି। ଏଭଳିସ୍ଥଳେ ରଣପୁର ବ୍ଲକର ଚାନ୍ଦପୁର, କନ୍ଦନୟାଗଡ ଅଞ୍ଚଳରେ ବୁଲା ଗୋରୁଙ୍କୁ କୁଣ୍ଡା,ଚୋକଡ ମିଶା ଖାଦ୍ୟ ଓ କୁକୁରଙ୍କୁ ରନ୍ଧାଭାତ ସହ ଚିକେନ ଖାଇବାକୁ ଦିଆଯାଉଛି। ଶନିବାର ଓ ରବିବାର ଶଟ୍‌ଡାଉନରେ ଯୁବଗୋଷ୍ଠୀ ଏପରି କରୁଛନ୍ତି। ପ୍ରଶାନ୍ତ ବେହେରା, ରଜନୀକାନ୍ତ ମିଶ୍ର, ତାପସ ରଞ୍ଜନ ମାର୍ଥା, ପ୍ରଭାତ ପ୍ରଧାନ, ବିମଳ ବେହେରା, ଗୋପାଳି ନାୟକ ପ୍ରମୁଖ ସାମାଜିକକର୍ମୀ ଓ ଖବରଦାତାମାନେ ବିଭିନ୍ନ ଅଞ୍ଚଳ ବୁଲି ନିଜସ୍ୱ ଖର୍ଚ୍ଚରେ ଖାଦ୍ୟ ଦେଉଛନ୍ତି।



ବୁଲା ଗୋରୁ ଓ କୁକୁରଙ୍କୁ ଖାଇବାକୁ ଦିଆଯାଉଛି।

# ୧୨ ଶାଳ ଲଗ୍ ଜବତ



ଜବତ ହୋଇଥିବା କାଠ।

**ଦଶପଲ୍ଲା,୩୦ା୫(ଡି.ଏନ୍.ଏ.)**

ରବିବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲର ଚିନାପହଁରା ନିକଟରୁ ବନବିଭାଗ କର୍ମଚାରୀମାନେ ୧୨ ଶାଳ ଲଗ୍ ଜବତ କରିଛନ୍ତି। କାଠଗୁଡିକ କଟାଯାଇ ବାହାରକୁ ଚାଲାଣ ପାଇଁ ରଖାଯାଇଥିଲା। ଏ ସଂକ୍ରାନ୍ତରେ କୌଣସି ସୂତ୍ରରୁ ଖବର ପାଇବା ପରେ ବନ ବିଭାଗ କର୍ମଚାରୀମାନେ ସେଠାରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ୧୨ ଲଗ୍ ଜବତ କରାଯାଇଥିଲେ ମଧ୍ୟ କେହି ଗିରଫ ହୋଇନାହାନ୍ତି। ଜବତ କାଠର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ଅଖିଳେଶ ମଲ୍ଲିକ କହିଛନ୍ତି।

# ସରକାରୀ ଜାଗାରୁ ଉଚ୍ଛେଦକୁ ନେଇ ଗୋଷ୍ଠୀ ସଂଘର୍ଷ

## ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ

**ଓଡ଼ଗାଁ,୩୦ା୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା କୋମଣ୍ଡ ଖଟେଇ ସାହିରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଶନିବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗୋଷ୍ଠୀର ୨ଜଣ ଆହତ ହୋଇଛନ୍ତି। ଏହି ଗୋଷ୍ଠୀ ସଂଘର୍ଷ ସମୟର ଏକ ଭିଡିଓ ଭାଇରାଲ ହୋଇଛି। ରାତି ଅନ୍ଧାରରେ ସୁଟିଂ ହୋଇଥିବା ଏହି ଭିଡିଓରେ କୌଣସି ବ୍ୟକ୍ତିଙ୍କୁ ଚିହ୍ନିବା ସମ୍ଭବ ହୋଇନାହିଁ। କେବଳ କେତେଜଣ ବ୍ୟକ୍ତି ଠେଙ୍ଗାବାଡି ଧରି ମାର ଧର କରୁଥିବା ଶୁଭୁଛି।

ସୂଚନା ଅନୁଯାୟୀ, ସେହି ସାହିରେ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ସରକାରୀ ଜାଗାରେ ଘର କରି ରହିଆସୁଥିବା ପ୍ରାୟ ୨୦ ପରିବାରଙ୍କୁ ଉଠାଇବାକୁ ଉଦ୍ୟମ କରାଯାଉଛି। ସେମାନଙ୍କୁ ବିଳମ୍ବିତ ରାତିରେ ସେହି ସ୍ଥାନ ଖାଲିବାକୁ କୁହାଯିବାରୁ ପ୍ରଥମେ ଯୁକ୍ତିତର୍କ ହୋଇଥିଲା। ଏହାପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା ବୋଲି ଥାନାରେ ସୁଶିଳା ବାରିକ ନାମ୍ନୀ ମହିଳା ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ୱାର୍ଡ ମେମ୍ବର ସହଦେବ ନାୟକ ମଧ ଅନୁରୂପ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ସେ ତାଙ୍କ ସାହି ସଭାପତିଙ୍କ ସହିତ ରାତି ୧୦ ରେ ଘରକୁ ଫେରୁଥିଲେ। ହେଲେ ରାସ୍ତାରେ ତାଙ୍କୁ ଜାତିଆଣ ଆକ୍ଷେପ କରାଯିବା ସହିତ ତାଙ୍କୁ ଖଟେଇ ସାହିର କେତେଜଣ ବ୍ୟକ୍ତି ଗାଳିଗୁଲଜ କରିଥିଲେ। ଉଭୟପକ୍ଷେ ଏନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଡିଏଫ୍ଓ ତଦନ୍ତ କରି ଫେରିଲେ, କାଠ ପଡ଼ିଥିବା ଭିଡିଓ ଭାଇରାଲ



ରାସ୍ତା ପାର୍ଶ୍ୱରେ ପଡିଥିବା କଟା ଗଛ।

**ନୟାଗଡ଼ ଅଫିସ,୩୦ା୫**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଦଣ୍ଡୋର କୁରାଳ ରାସ୍ତା ପାର୍ଶ୍ୱରୁ ୫୦ରୁ ଊର୍ଦ୍ଧ୍ୱ ଗଛ କଟା ଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ନୟାଗଡ଼ ଡିଏଫ୍ଓ ଧନରାଜ ଏଚଡି ରବିବାର ତଦନ୍ତ କରି ଫେରିଛନ୍ତି। ଡିଏଫ୍ଓଙ୍କ ତଦନ୍ତ ସମୟରେ କଟା ଯାଇଥିବା ଗଛ ରାସ୍ତା ପାର୍ଶ୍ୱରେ ନ ଥିବା ଜଣାପଡିଥିଲା। ତେବେ ଡିଏଫ୍ଓଙ୍କ ତଦନ୍ତ ପରେ ରାସ୍ତା କଡରେ କଟା ଗଛ ପଡିଥିବା ଭିଡିଓ ଭାଇରାଲ ହୋଇଛି। ଗଛ କାଟିବା ଅଭିଯୋଗକୁ ସ୍ଥାନୀୟ ଲୋକ ଅସ୍ୱୀକାର କରିଛନ୍ତି। ଦଣ୍ଡୋର-କୁରାଳ ରାସ୍ତା ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନରେ ନିର୍ମାଣ ଚାଲିଛି।

# ମହାରାଷ୍ଟ୍ରର ପ୍ରେମିକ ଗିରଫ

## ଯୁବତୀଙ୍କୁ ଏକତରଫା ପ୍ରେମ କରି ଧମକ

**ବ୍ରହ୍ମପୁର ଅଫିସ, ୩୦ା୫**

ଜଣେ ଯୁବତୀଙ୍କୁ ଏକତରଫା ପ୍ରେମକରି ମହାରାଷ୍ଟ୍ରରୁ ଆସି ବ୍ରହ୍ମପୁରରେ ଉନ୍ମତ୍ତକାଣ୍ଡ ଘଟାଇଥିବା ପ୍ରେମିକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବିଶାଲ ଅରୁଣ ସୋନାୱାନେ(୨୬)। ଗୋଷାଣୀ ନୂଆଗାଁ ଥାନା ଅଧିକାରୀ ସୁମିତ କୁମାର ସୋରେନ ସୂଚନା ଅନୁସାରେ, ବିଶାଲ ମୋବାଇଲରେ ଅନ୍‌ଲାଇନ ଗେମ ଖେଳୁଥିବା ବେଳେ ବ୍ରହ୍ମପୁରର ଜଣେ ଯୁବତୀଙ୍କ ସହିତ ପରିଚିତ ହୋଇଥିଲେ। ପରେ ସେ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଯୁବତୀ ଜଣକ କହିଥିଲେ ମଧ୍ୟ ବିଶାଳ ତାଙ୍କ ପିଛା ଛାଡ଼ି ନ ଥିଲେ। ବିଭିନ୍ନ ସମୟରେ ସେ ବ୍ରହ୍ମପୁର ଆସି ଯୁବତୀଙ୍କୁ ହଇରାଣ କରୁଥିଲେ। ଗତ ନଭେମ୍ବର ମାସରେ ଯୁବତୀଙ୍କ ବିବାହ ପରେ ସେ ତାଙ୍କ ସ୍ୱାମୀଙ୍କ ସହିତ ବେଙ୍ଗାଲୁରୁ ପଳାଇଥିଲେ। ତଥାପି ବିଶାଲ ତାଙ୍କୁ ନାନା ହଇରାଣ କରୁଥିଲେ। ଏପରିକି ନକଲି ଫେସ୍‌ବୁକ୍ ଆଇଡି ଖୋଲି ବିଭିନ୍ନ ପ୍ରକାର ଆପତ୍ତିଜନକ ପୋଷ୍ଟ କରିଥିଲେ। ଯୁବତୀ ଜଣକ ଏ ନେଇ ସାଇବର୍ ସେଲ୍‌ରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଆଇଡି ବ୍ଲକ କରିଥିଲା। ଗତ ଫେବୃୟାରୀରେ ଯୁବତୀ ବ୍ରହ୍ମପୁର ଆସିଥିଲେ। ଏହା ଜାଣିବା ପରେ ବିଶାଲ ମଧ ବ୍ରହ୍ମପୁର ଆସି ତାଙ୍କୁ ହଇରାଣ କରିଥିଲେ। ଗତ ଶନିବାର ବିଶାଲ ଯୁବତୀଙ୍କ ଘରକୁ ଯାଇ ଛୁରି ଦେଖାଇ ନାନା ଧମକ ଦେଇଥିଲେ। ଏ ନେଇ ଯୁବତୀ ଜଣକ ରବିବାର ଥାନାରେ ଅଭିଯୋଗ କରିଥିଲେ। ନଂ. ୬୮/୨୧ରେ ମାମଲା ରୁଜୁ କରି ବିଶାଲଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ଆମ୍ବଚାଷୀ ଅଭାବୀ ବିକ୍ରିର ଶିକାର

**ପାରଳାଖେମୁଣ୍ଡି, ୩୦ା୫(ଡି.ଏନ୍.ଏ.)**

ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କାରଣ ଚାଷୀ ରୋଜଗାରକ୍ଷମ ହୋଇପାରିବ। ଚଳିତ ବର୍ଷ ଗଜପତି ଜିଲାରେ ଆମ୍ବ ଉତ୍ପାଦନ ବୃଦ୍ଧି ପାଇଛି। ହେଲେ ଉପଯୁକ୍ତ ବଜାରର ସୁବିଧା ନ ଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ଗତ ଚାରି ବର୍ଷ ହେଲାଣି ଆମ୍ବ କିଣିବା ପାଇଁ ଜିଲାରେ ବିଭିନ୍ନ ସଂସ୍ଥାକୁ ସରକାର ଦାୟିତ୍ୱ ଦେଇଥିଲେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ଦର୍ଶାଇ ସେମାନେ ଚୁପ ରହିଥିବାରୁ ଉତ୍ପାଦିତ ଫଳର ପ୍ରକୃତ ମୂଲ୍ୟ ମୋହନା ବ୍ଲକର ଶହ ଶହ ଆମ୍ବଚାଷୀଙ୍କୁ ମିଳୁନାହିଁ। ଚଳିତବର୍ଷ ମୋହନା ବ୍ଲକର ବିଭିନ୍ନ ସ୍ଥାନରେ ଉନ୍ନତ କିସମର ଆମ୍ବ ଉତ୍ପାଦନ ବୃଦ୍ଧି ପାଇଛି। ବ୍ଲକର ଆକିଲି, ଶିକୁଲିପଦର, ପିଣ୍ଡିକି, ମଳାସପଦର ଆଦି ଅଞ୍ଚଳରେ ଦଶ ହଜାରରୁ ଅଧିକ ଆମ୍ବଗଛ ରହିଛି। ଏଥର ଉତ୍ପାଦନ ଭଲ ହୋଇଥିବାରୁ ଚାଷୀମାନେ ଭଲ ରୋଜଗାର କରିବା ଆଶା କରିଥିଲେ। ହେଲେ କରୋନା ଯୋଗୁ ତାଲାବନ୍ଦ ଥିବାରୁ ଉପଯୁକ୍ତ ବଜାରର ସୁବିଧା ହୋଇ ପାରୁନାହିଁ। ବଜାରରେ ବିଭିନ୍ନ କିସମର ଆମ୍ବ କିଲୋ ପ୍ରତି ଦର ପ୍ରାୟ ୫୦ ଟଙ୍କାରୁ ଊର୍ଦ୍ଧ୍ୱରେ ବିକ୍ରି ହେଉଥିବା ବେଳେ ବାହାରୁ କୌଣସି ବ୍ୟବସାୟୀ ଆସୁନଥିବା ହେତୁ କିଲୋ ପ୍ରତି ୧୦-୧୫ ଟଙ୍କା ମୂଲ୍ୟରେ ବିକ୍ରି କରୁଥିବା କହୁଛନ୍ତି ଆମ୍ବଚାଷୀ। ମୋହନା ଅଞ୍ଚଳର ମୁଖ୍ୟତଃ ଆକିଲି ଓ ଗୋବିନ୍ଦପୁର ଗ୍ରାମର କୃଷକମାନେ ଆମ୍ବ ବ୍ୟତୀତ ଋତୁକାଳୀନ ପନିପରିବା ଉତ୍ପାଦନ କରୁଥିବା ବେଳେ ଶୀତଳଭଣ୍ଡାରର ସୁବିଧା ନାହିଁ। ଫଳରେ ଉତ୍ପାଦିତ ପନିପରିବା ଖରାପ ହେବା ଭୟରେ ଅତି କମ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି ଚାଷୀ।



୫ ବର୍ଷ ତଳେ ପାରଳାଖେମୁଣ୍ଡିର ଦେବଗିରି ପ୍ରସ୍ତୁସର ନାମକ ସଂସ୍ଥାକୁ ଆମ୍ବ ଚାଷୀଙ୍କଠାରୁ କିଣିବାକୁ ସରକାରଙ୍କ ଅନୁମୋଦନ ହୋଇଥିବା ବେଳେ ଦିନେ ହେଲେ ଆମ୍ବ କିଣୁନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ମୋହନାର ତପ୍ତପାଣି ଫାର୍ମର୍ସ ପ୍ରସ୍ତୁସର କମ୍ପାନୀ ବିଭିନ୍ନ ଚାଷୀଙ୍କଠାରୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ଉତ୍ପାଦିତ ଆମ୍ବ ଓ ବିଭିନ୍ନ ଶସ୍ୟ କିଣିବାକୁ ଲାଇସେନ୍ସ ପାଇଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଆମ୍ବ କିଣାଯାଇପାରୁନଥିବା କମ୍ପାନୀର କର୍ମଚାରୀ ଅଜିତ କୁମାର ସାହୁ କହିଛନ୍ତି। ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଚାଷୀମାନେ ବିଶେଷ ଲାଭବାନ୍ ହୋଇପାରିବେ।